* Vol.- 46, Issue No. 110
* Monday, 20 July 2026
* ସୋମବାର, ୨୦ ଜୁଲାଇ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

* https://www.facebook.com/dinalipilive
* www.youtube.com/@dinalipilive
* https://www.dinalipi.com
* https://www.dinalipiepaper.com
* https://www.dinalipi.in
* twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ପ୍ରକୃତି ରଚିଲା ତାଣ୍ଡବ

* ଜମ୍ମୁ କାଶ୍ମୀରରେ ବାଦଲଫଟା ବର୍ଷା, ୧୭ ମୃତ
* ସୁରନକୋଟ ତହସିଲ ସବୁଠୁ ଅଧିକ କ୍ଷତିଗ୍ରସ୍ତ



ରାଜୌରୀ/ଜମ୍ମୁ, ୧୯ ।୭: ଶନିବାର ଏବଂ ରବିବାର ମଧ୍ୟବର୍ତ୍ତୀ ରାତିରେ ପିର ପଞ୍ଜାଲ ଅଞ୍ଚଳରେ ବାଦଲଫଟା ବର୍ଷା ଆସିବା ଫଳରେ ଜମ୍ମୁ ଏବଂ କାଶ୍ମୀରର ପୁଞ୍ଚ ଏବଂ ରାଜୌରୀ ଜିଲ୍ଲାରେ ଅତି କମରେ ୧୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ନିଖୋଜ ହୋଇଛନ୍ତି। ମୂଷଳଧାରାରେ ବର୍ଷା ଯୋଗୁଁ ଦୁଇ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଭୂସ୍ଖଳନ ଏବଂ ବନ୍ୟା ସୃଷ୍ଟି ହୋଇଥିଲା। ପୁଞ୍ଚ ଜିଲ୍ଲାର ସୁରନକୋଟ ତହସିଲ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ହୋଇଛି, ଯେଉଁଠାରେ ଅଧିକାଂଶଙ୍କ ମୃତ୍ୟୁ ଘଟିଛି। ପୁଞ୍ଚ ଜିଲ୍ଲାର ଜଣେ ଉଚ୍ଚ ପୋଲିସ ଅଧିକାରୀଙ୍କ ସୂଚନା ମୁତାବକ ଯେ ସେମାନେ ଏପର୍ଯ୍ୟନ୍ତ ୧୬ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ସକାଳେ ରାଜୌରୀ ଜିଲ୍ଲାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଞ୍ଚରେ ଗତ ୨୪ ଘଣ୍ଟା ମଧ୍ୟରେ ୭୭ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ରାଜୌରୀରେ ୧୦୩ ମିମି ବର୍ଷା ରେକର୍ଡ କରାଯାଇଛି।ରବିବାର ପ୍ରତ୍ୟୁଷରେ ସୁରନକୋଟର ଲୋୟର ମୁରାହ ଗାଁରେ ଏକ ଘର ଉପରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଘଟି ସମସ୍ତ ୮ ଜଣ ଭଗ୍ନାବଶେଷ ତଳେ ପୋତି ହୋଇ ପ୍ରାଣ ହରାଇଛନ୍ତି। ମୃତକମାନେ ଗୋଟିଏ ପରିବାରର ବୋଲି କୁହାଯାଇଛି।

## ନାଗାଲ୍ୟାଣ୍ଡରେ ଭୂସ୍ଖଳନ: ୮ ମୃତ

### ଜୀବିତ ଲୋକଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି



କୋହିମା, ୧୯ ।୭: ନାଗାଲ୍ୟାଣ୍ଡର ମୋନ ସହରରେ ରବିବାର ଘଟିଛି ଭୟଙ୍କର ଭୂସ୍ଖଳନ। ଏଥିରେ ୧୩ଟି ଘର ଭୁଶୁଡ଼ି ଯାଇଥିବା ବେଳେ ୮ ଜଣଙ୍କ ମୃତ୍ୟୁ ଘଟିଛି, ୧୨ ଜଣ ଆହତ ହୋଇଛନ୍ତି। ଅନ୍ୟପଟେ ଲଗାତାର ବର୍ଷା, ଦୁର୍ବଳ ପାହାଡ଼ିଆ ଢାଲୁ ଏବଂ ପ୍ରଖର ଜଳସ୍ରୋତ ଯୋଗୁଁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇ ପଡ଼ିଥିବା ବେଳେ ଧ୍ୱଂସାବଶେଷ ତଳେ ଆଉ କେତେକ ଫସି ରହିଥିବା ଆଶଙ୍କା କରାଯାଉଛି। ଆସାମ ରାଇଫଲ୍ସ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ନାଗାଲ୍ୟାଣ୍ଡ ପୁଲିସର ଉଦ୍ଧାରକାରୀ ଦଳ ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ରବିବାର ସକାଳେ ଆସାମ ରାଇଫଲ୍ସ କ୍ୟାମ୍ପର ତଳ ଅଞ୍ଚଳରେ ଏହି ଭୟଙ୍କର ଭୂସ୍ଖଳନ ଘଟିଥିଲା। ପକ୍କା ଘର ସମେତ ୧୦ରୁ ଅଧିକ ଘର ଭୂସ୍ଖଳନ ଯୋଗୁଁ ଭୁଶୁଡ଼ିବା ପରେ ମାଟି ତଳେ ପୋତି ହୋଇଯାଇଛି। ଘଣ୍ଟା ଘଣ୍ଟା ଧରି ପ୍ରବଳ ବର୍ଷା ହେବା ଯୋଗୁଁ ସହରର କେତେକ ଅଞ୍ଚଳ ଜଳମଗ୍ନ ହୋଇ ପଡ଼ିଥିବା ବେଳେ ଭୂସ୍ଖଳନ ଯୋଗୁଁ ପ୍ରମୁଖ ରାସ୍ତାଗୁଡ଼ିକ ଅବରୋଧ ହୋଇଯାଇଛି। ଲଗାତାର ବର୍ଷା, ନୂଆ ଭୂସ୍ଖଳନ ଏବଂ ଦ୍ରୁତ ଜଳପ୍ରବାହ ଯୋଗୁଁ ଜରୁରୀକାଳୀନ ଦଳ ପାଇଁ ପ୍ରଭାବିତ ଅଞ୍ଚଳରେ ପହଞ୍ଚିବା କଷ୍ଟକର ହୋଇପଡ଼ିଛି। ଦୁର୍ଗମ ପରିବେଶ ଯୋଗୁଁ ଉଦ୍ଧାର କାର୍ଯ୍ୟ ମନ୍ଥର ହୋଇଛି, ତଥାପି ମାଟି ଓ ପଥର ତଳେ ଚାପି ହୋଇ ରହିଥିବା ଜୀବିତ ଲୋକଙ୍କୁ ଖୋଜିବା ପାଇଁ ଟିମ୍‌ଗୁଡ଼ିକ ଚେଷ୍ଟା ଚଳାଇଛନ୍ତି।

## ଆଜିଠୁ କମ୍ପିବ ସଂସଦ

### ବହୁ ପ୍ରସଙ୍ଗ ନେଇ ଘେରିବେ ବିରୋଧୀ



ନୂଆଦିଲ୍ଲୀ, ୧୯ ।୭:ରବିବାର ସଂସଦ ଭବନରେ ସର୍ବଦଳୀୟ ବୈଠକ ବସିଥିଲା । ସଂସଦର ଉଭୟ ଗୃହ କାର୍ଯ୍ୟ ସୁରୁଖୁରୁରେ ଚଳାଇବା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ନେଇ ରାଜନୈତିକ ଦଳଗୁଡ଼ିକଠାରୁ ସହଯୋଗ ଲୋଡ଼ିଛନ୍ତି ସରକାର। ଅଧିବେଶନରେ କେନ୍ଦ୍ର ସରକାର ୫ଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ଆଗତ କରିପାରନ୍ତି। ସେଗୁଡ଼ିକ ହେଲା ଆୟକର ସଂଶୋଧନ ବିଲ୍, ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଓ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଜାତୀୟ ସମ୍ମାନର ଅପମାନ ନିବାରଣ ସଂଶୋଧନ ବିଲ୍ ୨୦୨୬ ଓ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଲ୍ ସଂଶୋଧନ ଆଗତ ହୋଇପାରେ। ଏହି ମୌସୁମୀ ଅଧିବେଶନ ଜୁଲାଇ ୨୦ ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ପତ୍ର ଲିକ୍, କର୍ମୀ ସୋନମ ୱାଙ୍ଗଚୁକଙ୍କ ପ୍ରତିବାଦ, ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଚୋରି ଅଭିଯୋଗ, ଇନ୍ଧନରେ ଇଥାନଲ୍ ମିଶ୍ରଣ ଏବଂ ବୈଦେଶିକ ନୀତି ଭଳି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ଚେଷ୍ଟା କରୁଥିବାରୁ ସୋମବାର ସଂସଦର ମୌସୁମୀ ଅଧିବେଶନ କଂପିପାରେ ବୋଲି କୁହାଯାଉଛି।

## ସ୍ୱାଭାବିକ ବୃଷ୍ଟିପାତଠାରୁ ୧୪ ପ୍ରତିଶତ ଅଧିକ

ଭୁବନେଶ୍ୱର, ୧୯ ।୭: ଚଳିତ ମୌସୁମୀରେ ଜୁନ୍ ୧ ତାରିଖ ଠାରୁ ଜୁଲାଇ ୧୯ ତାରିଖ ସୁଦ୍ଧା ରାଜ୍ୟରେ ହାରାହାରି ୪୬୩.୮ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଯାହାକି ରାଜ୍ୟରେ ସ୍ୱାଭାବିକ୍ ବୃଷ୍ଟିପାତ ଠାରୁ ୧୪ ପ୍ରତିଶତ ଅଧିକ ରହିଛି । ଏହି ଅବଧି ମଧ୍ୟରେ ରାଜ୍ୟରେ ସ୍ୱାଭାବିକ୍ ବୃଷ୍ଟିପାତ ୪୦୫.୫ ମି.ମି. ରହିଥାଏ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି। ।

## ଗଣତି-ମଣତି ଶେଷ: ୯ ରତ୍ନ ଅଳଙ୍କାରର ହେଲା ଯାଞ୍ଚ

ପୁରୀ, ୧୯ ।୭ (ନି ପ୍ର): ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଦୁର୍ଲଭ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଶେଷ ହୋଇଛି । ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଅଳଙ୍କାର ଓଲାଗି ପରେ ଆଜି କରାଯାଇଥିଲା ଗଣତି ମଣତି। ଦିନ ୧୧ଟା ୩୬ ମିନିଟରେ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା । ସୁନା



ଚିତା, ରାହୁ ରେଖା, ରୂପା ରସିକ ଶୁଆ ଥଣ୍ଟିଆର ଗଣତି ମଣତି କରାଯାଇଛି। ଖଟଶେଜ ଘରେ କରାଯାଇଥିଲା ସମସ୍ତ କାର୍ଯ୍ୟ । ଝୋବାର ଗଣତି ମଣତି କାର୍ଯ୍ୟ ହୋଇନାହିଁ । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ମହାପ୍ରଭୁଙ୍କ ୯ଟି ଦୁର୍ଲଭ ଶ୍ରୀଅଙ୍ଗ ଲାଗି ଅଳଙ୍କାର ଗଣତି ଓ ମେଳକ କାର୍ଯ୍ୟ କରାଯାଇଛି । ଏବେବି ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଝୋବା କଣ୍ଠୀର ଗଣତି ମଣତି କାର୍ଯ୍ୟ ହୋଇପାରିନାହିଁ । ନୀଳାଦ୍ରି ବିଜେ ପୂର୍ବରୁ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗି ୯ଟି ଅଳଙ୍କାରର ଗଣତି ଓ ମେଳକ କରାଯାଇଛି । ଶ୍ରୀଜିଉଙ୍କ ଅଣ୍ଟା ପଟି ବା ରୁପାରସିକ ଶୁଆ ଥଣ୍ଟିଆ ତିନୋଟି, ରାହୁ ରେଖା ୩ଟି, ରତ୍ନ ଚିତା ତିନୋଟିର ଗଣତି ଓ ମେଳକ ହୋଇଛି । ସମସ୍ତ ଅଳଙ୍କାରର ଓଜନ ମାପ ପରେ ଥ୍ରୀଡି ମ୍ୟାପିଂ, ଭିଡିଓଗ୍ରାଫି ସହ ରତ୍ନ ବିଶାରଦମାନଙ୍କ ଦ୍ୱାରା ମୂଲ୍ୟବାନ ରତ୍ନ ଗୁଡିକର ଚିହ୍ନଟ କରାଯାଇଥିଲା । ଖଟ ଶେଯ ଘରେ ଏହି ମୂଲ୍ୟବାନ ଅଳଙ୍କାର ସବୁର ଗଣତି ଓ ମେଳକ କାର୍ଯ୍ୟ ହୋଇଥିଲା । ଏ ସମସ୍ତ ଅଳଙ୍କାର ଚଳନ୍ତି ଭଣ୍ଡାରର ଅଂଶ ବିଶେଷ ହୋଇଥିଲେ ହେଁ ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏହାର ଗଣତି କରାଯାଇ ପାରିନଥିଲା । ତେବେ ସ୍ନାନ ପୂର୍ଣ୍ଣିମା ପରେ ରାହୁ ରେଖା, ଚିତା, ଅଣ୍ଟା ପଟି ଓଲାଗି ହୋଇଥିବା ବେଳେ ନୀଳାଦ୍ରି ବିଜେ ପୂର୍ବରୁ ଏହି ଅଳଙ୍କାର ସବୁର ଗଣତି କାର୍ଯ୍ୟ ହୋଇଛି। ତେବେ ଶ୍ରୀଜିଉଙ୍କ ଝୋବାକଣ୍ଠୀ ଏବେ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏହାର ଗଣତି ହୋଇ ପାରିନାହିଁ । ରବିବାର ପୂର୍ବାହ୍ନ ୧୧ଟା ୩୧ରୁ ଗଣତି କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୧ଟା ୫୮ ମିନିଟ୍ ପର୍ଯ୍ୟନ୍ତ ଦୁର୍ଲଭ ଅଳଙ୍କାରର ଗଣତି ହୋଇଥିଲା । ପ୍ରାୟ ୨ ଘଣ୍ଟା ୨୭ ମିନିଟ୍ ଗଣତି ମଧ୍ୟରେ ୯ଟି ଯାକ ଅଳଙ୍କାରର ଗଣତି, ଓଜନ, ଭିଡିଓ ଗ୍ରାଫି, ଥ୍ରୀଡି ମ୍ୟାପିଙ୍ଗ କାର୍ଯ୍ୟ ଶେଷ ହୋଇଥିଲା ।

## ନିର୍ମାଣ ହେବ ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ

ଭୁବନେଶ୍ୱର, ୧୯ ।୭: ଓଡ଼ିଶାର ଉପକୂଳବର୍ତ୍ତୀ କ୍ଷେତ୍ର ଏକ ପ୍ରମୁଖ ପରିବର୍ତ୍ତନ ଅପେକ୍ଷାରେ ରହିଛି। ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ ନିର୍ମାଣ ହେବାକୁ ଯାଉଛି। ୧୬୦.୧୮କିମି ଲମ୍ବା ଏହି ରାଜପଥ ରାଜ୍ୟର ଉପକୂଳ ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମିକୁ ନୂଆ ରୂପ ଦେବ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ ମୋଟ୍ ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ରାଜପଥ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲା ଦେଇ ଅତିକ୍ରମ କରିବ। ଏହାଦ୍ୱାରା ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ, ଧାର୍ମିକ, ପର୍ଯ୍ୟଟନ ଏବଂ ଆର୍ଥିକ ବିକାଶ କେନ୍ଦ୍ରଗୁଡ଼ିକ ମଧ୍ୟରେ ଗମନାଗମନ ସୁଗମ ହେବ ।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ଦର୍ଶନ ଆରମ୍ଭ

* ଶ୍ରଦ୍ଧାଳୁ ପାଇଲେ ଆଡପ ଅବଢ଼ା
* ବନକଲାଗି ନୀତି ଯୋଗୁଁ ସାଧାରଣଦର୍ଶନ ବନ୍ଦ

ପୁରୀ, ୧୯ ।୭(ନିପ୍ର): ଶନିବାର ରାତି ଏଗାରଟା ପରେ ଚତୁର୍ଦ୍ଧାମୂର୍ତ୍ତି ରଥ ଉପରୁ ଗୋଟି ପହଣ୍ଡିରେ ଯାଇ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ବିଜେ କରିଛନ୍ତି । ଆଜି ନୀତିକାନ୍ତି ଶେଷ ହେବାପରେ ଭକ୍ତ ମାନଙ୍କୁ ଆଡପ ଦର୍ଶନ ଦେଉଛନ୍ତି ମହାବାହୁ । ଅପରାହ୍ନରେ ଭକ୍ତମାନେ ଆଡପ ଅଭଡ଼ା ପାଇଛନ୍ତି । ରାତିରେ ହେରାପଂଚମୀ ପାଇଁ ବନକ ଲାଗି ହୋଇଛନ୍ତି ମହାପ୍ରଭୁ ।ଜନ୍ମବେଦୀରେ ମହାପ୍ରଭୁ । ଆଜିଠାରୁ ଆଡ଼ପ ଦର୍ଶନ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀଗୁଣ୍ଡିଚା ମନ୍ଦିରରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା । ଅପରାହ୍ନରେ ବାହାରିଛି ଆଡ଼ପ ଅଭଡ଼ା । ରାତିରେ ହେରାପଂଚମୀ ପାଇଁ ଶ୍ରୀଜିଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି । ବନକଲାଗି ପାଇଁ ରାତି ୯ଟା ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଡପ ଦର୍ଶନ ବନ୍ଦ



ରହିଛି । ଆଷାଢ଼ ଶୁକ୍ଳ ପଂଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଅନୁଷ୍ଠିତ ହୋଇଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ରାତ୍ର ୯ଟା ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । ବିଶ୍ୱାସ ରହିଛି କି, ମହାପ୍ରଭୁଙ୍କର ବର୍ଷ ତମାମ ରତ୍ନବେଦୀରେ ଯେତେ ଦର୍ଶନ କଲେ ବି ବର୍ଷକୁ ଥରେ ରଥଯାତ୍ରାରେ ଆଡପ ମଣ୍ଡପ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ । ମହାପ୍ରଭୁଙ୍କର ଆଡପ ଅବଢା ପାଇବା ବି ଭାଗ୍ୟର କଥା । ତେବେ ଏଠାରେ ଆଉ ଏକ ପରମ୍ପରା ରହିଛି କି ଶ୍ରାଦ୍ଧ ଦେବାର ପରମ୍ପରା । ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରି ଗୁଣ୍ଡିଚା ମନ୍ଦିରରେ ଆଡପମଣ୍ଡପ ଦର୍ଶନ ପରେ ବ୍ରାହ୍ମଣଙ୍କୁ ଅବଡା ଦେଲେ ପିତୃପୁରୁଷ ମୋକ୍ଷ ପ୍ରାପ୍ତି ହୁଅନ୍ତି ବୋଲି ବିଶ୍ୱାସ ରହିଛି। ତା' ସହ ମହାପ୍ରଭୁଙ୍କର ଏହା ହେଉଛି ବୃନ୍ଦାବନ ଲୀଳା । ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି । ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ବ୍ୟାରିକେଡ୍‌ରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ନାକଚଣାଦ୍ୱାର ଦେଇ ପ୍ରସ୍ଥାନ କରିଛନ୍ତି।

## ଅଣ୍ଡା ଦର ଉପରମୁହାଁ, ହେଲା ୯ଟଙ୍କା

ଭୁବନେଶ୍ୱର, ୧୯ ।୭: ରୋଷେଇ ଘର ବଜେଟ୍‌କୁ ଆଉ ଏକ ଶକ୍ତ ଧକ୍କା ଲାଗିଛି। ବଜାରରେ ହଠାତ୍ ଅଣ୍ଡା ଦର ଉପରମୁହାଁ ହୋଇଛି। କିଛି ଦିନ ତଳେ ଖୁଚୁରା ବଜାରରେ ଗୋଟିଏ ଅଣ୍ଡାର ଦାମ୍ ୭ ଟଙ୍କା ୧୫ ପଇସା ଥିବା ବେଳେ, ଏବେ ତାହା ସିଧାସଳଖ ୨ ଟଙ୍କା ବୃଦ୍ଧି ପାଇ ୯ ଟଙ୍କାରେ ପହଞ୍ଚିଛି। କେବଳ ଖୁଚୁରା ନୁହେଁ, ପାଇକାରୀ ବଜାରରେ ମଧ୍ୟ ଅଣ୍ଡା ଟ୍ରେ ଦର ବହୁ ପରିମାଣରେ ବଢ଼ିଯାଇଛି। ପୂର୍ବରୁ ଗୋଟିଏ ଅଣ୍ଡା ଟ୍ରେ' ୧୮୦ ଟଙ୍କା ଥିବା ବେଳେ ଏବେ ଗ୍ରାହକଙ୍କୁ ସେଥିପାଇଁ ୨୭୦ ଟଙ୍କା ଗଣିବାକୁ ପଡୁଛି। ଅଣ୍ଡା ଦରରେ ଏଭଳି ଅପ୍ରତ୍ୟାଶିତ ବୃଦ୍ଧିକୁ ନେଇ ସାଧାରଣ ଗ୍ରାହକ ଚିନ୍ତାରେ ପଡ଼ିଛନ୍ତି। ଅଣ୍ଡା ଦାମ୍ ବୃଦ୍ଧି ପାଇବା ପଛର ପ୍ରକୃତ କାରଣ ସ୍ପଷ୍ଟ କରିଛନ୍ତି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀଙ୍କ କହିବା ଅନୁଯାୟୀ, ବ୍ୟବସାୟୀମାନେ ପ୍ରାୟ ୭ ଟଙ୍କା ୧ ପଇସା ଦରରେ ଅଣ୍ଡା ପଠାଉଥିବା ବେଳେ ଖୁଚୁରା ବଜାରରେ ଏହା ପାଖାପାଖି ୯ ଟଙ୍କାରେ ବିକ୍ରି ହେଉଛି। ଏହାର ମୁଖ୍ୟ କାରଣ ହେଉଛି ବିଶ୍ୱସ୍ତରରେ ଅଣ୍ଡାର ଚାହିଦା ବୃଦ୍ଧି ପାଇବା ସହ ଭାରତରୁ ରପ୍ତାନିର ପରିମାଣ ଯଥେଷ୍ଟ ବଢ଼ିଛି।

## ଆସୁଛି ଆଉ ଏକ ଲଘୁଚାପ ୨୨ରୁ ୨୫ ଯାଏଁ ରାଜ୍ୟରେ ପ୍ରବଳ ବର୍ଷିବ !

ଭୁବନେଶ୍ୱର, ୧୯।୭: ଚଳିତ ମାସ ୨୩-୨୪ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଯାହାର ପ୍ରଭାବରେ ୨୨ରୁ ୨୫ ତାରିଖ ଯାଏଁ ଓଡ଼ିଶାରେ ପ୍ରବଳ ବର୍ଷିବ। ଆରବସାଗର ଆଡୁ ପ୍ରଚୁର ଜଳୀୟ ବାଷ୍ପପୂର୍ଣ୍ଣ ପଶ୍ଚିମା ପବନ ଓଡ଼ିଶା ଆଡ଼କୁ ବହିବା ଆରମ୍ଭ କରିଛି। ବର୍ତ୍ତମାନ ବାୟୁମଣ୍ଡଳରେ ଜଳୀୟ ବାଷ୍ପର ମାତ୍ରା ପ୍ରାୟ ୮୦ରୁ ୯୦ ପ୍ରତିଶତ ଭିତରେ ରହିଛି। ଯଦିଓ ପୂର୍ବ ସିଷ୍ଟମ ବର୍ତ୍ତମାନ ଦୁର୍ବଳ ହୋଇଯାଇଛି । ତଥାପି ମୌସୁମୀ ସମୟରେ ଅଧିକ ଜଳୀୟ ବାଷ୍ପ ସାଙ୍ଗକୁ ସ୍ଥାନୀୟ ତାପମାତ୍ରା ବୃଦ୍ଧି ଯୋଗୁଁ ମେଘ ଘନୀଭୂତ ହେଉଛି। ଫଳରେ ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷାର ସମ୍ଭାବନା ସବୁଠୁ ଅଧିକ ରହିଛି। ବିଶେଷ କରି ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼ ସମେତ ଉତ୍ତର ଓଡ଼ିଶାର କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହୋଇପାରେ। ସୋମବାର ଉପକୂଳରେ ବର୍ଷା କମିବ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷାର ପରିମାଣ ସାମାନ୍ୟ ବଢ଼ିବ। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଜୁଲାଇ ଶେଷ ସପ୍ତାହରେ ଓଡ଼ିଶାରେ ବର୍ଷାର ଅଭାବ ରହିବ ନାହିଁ। ଆସନ୍ତା ୨୩ କିମ୍ବା ୨୪ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସୀମାନ୍ତରେ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଦୁଇ ଦିନରେ ତାପମାତ୍ରା ବଢ଼େ, ତେବେ ଲଘୁଚାପ ଆହୁରି ଘନୀଭୂତ ହୋଇପାରେ।

॥ ୧,୧୦୯ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲା ॥

## ଗୁପ୍ତା ପାୱାରରେ ସିବିଆଇ ଚଢ଼ାଉ

### ୪ ରାଜ୍ୟର ୬ ସ୍ଥାନରେ ତଲାସି

ନୂଆଦିଲ୍ଲୀ, ୧୯ ।୭: ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର୍ ଲିମିଟେଡ ସହିତ ଜଡିତ ୧,୧୦୯ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ ଚାରିଟି ରାଜ୍ୟର ଛଅଟି ସ୍ଥାନରେ ଚଢାଉ କରିଛି। 'ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଏବଂ ଉତ୍ତରାଖଣ୍ଡରେ ଶନିବାର କରାଯାଇଥିବା ତଲାସି, ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଦ୍ୱାରା ଜାରି ୱାରେଣ୍ଟ ଅନୁଯାୟୀ କରାଯାଇଥିଲା,' ସଂସ୍ଥା କହିଛି। ଏହି ମାମଲା କମ୍ପାନୀ ଦ୍ୱାରା ଉପଲବ୍ଧ ପାଣ୍ଠି-ଭିତ୍ତିକ ଏବଂ ଅଣ-ତଣ୍ଡ-ଭିତ୍ତିକ ଋଣ ସୁବିଧା ଉପରେ ରାଷ୍ଟ୍ରାୟତ୍ତ କାନାରା ବ୍ୟାଙ୍କ ବିରୁଦ୍ଧରେ କଥିତ ଠକେଇ ସହିତ ଜଡିତ ବୋଲି କୁହାଯାଇଛି। ଏଜେନ୍ସି ଅଭିଯୋଗ କରିଛି ଯେ ଅଭିଯୁକ୍ତମାନେ ଷ୍ଟକ୍ ମୂଲ୍ୟାଙ୍କନ ହେରଫେର କରିଥିଲେ ଏବଂ ବାଣିଜ୍ୟ ପ୍ରାପ୍ୟକୁ ବୃଦ୍ଧି କରିଥିଲେ, ବର୍ଦ୍ଧିତ କ୍ରେଡିଟ୍ ସୀମା ସୁରକ୍ଷିତ କରିବା ପାଇଁ ଆର୍ଥିକ ବିବରଣୀକୁ ଜାଲିଆତି କରିଥିଲେ, ଋଣ ପାଣ୍ଠିକୁ ଅନ୍ୟତ୍ର ବ୍ୟବହାର କରିଥିଲେ ଏବଂ ଡିଫଲ୍ଟ ଲୁଚାଇବା ପାଇଁ ଆକାଉଣ୍ଟଗୁଡ଼ିକୁ 'ସଦାପ୍ରସ୍ତୁତ' କରିଥିଲେ, ଫଳରେ ବ୍ୟାଙ୍କକୁ ଭୁଲ କ୍ଷତି ହୋଇଥିଲା। ତଲାସି ହୋଇଥିବା ସ୍ଥାନଗୁଡ଼ିକରେ ଭୁବନେଶ୍ୱରରେ ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚରର ଚାରି ଜଣ ନିର୍ଦ୍ଦେଶକଙ୍କ ବାସଭବନ, କୋଲକାତାରେ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ଉତ୍ତରାଖଣ୍ଡର କାଶୀପୁର, ତାମିଲନାଡୁର ତିରୁଭଲ୍ଲୁର ଏବଂ ଭୁବନେଶ୍ୱରରେ ଉତ୍ପାଦନ ୟୁନିଟ୍ ଅନ୍ତର୍ଭୁକ୍ତ।ତଲାସି ସମୟରେ ଅପରାଧିକ କାଗଜପତ୍ର ଜବତ କରାଯାଇଥିଲା, ଏହା ସହିତ ତଦନ୍ତ ଜାରି ରହିଛି ବୋଲି କୁହାଯାଇଛି।



# ତୁଳସୀଦାସ ଜଗନ୍ନାଥଙ୍କୁ ଦର୍ଶନ କଲେ କେମିତି

ଥରେ ତୁଳସୀଦାସ ଭଗବାନ ଜଗନ୍ନାଥଙ୍କ ଦର୍ଶନ କରିବାକୁ ପୁରୀ ଗଲେ । ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିକରି ପ୍ରସନ୍ନ ମନରେ ଭିତରକୁ ଗଲେ । ଜଗନ୍ନାଥ ଧାମରେ ଜଗନ୍ନାଥଙ୍କ ଦର୍ଶନ କରିକି ସେ ନିରାଶ ହୋଇଗଲେ ଆଉ ବିଚାର କରିବାକୁ ଲାଗିଲେ କି ଏହି ବିନା ହାତ-ଗୋଡ଼ ବାଲା କାଠର ବିଗ୍ରହ ଆମର ଇଷ୍ଟ ହେଇ ପାରିବେନାହିଁ ? ଆମର ଇଷ୍ଟଙ୍କର ହାତ ତ ଧନୁର ବାଣ ଅଟେ ଆଉ ବକ୍ଷ ସ୍ଥଳ ଯେମିତି ସିଂହର ପରି ଚୌଡା ଅଟେ ଆଉ ଲମ୍ବାଭୁଜା ।

ବାହାରକୁ ଆସିକରି ସେ ଗୋଟିଏ ବୃକ୍ଷ ତଳେ ବସି ପଡିଲେ । ଆଉ ଭାବିବାକୁ ଲାଗିଲେ ଯେ ଏତେ ଦୂରରୁ ଆସିକରି ମୋର ସମୟଗୁଡ଼ାକ ବ୍ୟର୍ଥ ହୋଇଗଲା । କ'ଣ ଗୋଲାକାର ନେତ୍ରବାଲା ହସ୍ତ ପାଦ ବିହୀନ ଦାରୁ ଦେବ ମୋର ରାମ ହୋଇ ପାରିବେ ? କଦାପି ନୁହେଁ । ଏମିତି ଚିନ୍ତା କରି କରି ରାତି ହେଇଗଲା,ଭୋକ ଓପାସରେ ତୁଳସୀଦାସ ବହୁତ ଦୁର୍ବଳ ହୋଇ ଯାଇଥିଲେ । ଅଚାନକ ଦୂରରୁ ଗୋଟିଏ ଶବ୍ଦ ଶୁଭିଲା । ସେ ଧ୍ୟାନର ସହିତ



ଶୁଣିବାକୁ ଲାଗିଲେ,ଆରେ ବାବା ! ଏଠାରେ ତୁଳସୀଦାସ କିଏ ଅଛନ୍ତି କି ? ଜଣେ ବାଳକ ହାତରେ ପ୍ରସାଦ ଭାତର ଥାଳି ନେଇକରି ଆସି ଡାକୁଥିଲେ ।

ଆଉ ହଠାତ୍ ତାଙ୍କୁ ତୁଳସୀଦାସ ଉଠିକରି କହିଲେ,ମୁଁ ହିଁ ତୁଳସୀଦାସ । କୁହ କ'ଣ କଥା ଅଛି ? ଆପଣ ମୋତେ କାହିଁକି ଖୋଜୁଛନ୍ତି ?

ବାଳକ କହିଲେ, ଆପଣ ଏଠି ଅଛନ୍ତି, ମୁଁ ବହୁତ ବେଳରୁ ଆପଣଙ୍କୁ ଖୋଜୁଥିଲି ।

ବାଳକ ପୁଣି ଥରେ କହିଲେ, ଜଗନ୍ନାଥ ଆପଣଙ୍କ ପାଇଁ ପ୍ରସାଦ ପଠେଇଛନ୍ତି । ତୁଳସୀଦାସ କହିଲେ, କୃପା କରି ଆପଣ ଏହି ପ୍ରସାଦକୁ ଫେରେଇ ନେଇ ଯାଆନ୍ତୁ । ଏହା ଶୁଣି ବାଳକ କହିଲେ,ଆଶ୍ଚର୍ଯ୍ୟର କଥା ଜଗନ୍ନାଥଙ୍କ ପ୍ରସାଦ ପାଇବା ପାଇଁ ଲୋକମାନେ ଦୂର ଦୂରରୁ ଏଠାକୁ ଆସିଥାନ୍ତି । କେତେ ଭକ୍ତ ଏହାକୁ ପାଇବା ପାଇଁ କେତେ ପରିଶ୍ରମ ଆଉ ତ୍ୟାଗ କରୁଛନ୍ତି । ଆପଣ ଏହାକୁ ଅସ୍ୱୀକାର କରୁଛନ୍ତି,ଏମିତି କ'ଣ ପାଇଁ ?

ତୁଳସୀଦାସ କହିଲେ,ମୁଁ ବିନା ନିଜର ଇଷ୍ଟଙ୍କୁ ଭୋଗ ଲଗେଇ କିଛି ବି ଗ୍ରହଣ କରେନି । ପୁଣି ଏହି ଜଗନ୍ନାଥଙ୍କ ଅଇଁଠା ପ୍ରସାଦରେ ମୁଁ ନିଜର ଇଷ୍ଟଙ୍କୁ ସମର୍ପିତ କରିପାରିବି ନାହିଁ । ଏହି ଭୋଗକୁ ମୁଁ ଶ୍ରୀରାମଙ୍କୁ କେମିତି ଲଗେଇବି ! ବାଳକ ଏହା ଶୁଣି ଟିକିଏ ହସି ଦେଇ କହିଲେ,ବାବା ! ଆପଣଙ୍କ ଇଷ୍ଟ ହିଁ ଏହାକୁ ପଠେଇଛନ୍ତି । ତୁଳସୀଦାସ କହିଲେ,ଏହି ହସ୍ତ-ପାଦ ବିହୀନ ଦାରୁ ମୂର୍ତ୍ତି ମୋର ଇଷ୍ଟ ହେଇ ପାରିବେନି । ଏବେ ବାଳକ କହିଲେ ଆପଣ ନିଜର ରାମଚରିତ ମାନସରେ ତ ଏହି ରୂପରେ ବର୍ଣ୍ଣନାକରିଛନ୍ତି,'ବିନୁ ପଦ ଚଲଇ ସୁନଇ ବିନୁ କାନା । କର ବିନୁ କର୍ମ କରଇ ବିଧି ନାମା ॥ ଆନନ ରହିତ ସକଳ ରସ ଭୋଗୀ । ବିନୁ ବାନୀ ବକ୍ତା ବଡ ଯୋଗୀ ।' ।

ଏହି ବାକ୍ୟ ଶୁଣି କରି ତୁଳସୀଦାସଙ୍କ ନେତ୍ରରୁ ଅଶ୍ରୁଧାର ବହିବାକୁ ଲାଗିଲା । ସେ ପୂରା ମୌନ ହୋଇଗଲେ । ଥାଳି ରଖି କରି ଏବଂ ଏହା କହିକରି ଅଦୃଶ୍ୟ ହୋଇଗଲେ ଯେ ମୁଁ ହିଁ ରାମ ଅଟେ । ମୋର ଚାରି ଦ୍ୱାରରେ ହନୁମାନଙ୍କ ପହରା ଅଛି । ବିଭୀଷଣ ମୋର ନିତ୍ୟ ଦର୍ଶନ କରିବାକୁ ଆସିଥାନ୍ତି । କାଲି ସକାଳେ ତୁମେ ଆସି ଦର୍ଶନ କରିନେବ ।

ତୁଳସୀଦାସ ବଡ଼ ପ୍ରେମର ସହିତ ପ୍ରସାଦ ଗ୍ରହଣ କଲେ । ପ୍ରାତଃ ମନ୍ଦିରକୁ ଯାଇ ସେ ଜଗନ୍ନାଥ, ବଳଭଦ୍ର ଆଉ ସୁଭଦ୍ରାଙ୍କ ସ୍ଥାନରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଆଉ ଜାନକୀଙ୍କ ଦର୍ଶନ କଲେ । ଭଗବାନ ଭକ୍ତର ଇଛାକୁ ପୂରଣ କଲେ । ଯେଉଁ ସ୍ଥାନରେ ତୁଳସୀ ଦାସ ରାତ୍ରୀ ବିତାଇ ଥିଲେ,ସେହି ସ୍ଥାନ ତୁଳସୀ ଚୌରା ନାମରେ ବିଖ୍ୟାତ ହେଲା । ଆଉ ସେହି ଠାରେ ତୁଳସୀଦାସଙ୍କ ପୀଠ ବଡ଼ଛତା ନାମରେ ପ୍ରତିଷ୍ଠିତ ହେଲା ।

-ମନୋଜ କୁମାର ବେହେରା
ଫୋନ୍-୭୯୭୮୮୩୦୬୧୧





# ଗୁଣ୍ଡିଚା ମହୋତ୍ସବର ଉପଯାତ୍ରା

# ଆଡ଼ପ ମଣ୍ଡପରେ ହେରା ପଞ୍ଚମୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜୀବନ ଶୈଳୀ କୌଣସି ସାଧାରଣ ମଣିଷଙ୍କ ଜୀବନ ଠାରୁ ପାର୍ଥକ୍ୟ ନୁହେଁ। ପ୍ରଭୁଙ୍କର ଦୈନନ୍ଦିନ କାର୍ଯ୍ୟ କଳାପ, ଯାନିଯାତ୍ରା, ପର୍ବ ପର୍ବାଣି ଏବଂ ପ୍ରତ୍ୟେକଟି ମୁହୂର୍ତ୍ତ ଏକ ସାଧାରଣ ମଣିଷର ଜୀବନ ପରି ଘଟଣା ପୂର୍ଣ୍ଣ। ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ହେଲେ ମଧ୍ୟ ତାଙ୍କର ଲୀଳାଖେଳା ଆମ ମଣିଷଙ୍କ ପରି । ତାଙ୍କର ଏହି 'ମାନବୀୟ ଲୀଳା'ର ଗୋଟିଏ ନିଦର୍ଶନ ହେଉଛି 'ହେରା ପଞ୍ଚମୀ' । ଏହା ଶ୍ରୀଜଗନ୍ନାଥ ଓ ଦେବୀ ଲକ୍ଷ୍ମୀଙ୍କର ଏକ 'ଦାମ୍ପତ୍ୟ-ଲୀଳା'। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୁଣ୍ଡିଚା ମହୋତ୍ସବର ଉପଯାତ୍ରା ହେଉଛି ' ହେରା ପଞ୍ଚମୀ'। "ହେରା" ଶବ୍ଦର ଅର୍ଥ 'ଦର୍ଶନ' ଏବଂ "ପଞ୍ଚମୀ" ଶବ୍ଦର ଅର୍ଥ 'ପଞ୍ଚମ ଦିନ'। ଅନ୍ୟ ଏକ ଅର୍ଥରେ କହିବାକୁ ଗଲେ 'ହେରା' ତଥା 'ହେରିବା' ଅର୍ଥ 'ଚାହିଁବା' ଅର୍ଥାତ ଆଷାଢ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିବା ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରୁ ମାଆ ଲକ୍ଷ୍ମୀ ଚାହିଁବା ତଥା ଦେଖିବାକୁ ଯାଆନ୍ତି। ରୁକ୍ମିଣୀ ହରଣ ଏକାଦଶୀରେ ବିବାହ ପରେ ମହାପ୍ରଭୁ ଚତୁର୍ଦ୍ଦଶୀ ତିଥି ଦିନ ସ୍ନାନବେଦୀରେ ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପଡ଼ି ଅଣସର ଘରେ ରୁହନ୍ତି। ଜ୍ୱର ଭଲ ହେବା ପରେ ଅଣସର ଘରୁ ବାହାରି ମହାପ୍ରଭୁ ଭାଇ-ଭଉଣୀଙ୍କୁ ଧରି ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ରଥରେ ବସି ବୁଲିବାକୁ ଚାଲି ଯାଆନ୍ତି। ମାଆ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ମହାନ ଗୁଣ୍ଡିଚା ଉତ୍ସବରେ ବାଦ୍ ପଡ଼ିଯାଆନ୍ତି। ମହାପ୍ରଭୁ ସ୍ୱୟଂ ବଡଭାଇ ବଳଭଦ୍ର ଭଗିନୀ ସୁଭଦ୍ରାଙ୍କୁ ନେଇ ଜନ୍ମବେଦୀକୁ ଯାତ୍ରା କରୁଥିବା ସମୟରେ ଲକ୍ଷ୍ମୀ ରହିଯାଆନ୍ତି ଶ୍ରୀମନ୍ଦିର ଭିତରେ । ତେଣୁ ଗୋଟେ ପଟେ ଶ୍ରୀଜଗନ୍ନାଥଙ୍କର ଉଦାସୀନତା ଓ ଅପରପକ୍ଷରେ ମାଆ ଲକ୍ଷ୍ମୀଙ୍କର ଅଭିମାନ । ମାଆ ଲକ୍ଷ୍ମୀ ଠାକୁରାଣୀଙ୍କ ଅଙ୍ଗବାସରୁ ବିବାହ ଗଇଣ୍ଠାଳ ଫିଟି ନ ଥିବା ସମୟ ତଥା ନବବିବାହିତା ମାଆ ଲକ୍ଷ୍ମୀ ଠାକୁରାଣୀ ପାଞ୍ଚ ଦିନର ବିରହ ବେଦନା ସହ୍ୟ କରି ନ ପାରି ଖୁବ୍ ଦୁଃଖୀ ହୁଅନ୍ତି। 'ଯାତ୍ରା ଭାଗବତ' ଓ 'ବାମଦେବ ସଂହିତା' ଆଦିରେ ଏ ସଂପର୍କରେ ରୋଚକ ବର୍ଣ୍ଣନା ଅଛି । 'ବାମଦେବ ସଂହିତା'ରେ କୁହାଯାଇଛି ଯେ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ଶ୍ରୀଜଗନ୍ନାଥ ଗୁଣ୍ଡିଚାଘରକୁ ଚାଲିଯିବା ପରେ, ବିରହବିଧୁରା ଲକ୍ଷ୍ମୀ ନିଜ ମନର ବ୍ୟଥାକୁ ଶ୍ରୀମନ୍ଦିର ପରିସରରେ ଥିବା ଭଗିନୀପ୍ରତିମା ବିମଳା ଦେବୀଙ୍କ ନିକଟରେ ଯାଇ କହନ୍ତି । ଏହାର ପ୍ରତିକାର ପାଇଁ ତାଙ୍କର ପରାମର୍ଶ ଲୋଡ଼ନ୍ତି । ଦେବୀ ବିମଳା ତାଙ୍କୁ ସାନ୍ତ୍ୱନା ଦେଇ କହନ୍ତି ଯେ ସ୍ୱାମୀ ଯଦି କେବେ ଅବିବେକୀ ପରି ଆଚରଣ କରନ୍ତି ବା ସ୍ତ୍ରୀକୁ ଅଣଦେଖା କରନ୍ତି ତେବେ ତାଙ୍କୁ କୌଶଳ କରି ନିଜ ଆଡ଼କୁ ଆଣିବାକୁ ପଡ଼େ । ତେଣୁ ତୁମେ ତାଙ୍କୁ ନିଜ ଆଡକୁ ଆକର୍ଷିତ କରିବାପାଇଁ ତାଙ୍କ ଉପରେ 'ମୋହନଚୂର୍ଣ୍ଣ' ପ୍ରୟୋଗ କର । ଏହା କହି ଦେବୀ ବିମଳା, ଲକ୍ଷ୍ମୀଙ୍କୁ 'ମୋହନଚୂର୍ଣ୍ଣ' ବି ଦିଅନ୍ତି। ମାଆ ବିମଳାଙ୍କ ପରାମର୍ଶ କ୍ରମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆଷାଢ଼ ଶୁକ୍ଳପଞ୍ଚମୀ ଦିନ ନିଶାର୍ଦ୍ଧରେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୋପନ ଯାତ୍ରା କରନ୍ତି। ମାଆ ଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ରାଗ ଓ ଅଭିମାନର ପ୍ରତୀକ ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି ଓ ଏହା ସହିତ ମାଆ ଲକ୍ଷ୍ମୀ ମଧ୍ୟ ଶ୍ରୀଜୀଉଙ୍କର ଦର୍ଶନ କରିଥାନ୍ତି ଓ ମାଆ ବିମଳା ଦେଇଥିବା ମୋହନଚୂର୍ଣ୍ଣକୁ ମହାପ୍ରଭୁ ଉପରକୁ ନିକ୍ଷେପ କରନ୍ତି। ଏଥିରୁ ମନେ ହୁଏ ସ୍ୱୟଂ ମହାପ୍ରଭୁ ମା ଲକ୍ଷ୍ମୀଙ୍କର ଏହି ରାଗ, ଅଭିମାନ ଓ ମାନଭଞ୍ଜନ ପାଇଁ ସ୍ନେହ ଏବଂ ପ୍ରାର୍ଥନା ପୂର୍ବକ ମାଆଙ୍କୁ ବୁଝାଇ ଥାଆନ୍ତି ।

କିମ୍ବଦନ୍ତୀ ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପବିତ୍ର ତଥା ପ୍ରସିଦ୍ଧ ରଥଯାତ୍ରା ଦିନ ମାଆ ଲକ୍ଷ୍ମୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ମାତ୍ର ଏକ ଦିନ ପରେ ସେ ମାଉସୀ ମାଆଙ୍କ ଘରୁ ଶ୍ରୀମନ୍ଦିରକୁ ଫେରି ଆସିବେ। ମାତ୍ର ଯେତେବେଳେ ମହାପ୍ରଭୁ ପାଞ୍ଚ ଦିନ ପର୍ଯ୍ୟନ୍ତ ନ ଫେରନ୍ତି ମାଆ ଲକ୍ଷ୍ମୀଙ୍କର ସହନଶୀଳତା ଅସମ୍ଭାଳ ହେବାରୁ ଅତ୍ୟନ୍ତ କ୍ରୋଧର ସହ ମହାଲକ୍ଷ୍ମୀ ଅନ୍ଧାର ରାତିରେ ଏକ ପାଲିଙ୍କିରେ ବସି ମାଉସୀ ମାଆ ମନ୍ଦିରକୁ ଆସନ୍ତି । ମହାପ୍ରଭୁଙ୍କୁ ଗୋପନୀୟ ଭାବେ ଦର୍ଶନ କରିବା ପରେ ଏବଂ ଗୁଣ୍ଡିଚା ମନ୍ଦିର ବାହାରୁ ପୂଜା କରନ୍ତି । ଏହାପରେ ମାଆ ଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରାଗି କ୍ରୋଧରେ ନନ୍ଦିଘୋଷ ରଥକୁ କ୍ଷତ କରି ଥାଆନ୍ତି ତଥା ନନ୍ଦିଘୋଷ ରଥର ସାରଥୀଙ୍କର ହାତ ଭାଙ୍ଗି ଦେଇ ନିରାଡ଼ମ୍ବର ଶୋଭାଯାତ୍ରାରେ ପୁନର୍ବାର ଶ୍ରୀମନ୍ଦିରକୁ ଫେରି ଆସନ୍ତି । ଏହି ପାରମ୍ପରିକ ବୃତ୍ତାନ୍ତ ଉପରେ ଆଧାରିତ ଉତ୍ସବକୁ "ହେରା ପଞ୍ଚମୀ" ମହୋତ୍ସବ କୁହାଯାଏ।

## ପତି-ପ୍ରୀତିର ନିଦର୍ଶନ

ହେରା ପଞ୍ଚମୀ ନୀତି ଅନୁସାରେ ହେରାପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରଠାରୁ ଶ୍ରୀଦେବୀ ତଥା ଲକ୍ଷ୍ମୀଙ୍କୁ ମହାଜନ ସେବକ ବିମାନକୁ ବିଜେ କରାଇ ଆଣନ୍ତି । ବିମାନବଡୁ ସେବକ ତାଙ୍କୁ ଆଡ଼ମ୍ବରପୂର୍ଣ୍ଣ ଘଣ୍ଟ, ବାଜା ଓ କାହାଳୀ ଆଦି ସହିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଥିବା ରଥ ନିକଟକୁ ନେଇ ଯାଆନ୍ତି । ସେଠାରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଚିହ୍ନଟ କରିସାରି, ଦେବୀ ଲକ୍ଷ୍ମୀ ସେହି ରଥ ନିକଟରେ ବିମାନରେ ବସି ରହିଥିବା ବେଳେ, ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ତାଙ୍କର ବନ୍ଦାପନା ଓ ଅର୍ଚ୍ଚନା କରନ୍ତି। ତାହା ପରେ ଦେବୀଙ୍କ ବିମାନ ଶ୍ରୀଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ନିକଟକୁ ଯାଏ । ସେହିଠାରେ ବିମାନରେ ଥାଇ, ସେ ବିମଳାଦେବୀଙ୍କଠାରୁ ଆଣିଥିବା 'ମୋହନଚୂର୍ଣ୍ଣ' ଶ୍ରୀଜଗନ୍ନାଥଙ୍କ ଉପରକୁ ନିକ୍ଷେପ କରନ୍ତି । ତାହାର ଫଳ ମଧ୍ୟ ତାଙ୍କୁ ତୁରନ୍ତ ମିଳେ । ଶ୍ରୀଜଗନ୍ନାଥଙ୍କଠାରୁ ତାଙ୍କୁ ଆଜ୍ଞାମାଳ ଦିଆଯାଏ । ତାହା ମାଧ୍ୟମରେ ଶ୍ରୀଜଗନ୍ନାଥ ତାଙ୍କୁ ପ୍ରତିଶ୍ରୁତି ଦିଅନ୍ତି ଯେ ତିନିଦିନ ପରେ ସେ ଶ୍ରୀମନ୍ଦିରକୁ ଫେରିଆସିବେ । କିନ୍ତୁ ଏହି ସମୟରେ ଆଉ ଗୋଟିଏ ଘଟଣା ଘଟେ । ସେତେବେଳକୁ ସଂଧ୍ୟାଧୂପର ସମୟ ହୋଇଯାଇଥିବାରୁ 'ଟେରା' ଅର୍ଥାତ୍ କନାର ଏକ ଆବରଣ ପଡ଼ିଯାଏ ଏବଂ ଦେବୀ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ଶ୍ରୀମୁଖକୁ ଆଉ ଅଧିକ ସମୟ ଦର୍ଶନ କରିପାରନ୍ତି ନାହିଁ । ସେଥିରେ ସେ ରୁଷ୍ଟ ହୁଅନ୍ତି । ପୁନଶ୍ଚ 'ନନ୍ଦିଘୋଷ' ରଥ ପାଖକୁ ଆସି ସେଥିରୁ ଖଣ୍ଡିଏ କାଠ ଭାଙ୍ଗିଦେଇ ଚାଲିଯାଆନ୍ତି । ଏହାକୁ ଦେବୀ ଲକ୍ଷ୍ମୀଙ୍କ କ୍ରୋଧର ପରିପ୍ରକାଶ ବୋଲି ସାଧାରଣତଃ କୁହାଯାଇଥାଏ । କିନ୍ତୁ ଏହା ତାଙ୍କର କ୍ରୋଧ ନୁହେଁ । ଏହା ତାଙ୍କର ପତି-ପ୍ରୀତିର ନିଦର୍ଶନ। ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ସହିତ ଫେରିବାର ପ୍ରତିଶ୍ରୁତି ପାଇବା ପରେ, ଆଉ କ୍ରୋଧର ଅବକାଶ ନ ଥାଏ । କିନ୍ତୁ ଅଧିକ ସମୟ ସ୍ୱାମୀଙ୍କ ଶ୍ରୀମୁଖ ଦର୍ଶନ ନ କରି ପାରିବା ନେଇ ତାଙ୍କ ମନରେ କ୍ଷୋଭ ଜାତ ହୁଏ । ତାହାର ପରିପ୍ରକାଶ ଘଟେ 'ନନ୍ଦିଘୋଷ'ର ରଥକାଠ ଭଙ୍ଗାରେ । 'ହେରାପଞ୍ଚମୀ' ଯାତ୍ରାରେ ଯିବାବେଳେ ଦେବୀ ଲକ୍ଷ୍ମୀ ଘଣ୍ଟ, ବାଜା ଓ କାହାଳୀ ସହିତ ରଥମାର୍ଗ ତଥା ବଡ଼ଦାଣ୍ଡ ଦେଇ ଯାଇଥାଆନ୍ତି କିନ୍ତୁ ରଥକାଠ ଭାଙ୍ଗି ଫେରିବା ବେଳେ ସେ ବିନା ଘଣ୍ଟ, ବାଜା, କାହାଳୀରେ, ହେରାଗୋହିରୀ ସାହି ବାଟ ଦେଇ ଫେରନ୍ତି । ମାଆ ଲକ୍ଷ୍ମୀ ରଥକାଠ ଭାଙ୍ଗିବା କାର୍ଯ୍ୟ ଠିକ୍ ହେଲାନାହିଁ ବୋଲି ହୃଦ୍‌ବୋଧ କରି ନିଜକୁ ଅପରାଧୀଟିଏ ଭାବି ହେରା ଗୋହିରୀ ସାହି ବାଟଦେଇ, ଲୁଚିଲାପରି, ବିନା ଘଣ୍ଟ , ବାଜା ଓ କାହାଳୀରେ ଶ୍ରୀମନ୍ଦିରକୁ ଫେରନ୍ତି ।

- ଡଃ ଅମୂଲ୍ୟ କୁମାର ପଣ୍ଡା, ମୋ- ୮୨୪୯୫୦୨୭୭୬







# କାଳିଆରେ... ତୁ ମୋ ଜିଇଁବାର ଆଶା

ପଲକ ପଡୁନଥିବା ଯାହାର ବିଶାଳ ଆଖିରେ ସାରା ବିଶ୍ୱ ସମାହିତ ହୁଏ । ଯାହାର ନାଲି ଅଧରରୁ କେବଳ ଖିଲିଖିଲି ହସ ଝରୁଥାଏ, କାନ ନଥାଇ ବି ଭକ୍ତର ଦୁଃଖ ବେଶ୍ ଭଲସେ ଶୁଣିପାରେ ସେ , ତା' ହାତ-ଗୋଡ଼ ନାହିଁ ବୋଲି ସେ ଅଧାଗଢ଼ା କିନ୍ତୁ ଗୁହାରି କଲେ ସବୁ ଜଟିଳ ସମସ୍ୟାରୁ ମୁକୁଳାଇବା ପାଇଁ କେମିତି ଦୌଡ଼ି ଆସେ । ଛୁଆଁ, ଅଛୁଆଁ ଭେଦ ଭାବ କିଛି ଦେଖେନି ସେଥିପାଇଁ ତ ସାରା ଜଗତ ପାଇଁ ସେ ସାଆନ୍ତ ବୋଲାଏ । 'କାଳିଆ'ରେ.. ତୁ ଏମିତି ଏକ କଷ୍ଟସାଧ୍ୟ ଅଙ୍କ ଯାହାକୁ କେହି କେବେ କଷି ପାରିନି । ତୁ ମୋ ଜୀବନର ଜ୍ୟାମିତି ଭଳି, ତୋତେ ଯେତେ ବୁଝିବାକୁ ଚେଷ୍ଟା କରୁଛି ତୋ ସହ ସେତେ ନୂଆ ନୂଆ ସମ୍ପର୍କର ସୂତ୍ର ଯୋଡ଼ି ହୋଇଯାଉଛିରେ ଜଗା । ତୋର ସେ ଚକା ଚକା ଆଖିରେ ତୁ ଚାରିଆଡ଼େ ଚାହୁଁଥାଉ ଆଉ ମୁଁ ଯୁଆଡ଼େ, ଯେମିତି ଦେଖିଲେ ଲାଗେ ତୁ ଖାଲି ମୋତେ ଚାହିଁଛୁ । ଏମିତି କେମିତିରେ କାଳିଆ ? ଓଃ ତୁ ସେଇଥିପାଇଁ ଚକାନୟନ ବୋଲାଉଛୁ...

ତୋ ପାଖରେ ଅଳି ଅର୍ଦ୍ଦଳି କିଛି କରିବାକୁ ପଡ଼େନି। ତୁ ଭକ୍ତର ଭାବନାକୁ ବୁଝିଯାଉ ହଁ ବେଶ୍ ଭଲଭାବେ ବୁଝିଯାଉ । ସେଥିପାଇଁ କିଏ ତୋତେ ଭାବବିନୋଦିଆ କୁହେ ତ ଆଉ କିଏ ପ୍ରେମରେ କଳା କଳେବର କହ୍ନେଇ ଡାକେ । ପତିତଜନଙ୍କୁ ଉଦ୍ଧାରିବା ପାଇଁ ପତିତପାବନ ବି ନାଁ ତୋର । ଘୋଷଯାତ୍ରାରେ ଘରଘର ନାଦ କରି ଗଡୁଥିବା ତୋ ରଥକୁ ଛୁଇଁଦେଲେ ଜୀବନ ଧନ୍ୟ ହୋଇଯାଏ ବୋଲି ସାତ ଦରିଆ ପାରି ହୋଇ ଫି ବରଷ ଧାଇଁ ଆସେ ମୁଁ । ତୋର ସେ ଚୋରା ଚାହାଣୀରେ ମୋ ଚିତ୍ତ ଚୋରି କରିନେଇଛୁରେ କାଳିଆ । ଏମିତି କେମିତି କିମିଆ କରିଛୁ କହିଲୁ...

ମୁଁ ତୋ ପାଇଁ ଦାସିଆ ବାଉରୀ କି ସୁଦାମା ନହୋଇପାରେ । ହେଲେ ଜାଣିଛୁ ବିଶ୍ୱର ଏ ବଡ଼ଦାଣ୍ଡରେ ବରଷକୁ ଥରେ ଗଡୁଥିବା ତୋ ରଥକୁ ଛୁଇଁ ତୋ ମୋ ଭିତରେ ଥିବା ଦୂରତାକୁ କମାଇଦେବାକୁ ଚାହେଁରେ । ହଁ ତୁ ମୋତେ କୋଳେଇ ନେବୁ ମୁଁ ଜାଣିଛି କାରଣ ତୋ ଅଧରରେ ଟିକେ ହସ ଦେଖିବାକୁ ମୋତେ କୌଣସି ଧର୍ମର ଆଧାର କାର୍ଡ ଦରକାର ନାହିଁ କିମ୍ବା କୌଣସି ଜାତିର ପରିଚୟପତ୍ର ବି ଲୋଡ଼ା ନାହିଁ ।



ତୁ ରତ୍ନବେଦିରୁ ତୋ ମାନବୀୟ ଲୀଳାଖେଳା କରିବାକୁ ଆସିଛୁ । ବର୍ଷକ ଯାକ ଶ୍ରୀମନ୍ଦିରରେ ବସି ସବୁକିଛି ଦେଖୁ, ସବୁ କିଛି ଶୁଣୁ । ଏବେ ତୋର ଛୁଟି ସମୟ, ମାଉସୀ ମା' ଘର ବୁଲିବା ବାହାନାରେ ସତ କହିବୁ ତୁ ମୋ ପାଇଁ ଆସିଛୁ ନା ! ମୁଁ ଜାଣିଛି ତୁ ମୋତେ ମିଛ କହିବୁନି କି ନିରାଶ କରିବୁନି, ତୋତେ ଏତିକି ଗୁହାରି ତୋର ସେ ବିଶାଳ ବାହୁରେ ମୋତେ ଟିକେ ଜାବୁଡ଼ି ଧରିବୁ । ରଥ ଉପରେ ତୁ, ରଥ ପାଖେ ପାଖେ ମୁଁ । ଜଗାରେ ତୋର ଏ ନଅ ଦିନର ଯାତ୍ରା ମୋ ଜୀବନର ବହୁ ଅପେକ୍ଷା ଓ ଆବେଗର ଯାତ୍ରା ଭଳି । ତୋର ସେ ଅସୀମ ମେରୁ ଭିତରେ ମୋତେ ସମାହିତ କରିନେବୁ । ଇତି - ଅନାମ

# ପୂଜା ସମୟରେ କରନ୍ତୁ ନାହିଁ ଭୁଲ୍

ଭଗବାନଙ୍କୁ ପୂଜା କରିବା ପାଇଁ ଭକ୍ତି ଓ ଶ୍ରଦ୍ଧା ଆବଶ୍ୟକ। ଏହାସହିତ କିଛି ନିୟମ ମଧ୍ୟ ଅଛି, ଯାହାକୁ ମାନିବା ଉଚିତ। ପୂଜା କରିବା ସମୟରେ ଅଜାଣତରେ ଏମିତି ଅନେକ କିଛି ଭୁଲ୍ ହୋଇଯାଏ ଯାହାର ପରିଣାମ ବିଷମ ପରିସ୍ଥିତି ସୃଷ୍ଟି କରେ। ତେଣୁ ପୂଜା କରିବା ସମୟରେ କିଛି ନିୟମ ଜାଣିରଖନ୍ତୁ। ଗଣେଶଙ୍କୁ ତୁଳସୀ, ଦେବୀ ଦୁର୍ଗାଙ୍କୁ ଦୂବ ଏବଂ ସୂର୍ଯ୍ୟଙ୍କୁ ବେଲପତ୍ର ଅର୍ପଣ କରନ୍ତୁ ନାହିଁ। ଘିଅ ଦୀପକୁ ସବୁବେଳେ ଡାହାଣ ପଟରେ ଏବଂ ଭଗବାନଙ୍କୁ ପୂଜା କରିବା ପାଇଁ ଭକ୍ତି ଓ ଶ୍ରଦ୍ଧା ଆବଶ୍ୟକ। ଏହାସହିତ କିଛି ନିୟମ ମଧ୍ୟ ଅଛି, ଯାହାକୁ ମାନିବା ଉଚିତ। ପୂଜା କରିବା ସମୟରେ ଅଜାଣତରେ ଏମିତି ଅନେକ କିଛି ଭୁଲ୍ ହୋଇଯାଏ ଯାହାର ପରିଣାମ ବିଷମ ପରିସ୍ଥିତି ସୃଷ୍ଟି କରେ।

## ତେଣୁ ପୂଜା କରିବା ସମୟରେ କିଛି ନିୟମ

- ଗଣେଶଙ୍କୁ ତୁଳସୀ, ଦେବୀ ଦୁର୍ଗାଙ୍କୁ ଦୂବ ଏବଂ ସୂର୍ଯ୍ୟଙ୍କୁ ବେଲପତ୍ର ଅର୍ପଣ କରନ୍ତୁ ନାହିଁ।
- ଘିଅ ଦୀପକୁ ସବୁବେଳେ ଡାହାଣ ପଟରେ ଏବଂ ତେଲ ଦୀପକୁ ବାମ ପଟରେ ରଖିବା ଉଚିତ। ଜଳପାତ୍ର, ଧୂପଦାନି ଓ ଘଣ୍ଟିକୁ ବାମ ପାଖରେ ରଖନ୍ତୁ।
- ଦେବାଦେବୀଙ୍କୁ ସ୍ନାନ କରିବା ପରେ ଅନାମିକା ଆଙ୍ଗୁଠିରେ ଚନ୍ଦନ ତିଳକ ଲଗାନ୍ତୁ।
- ଗଣେଶ, ହନୁମାନ ଓ ମା' ଦୁର୍ଗାଙ୍କ ମୂର୍ତ୍ତିରୁ ସିନ୍ଦୂର ନେଇ ମଥାରେ ଲଗାନ୍ତୁ ନାହିଁ।
- ଆଳତି କରିବା ସମୟରେ ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ, ଧୂପ ଓ କର୍ପୂର ଲଗାନ୍ତୁ ନାହିଁ।
- ପୂଜାସାମଗ୍ରୀ ପାଖରେ ନଥିଲେ, ଫୁଲ କିମ୍ବା ଅକ୍ଷତ ଅର୍ପଣ କରନ୍ତୁ।



## ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ

କଣ୍ଟିଲୋ,(ନିପ୍ର): ଖଣ୍ଡପଡା ବ୍ଲକ ବଡବାଣପୁର ସ୍ଥିତ ବସନ୍ତ କୁମାର ବିଦ୍ୟାପୀଠର ୩୯ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବ୍ଲକ ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ବଡବାଣପୁର ସରପଞ୍ଚ ପ୍ରତିମା ପ୍ରଧାନ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ କର, ଶିକ୍ଷାବିତ ଜମ୍ମେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ସହ ଶିକ୍ଷା ରେ ସଫଳତା ହାସଲ କରି ବିଦ୍ୟାଳୟ ତଥା ଗ୍ରାମର



ଟେକ ରଖିବାକୁ ଉପାଦେୟ ପରାମର୍ଶ ଦେଇଥିଲେ । ଏହି ଅବସରରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନଙ୍କୁ ବିଦ୍ୟାଳୟ ପକ୍ଷରୁ ସେବାନିବୃତ୍ତି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଶିକ୍ଷକ ସମସ୍ୟା ସହ ବିଦ୍ୟାଳୟ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯାଇଥିଲା ।ଭଗବାନ ସାହୁ ବିବରଣୀ ପାଠ କରିଥିଲେ ଓ ଚିତ୍ତରଞ୍ଜନ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସିବିଏସଇ ୧୦ ମ ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଈପସିତା ପଣ୍ଡା ସିବିଏସଇ ୧୦ ମ ପରୀକ୍ଷାରେ ସର୍ବମୋଟ ୯୭.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ଜଣାପଡିଛି । ସଂପୃକ୍ତ ଛାତ୍ରୀ ଜଣକ ମାତୃଭାଷା ଓଡ଼ିଆ, ଇଂରାଜୀ, ଗଣିତ ଓ ସାମାଜିକ ବିଜ୍ଞାନରେ ଶତ ପ୍ରତିଶତ ନମ୍ବର ରଖି ଥିବା ପ୍ରକାଶିତ ପରୀକ୍ଷା ଫଳାଫଳରୁ ଜଣାପଡିଛି । ଜଣେ କୃତୀ ଛାତ୍ରୀ ଭାବେ ଜଣାଶୁଣା ଈପସିତା ଜିଲ୍ଲା ଓ ରାଜ୍ୟସ୍ତରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରଭୃତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଅନୁଷ୍ଠାନ ପାଇଁ ସୁନାମ ଆଣିଥିବା ନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଶୁଭଲକ୍ଷ୍ମୀ ସାହୁଙ୍କ ଠାରୁ ପ୍ରକାଶ । ଛାତ୍ରୀ ଜଣକ ତାର ସଫଳତାର ଶ୍ରେୟ ଓଡିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିତା ମାତାଙ୍କୁ ଦେଇଥିବା ବେଳେ ଛାତ୍ରୀଙ୍କ ଏହି ବିଶେଷ ସଫଳତାକୁ ନେଇ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣା ଓ ଶିକ୍ଷୟିତ୍ରୀ ମଧୁସ୍ମିତା ବସନ୍ତିଆ, ସୁଶ୍ରୀ ସ୍ୱାଗତିକା ପ୍ରମୁଖ ଖୁସିବ୍ୟକ୍ତ କରିବା ସହ କୃତୀ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଶ୍ରୀଜୀଉଙ୍କ ବରାହ ଅବତାର ଦର୍ଶନ କଲେ ଶ୍ରଦ୍ଧାଳୁ

ଆସିକା,(ନିପ୍ର): ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ଆଡପ ମଣ୍ଡପ ଗୁଡିକରେ ବିଜେ ଶ୍ରୀଜିଉଙ୍କ ବରାହ ଅବତାର ବେଶ ଦର୍ଶନ କରିବା ଲାଗି ରବିବାର ଭକ୍ତଙ୍କ ପ୍ରବଳ ଭିଡ ଲକ୍ଷ୍ୟ କରାଯାଇଥିଲା । ଆଡପମଣ୍ଡପରେ ଶ୍ରୀଜିଉଙ୍କ ପୂଜାର୍ଚ୍ଚନା ପାଇଁ ଉପସ୍ଥିତ ଥିବା ସେବାୟତମାନେ ଶ୍ରୀଜିଉଙ୍କୁ ବରାହ ଅବତାରରେ ସଜ୍ଜିତ କରାଇଥିବା ବେଳେ ଆଡପମଣ୍ଡପ ଗୁଡିକରେ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ବରାହ ଅବତାର ବେଶ ଦର୍ଶନ କରି ଭାବବିହ୍ୱଳ ହୋଇପଡିଛନ୍ତି । ଭକ୍ତମାନେ ଆଡପମଣ୍ଡପରେ ପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦୀପ ଦାନକରି ପୂଜାର୍ଚ୍ଚନା କରିଥିଲେ । ଆଡପମଣ୍ଡପରେ ଆଡପ ପୂଜା ପାଉଥିବା ଶ୍ରୀଜିଉଙ୍କ ବରାହ ଅବତାର ବେଶ ଦର୍ଶନ କରି ଭକ୍ତ ଭାବିବିହ୍ୱଳ ହୋଇପଡିଥିଲା ବେଳେ ମନ୍ଦିର ଗୁଡିକ ଶଙ୍ଖ, ଘଣ୍ଟ, ମୃଦଙ୍ଗ ଧ୍ୱନିରେ ଫାଟି ପଡୁଥିବା ଲକ୍ଷ୍ୟ କରାଯାଇଥିଲା । ଆସିକା ପୌର ପରିଷଦ ଅଧୀନସ୍ଥ ଲାଲାଗୋର୍ଜୀ ଛକ, ଖମ୍ବେଶ୍ୱରୀପାଟଣା , ଚିନିଶିଳ୍ପ ନୁଆଗାଁ, ବଜାର ସାହି, କାଳଷଣ୍ଢପୁର, ଦାମୋଦରପଲ୍ଲୀ, ନଳବଣ୍ଟା, ଧନିଜା, କେନ୍ଦୁପଦର, ଗହଙ୍ଗୁ ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଆଡ଼ପମଣ୍ଡପ



ଗୁଡିକରେ ଭକ୍ତଙ୍କ ଭିଡ ଜମିଥୁବା ଦେଖିବାକୁ ମିଳିଥିଲା । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଆଡପ ମଣ୍ଡପରେ ଦର୍ଶନ କରିବା ଲାଗି ଭକ୍ତଙ୍କ ଭିଡ ଜମିଥିଲା ବେଳେ ସମସ୍ତଙ୍କ ମୁହଁରେ ଜୟଜଗନ୍ନାଥ ଧ୍ୱନିରେ ଆଡପମଣ୍ଡପ ପରିସରରେ ଏକ ଭକ୍ତମୟ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ଜଗନ୍ନାଥ ମନ୍ଦିର ଗୁଡିକରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ବେଳେ ଭକ୍ତ ଓ ଭଗବାନ ଏକାକାର ହୋଇପଡିଥିଲେ ଜଗନ୍ନାଥ ମନ୍ଦିର ଗୁଡିକରେ ପ୍ରତ୍ୟୁଷରୁ ମଙ୍ଗଳଆଳତୀ ସହ ପୂଜାର୍ଚ୍ଚନା ହୋଇଥିଲା ବେଳେ ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅନ୍ନଭୋଗ ସମ୍ପର୍ଣ୍ଣ ପରେ ବରାହ ଅବତାର ବେଶରେ ସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଥିଲା । ଆଡପ ମଣ୍ଡପ ଗୁଡିକରେ ବିଜେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କୁ ନିର୍ମଳ ମନରେ ଓ ହୃଦୟର ସହ ଦର୍ଶନ ଓ ପୂଜାର୍ଚ୍ଚନା କଲେ ପାପନାଶ ହୁଏ ବୋଲି ବିଶ୍ୱାସ ରହିଥିବାରୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ଦେଖିବାକୁ ମିଳୁଛି ।

# ‘ଆସିକା ଚିନିଶିଳ୍ପକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦିଅନ୍ତୁ’




ଆସିକା,(ନିପ୍ର): ଆସିକା ସମବାୟ ଚିନି ଶିଳ୍ପ ପରିଚାଳନା ସଭା ଗୃହ ଠାରେ ଓଡ଼ିଶାର ଏକ ମାତ୍ର ସମବାୟ ଚିନିଶିଳ୍ପ ଓଡିଶା ନବରତ୍ନ ରୂପେ କାର୍ଯ୍ୟ କରିବା ପାଇଁ ବିଶିଷ୍ଟ ସମବାୟବିତ୍‌ଙ୍କ ଆହ୍ୱାନକ୍ରମେ କେନ୍ଦ୍ର ସରକାରଙ୍କ ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ଭାରତ ବର୍ଷର ସମବାୟକୁ ବିଶ୍ୱବ୍ୟାପୀ ଅଗ୍ରସର ପାଇଁ ଯୁଗାନ୍ତ କରି ପଦକ୍ଷେପ ନେଇ ଆସିଛନ୍ତି ।

ଓଡ଼ିଶାର ସମବାୟ ନଗରୀ ରୂପେ ପରିଚିତ ଆସିକା ସହର ଠାରେ ଏସିଆ ମହାଦେଶର ସର୍ବପ୍ରଥମ ଚିନି କଳ ୧୮୫୪ରେ ପ୍ରତିଷ୍ଠା ହୋଇ ସୁନାମ ଅର୍ଜନ କରିଥିଲା । ପରବର୍ତ୍ତୀ ସମୟରେ ଏହି ଚିନି ଶିଳ୍ପ ଭାରତର ସମବାୟ ଆନ୍ଦୋଳନର ଏକ ମୂକସାକ୍ଷୀ ରହିଛି । ୧୬/୧୨/୧୯୭୩ ମସିହାରେ ଆସିକା ସମବାୟ ଚିନି ଶିଳ୍ପ ରୂପେ ପ୍ରତିଷ୍ଠା ହୋଇ ଦେଶ ଓ ରାଜ୍ୟରେ ସୁନାମ ଅର୍ଜନ କରିଥିଲା । ଏହି ଶିଳ୍ପ ବର୍ତ୍ତମାନ ସୁଦ୍ଧା ଅନେକ ସମସ୍ୟା ଦେଇ ଗତି କରିବା ସତ୍ତ୍ୱେ ଆଜି ମଧ୍ୟ ଓଡ଼ିଶାର ଏକ ମାତ୍ର ସମବାୟ ଚିନି ଶିଳ୍ପ ରୂପେ ଚାଲୁ ରହି ଏକ ଲାଭବାନ ଶିଳ୍ପ ରୂପେ ରହି ଆସିଛି । ଏହାର ନବକଳେବର ପାଇଁ ସମବାୟ କେନ୍ଦ୍ର ମନ୍ତ୍ରୀ ୨୦୦ କୋଟି ଟଙ୍କା ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କଲେ ନିଯୁକ୍ତି ବଢିବା ସହ କୃଷକର ଉନ୍ନତି ହେବ । ଏଥିସହ ଏହି ଐତିହାସିକ ଶିଳ୍ପପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ସୁନାମ ଅର୍ଜନ କରିବା ସହ କେନ୍ଦ୍ର ମନ୍ତ୍ରୀଙ୍କ ଏହି ଆର୍ଥିକ ସହାୟତା ପଦକ୍ଷେପ ଓଡିଶା ମାଟିରେ ସ୍ୱର୍ଣ୍ଣ ଅକ୍ଷରରେ ନାମିତ ହେବ ବୋଲି ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଆଲୋଚନା ଚକ୍ରରେ ରବୀନ୍ଦ୍ର ପଣ୍ଡା ଆସିକା ସମବାୟ ଚିନି ଶିଳ୍ପ ପରିଚାଳନା ସଭାପତିଙ୍କ ସଭାପତିତ୍ୱ ଓ ଡ଼ ସୁଶାନ୍ତ କୁମାର ପଣ୍ଡା ଚିନି ଶିଳ୍ପ ପରିଚାଳନା ମୁଖ୍ୟ ଅଧିକାରୀଙ୍କ ସଂଯୋଜନ ରେ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥିଭାବେ ରାଜେନ୍ଦ୍ର କୁମାର ଜେନା ଓ ଲୋକ ସଭା ମଣ୍ଡଳ ନୂଆଦିଲ୍ଲୀ ରାଷ୍ଟ୍ରୀୟ କୋଷାଧକ୍ଷ ତଥା ଦୈନିକ ସମାଜର ମୁଦ୍ରକ ତଥା ପ୍ରଶାସକ ମୁଖ୍ୟ ବକ୍ତା ରୂପେ ପ୍ରତାପ ଚନ୍ଦ୍ର ଜେନା ଯୋଗ ଦେଇଥିଲେ । ଅତିଥି ମାନଙ୍କୁ ପ୍ରଥମେ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏମ ଡ଼ି ଡ଼ ସୁଶାନ୍ତ କୁମାର ପଣ୍ଡା ପରିଚୟ ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥଲେ । ଆଖୁଚାଷୀ,ଶ୍ରମିକ ପରିଚାଳନା ବୋର୍ଡ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକଲେ ଏହି ଶିଳ୍ପ ନିଶ୍ଚିତ ଏକ ଲାଭଜନକ ଶିଳ୍ପ ରୂପେ ରାଜ୍ୟରେ ସୁନାମ ରହି ତାର ପୂର୍ବ ଗୌରବ ଫେରାଇଆଣିବ ବୋଲି ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଜେନା ଏସିଆ ମହାଦେଶର ପ୍ରଥମ ଚିନି କାରଖାନା ସାଙ୍ଗକୁ ଓଡ଼ିଶାର ସମବାୟ ଚିନିଶିଳ୍ପ ଆଜି କେବଳ କୃଷକ, ଶ୍ରମିକ, ପରିଚାଳନା ପରିଷଦଓ ପରିଚାଳନା ଅଧିକାରୀ ମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଅବଦାନ ଯୋଗୁଁ ଏହି ଶିଳ୍ପ ଆଜି ମଧ୍ୟ ଆଖୁ ପେଡି ଚିନି ଆସିକା ଠାରେ ବିକ୍ରି କରି ସୁନାମ ଅର୍ଜନ କରିଛି ।ଶ୍ରମିକ ଶୃଙ୍ଖଳା ଓ ଏକତା ପ୍ରତି ଗୁରୁତ୍ୱ ଦେବା ସହ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଛନ୍ତି । ମୁଖ୍ୟବକ୍ତା ଶ୍ରୀ ସାମଲ ତାଙ୍କ ବକ୍ତବ୍ୟରେ ଓଡିଶା ସମବାୟ ଇତିହାସରେ ଆସିକା ସମବାୟ ନାଗରି ସମବାୟର ଜନ୍ମଦାତ୍ରୀ ରୂପେ ସୁଖ୍ୟାତି ଅର୍ଜନ କରିଛି । ଦକ୍ଷିଣ ଭାରତର ପ୍ରଥମ ଚିନି ଶିଳ୍ପ ରୂପେ ଐତିହ ରହିଛି । ଓଡ଼ିଶାର ଏକ ମାତ୍ର ସମବାୟ ଚିନିଶିଳ୍ପ ଆଜି ମଧ ବଞ୍ଚି ରହି ଉନ୍ନତ ମାନର ଚିନି, ବିଶୁଦ୍ଧ ମଦ, ଖତ, ବିଦ୍ୟୁତ ଉତ୍ପାଦକରି ଏକ ଲାଭବାନ ଶିଳ୍ପ ରୂପେ ଖ୍ୟାତି ଅର୍ଜନ କରିଛି । ଏହି ଶିଳ୍ପକୁ ଓଡ଼ିଶାର ନବରତ୍ନ ରୂପେ ଘୋଷଣା କରିବା ସମୟ ଆସିଛି । ଏହାକୁ ଅଧିକ ଲାଭବାନ ଓ ବହୁମୁଖୀ ଲାଭବାନ ଶିଳ୍ପ ରୂପେ ଗଢି ତୋଳିବାକୁ ହେଲେ କେନ୍ଦ୍ର ସମବାୟ ଓ ଗୃହ ମନ୍ତ୍ରୀ ଜଣେ ବିଶିଷ୍ଟ ଦୂରଦୃଷ୍ଟି ସମ୍ପନ୍ନ ସମବାୟ ବିତ ଭାବେ ଅଧିକ ଦୃଷ୍ଟିନିବେଶ କରିବା ଆବଶ୍ୟକ । ଏହି ଆସିକା ସମବାୟ ଚିନି ଶିଳ୍ପ କେନ୍ଦ୍ର ସମବାୟ ବିଭାଗ ୨୦୦କୋଟିର ସ୍ୱତନ୍ତ୍ର ପ୍ୟାକେଜ ଦେଇ ଏହାକୁ ଏକ ଐତିହାସିକ ସ୍ମାରକୀ ସମବାୟ ଶିଳ୍ପ ରୂପେ କାର୍ଯ୍ୟକରିବା ସହ ତାଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ନାମିତ ହୋଇ ଗୌରବ ଅର୍ଜନ କରିବେଚାଷୀ ଓ ନିଯୁକ୍ତି ସମ୍ଭାର ବଢିବ । ଶ୍ରୀ ସାମଲ ଗତ ୧୯/୦୩/୨୦୨୬ ରେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ ସମବାୟ ବୈଠକରେ ଓଡିଶା ସମବାୟ ସମସ୍ୟା ସାଙ୍ଗକୁ ଆସିକା ଏକ ମାତ୍ର ସମବାୟ ଚିନି ଶିଳ୍ପର ସମସ୍ୟା ଓ ଉନ୍ନତି ପାଇଁ ଆଲୋଚନା କରି ଗୁରୁତ୍ୱ ଆରୋପ କରିଥିଲେ ବୋଲି ସୂଚନା ପ୍ରଦାନ କରିଥିଲେ । ଆଖୁ ଚାଷ ଦଶ ମାସର ଚାଷ ଧାନ ଚାଷ ବର୍ଷକୁ ଦୁଇ ଥର ରବି ଖରିଫ ଯୋଗୁଁ ନିଶ୍ଚିତ ଭାବେ ଆଖୁ ଚାଷକୁ ଚାଷୀଙ୍କୁ ଅଧିକ ସବସିଡି ଓ ଟନ ପିଛା ଅଧିକ ଟଙ୍କା ପ୍ରଦାନକୁ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ପରିଚାଳନା ବୋର୍ଡ ସଭ୍ୟ ନିରଞ୍ଜନ ପ୍ରଧାନ, ଚିନି ଶିଳ୍ପ ପରିଚାଳନା ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ମୁଖ୍ୟ ହିସାବ ରକ୍ଷକ ଚିନ୍ମୟ ରଞ୍ଜନ ନାୟକ,ମୁଖ୍ୟ ଯନ୍ତ୍ରୀ କେଦାର ସାହୁ,ଚିଫ କେମିଷ୍ଟ ଶ୍ରୀନିବାସ ମହାପାତ୍ର,ଇଞ୍ଜିନିଅର ଅରୁଣ ପାତ୍ର,ମାର୍କେଟିଂ ମ୍ୟାନେଜର ଅନିଲ ଦାସ,ପ୍ରଶାନ୍ତ କୁମାର କର,ବିଷ୍ଣୁପ୍ରିୟା ଜେନା, ସଞ୍ଜୟ ଷଡ଼ଙ୍ଗୀ ସାଙ୍ଗକୁ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ପରିଶେଷରେ ଏମ ଡ଼ି ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

## ୫ବର୍ଷ ହେବ ବକେୟା ପାରିଶ୍ରମିକ ପାଇନାହାନ୍ତି କଳାକାର

ଆସିକା,(ନିପ୍ର): କୋଭିଡ-୧୯ ମହାମାରୀ ସମୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସିକା ବ୍ଲକର ୧୦ଟି ପଞ୍ଜୀକୃତ ସାଂସ୍କୃତିକ କାର୍ଯ୍ୟକ୍ରମ ଦଳ ଗାଁ କୁ ଗାଁ ବୁଲି ଜନସାଧାରଣ ମାନଙ୍କୁ କୋଭିଡ ୧୯ରୁ କିଭଳି ରକ୍ଷା ପାଇବ ସେ ଉପରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ । ହେଲେ ପରିତାପର ବିଷୟ ଏହି କଳାକାର ଦଳ ଏପର୍ଯ୍ୟନ୍ତ ସେମାନଙ୍କ ପାରିଶ୍ରମିକ ପାଇନଥିବା ଅଭିଯୋଗ କରିଛନ୍ତି । ୨୦୨୦ରୁ ୨୦୨୨ ମଧ୍ୟରେ ସରକାରୀ ନିର୍ଦ୍ଦେଶକ୍ରମେ ବିଭିନ୍ନ ଗ୍ରାମରେ ବୁଲି କରୋନା ସଂକ୍ରମଣରୁ ସତର୍କ



ରହିବା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିବା କଳାକାରମାନେ ଦୀର୍ଘ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ ସେମାନଙ୍କ ବକେୟା ଅର୍ଥ ପାଇନଥିବା କହିଛନ୍ତି । କଳାକାରମାନଙ୍କ କହିବା ଅନୁସାରେ, ମହାମାରୀର ଭୟାବହ ପରିସ୍ଥିତିରେ ନିଜ ଜୀବନକୁ ବିପଦରେ ପକାଇ ଗ୍ରାମେ ଗ୍ରାମେ ବୁଲି ସଚେତନତା କାର୍ଯ୍ୟକ୍ରମ କରିଥିଲେ । ଏଥିସହ ଆବଶ୍ୟକ କାଗଜପତ୍ର ଓ ଦସ୍ତଖତ ସଂଗ୍ରହ କରିବାରେ ମଧ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ତେବେ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ମିଳିନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଆସିକା ବ୍ଲକର ପ୍ରାୟ ୭ରୁ ୧୦ଟି ପଞ୍ଜୀକୃତ ସାଂସ୍କୃତିକ ଦଳର ୨ ଲକ୍ଷ ଟଙ୍କାରୁ ଅଧିକ ପାରିଶ୍ରମିକ ବକେୟା ରହିଛି । ଏହି ପ୍ରସଙ୍ଗରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବକେୟା ବିଲ ଯଥାଶୀଘ୍ର ପ୍ରସ୍ତୁତ କରି କଳାକାରମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା ପାଇଁ ଆସିକା ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯିବ । କଳାକାରମାନେ ମଧ ଶୀଘ୍ର ସେମାନଙ୍କ ପ୍ରାପ୍ୟ ଅର୍ଥ ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।

## ହଜିବାକୁ ବସିଲାଣି ମଧୁର ଚୁନାମାଛ

ଭାପୁର,(ନିପ୍ର)ମଧୁର ଚୁନା ଦଣ୍ଡେଇ,କେରାଣ୍ଡି,ମହୁରାଡ଼ି ଆଦି ମାଛ ଦେହ ପାଇଁ ବେଶ ଉପକାରୀ କାରଣ,ଏଥିରେ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଥିବାରୁ ଏହାକୁ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । ଏହି ଚୁନା ମାଛ ରୋଗ ପ୍ରତିରୋଧକ ଶକ୍ତି ବଢେଇବା ସହିତ ଉଚ୍ଚ ରକ୍ତଚାପ,ମଧୁମେହ ରୋଗୀମାନଙ୍କ ପାଇଁ ଔଷଧ ପରି କାର୍ଯ୍ୟ କରିଥାଏ ।ଏହି ମାଛ ଶରୀର ପାଇଁ ଉପକାରୀ ଓ ସୁସ୍ୱାଦ



ହୋଇଥିବାରୁ ଗାଁ ଠାରୁ ସହରୀ ବାବୁ ମାନଙ୍କର ଚାହିଦା ରହିଥାଏ । ଅତୀତରେ,ଏହି ବର୍ଷା ଦିନେ ଗାଁ ଗହଳିରେ ନାଳ,ପୋଖରୀ,ଗାଡ଼ିଆ,ବିଲ ମାନଙ୍କରେ ଏହି ଚୁନା ମାଛ ପ୍ରବଳ ପରିମାଣରେ ଦେଖା ଯାଉଥିଲା ।ବିଶେଷକରି,ବର୍ଷା ଦିନେ ବିଲରେ ପାଣିର ସୁଅ ହୁଡ଼ା ଭାଙ୍ଗି ଚାଲିଥିବାବେଳେ ଚାଷୀମାନେ ବିଲହୁଡାରେ ବଜା ଓ ମୁଗୁରା ବସେଇ ଚୁନା ମାଛ ପ୍ରଚୁର ପରିମାଣରେ ଧରିଥାନ୍ତି ଯାହାକି ଘରଦ୍ୱାର ଆଇଁଷ ଗନ୍ଧରେ ଫାଟି ପଡୁଥିଲା କିନ୍ତୁ,ବର୍ତ୍ତମାନ ଏହା ଦେଖିବାକୁ ମିଳୁ ନାହିଁ । ଧାନ ଫସଲରେ କୀଟ ନାଶକ ଔଷଧ ପ୍ରୟୋଗ ଫଳରେ ଏହି ଚୁନା ମାଛ ଲୋପ ହେବାକୁ ବସିଲାଣି । ଯେଉଁଠି ମିଳୁଛି କମ ପରିମାଣରେ ମିଳୁଥିବା ଏବଂ ଚାହିଦା ଅଧିକ ରହିଥିବାରୁ କେଜି ପ୍ରତି ୧୨୦ ଟଙ୍କାରୁ ୧୫୦ ଟଙ୍କା ମଧ୍ୟରେ ମିଳୁଛି । ଭାପୁର ବ୍ଲକରେ ଏହି ମାଛ ମହାନଦୀ କୁଳିଆ କରବର,ମାଣିତ୍ରି,ଲଣ୍ଡାବର ଏବଂ ଫତେଗଡ଼ ପଂଚାୟତ ମଣିପୁର ଗ୍ରାମର ଜନସାଧାରଣ କାଳିଗିରି ନଦୀରୁ ଧରି ବିକ୍ରି କରିଥାନ୍ତି । ବର୍ଷା ର ଅଭାବ ଓ କୀଟନାଶକ ଔଷଧ ପ୍ରଭାବରେ ଏହି ଚୁନା ମାଛ ଆସନ୍ତା କିଛି ବର୍ଷ ମଧ୍ୟରେ ହଜିବାକୁ ବସିବ ବୋଲି ପ୍ରଫୁଲ୍ଲ ବେହେରା,ଧନି ବେହେରା,କୈଳାସ ନାୟକ,ଯୋଗୀ ନାୟକ ଆଦି କହିଛନ୍ତି । ଅତୀତରେ,ସେମାନେ ଚୁନା ମାଛ ବିକ୍ରୟ କରି ଦୈନିକ ଏକ ହଜାରରୁ ଅଧିକ ରୋଜଗାର କରୁଥିବାବେଳେ ବର୍ତ୍ତମାନ ୨୦୦/୪୦୦ ରୋଜଗାର କରିବା କଷ୍ଟକର ହେଉଛି ବୋଲି କହିଛନ୍ତି ।

## ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ

ଝାରସୁଗୁଡ଼ା,(ହି.ସ.) ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ହ୍ରାସ ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ବରିଷ୍ଠ ନାଗରିକ କଲ୍ୟାଣ ସମିତି ପକ୍ଷରୁ ଝରିଆନାଳ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ସମିତିର ସଭାପତି ତଥା ବିଶିଷ୍ଟ ଯନ୍ତ୍ରୀ ମୋତିଲାଲ ଜୈନ ଓ ସମ୍ପାଦକ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସମିତିର ବହୁ ସଦସ୍ୟ ଓ ବରିଷ୍ଠ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଫଳ, ଔଷଧୀୟ ଓ ଛାୟା ପ୍ରଦାନକାରୀ ଚାରା ରୋପଣ କରିଥିଲେ । ରୋପଣ କରାଯାଇଥିବା ଚାରାଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବା ପାଇଁ ମଧ୍ୟ ସମସ୍ତେ ସଂକଳ୍ପ ନେଇଥିଲେ । ଏହି ଅବସରରେ ସଭାପତି ଶ୍ରୀ ଜୈନ କହିଥିଲେ ଯେ, ବୃକ୍ଷ ହେଉଛି ପ୍ରକୃତିର ଅମୂଲ୍ୟ ସମ୍ପଦ । ବୃକ୍ଷ ମଣିଷକୁ ଅମ୍ଳଜାନ ପ୍ରଦାନ କରିବା ସହ ପରିବେଶର ସନ୍ତୁଳନ ରକ୍ଷା, ମୃତ୍ତିକା କ୍ଷୟ ରୋକିବା ଏବଂ ଜୀବଜଗତର ଅସ୍ତିତ୍ୱ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ବର୍ତ୍ତମାନ ସମୟରେ ବନ୍ୟକ୍ଷୟ ଓ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ନାଗରିକ ବର୍ଷକୁ ଅତି କମରେ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବା ଉଚିତ ।

ସମ୍ପାଦକ ନିରଞ୍ଜନ ବେହେରା କହିଥିଲେ ଯେ, କେବଳ ଚାରା ରୋପଣ କରିଦେଲେ ଦାୟିତ୍ୱ ସରିଯାଏ ନାହିଁ । ଚାରାଗୁଡ଼ିକ ବୃକ୍ଷରେ ପରିଣତ ହେବା ପର୍ଯ୍ୟନ୍ତ ତାହାର ସୁରକ୍ଷା ଓ ନିୟମିତ ଯତ୍ନ ନେବା ଅତ୍ୟନ୍ତ ଆବଶ୍ୟକ । ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷରୋପଣ ସମ୍ପର୍କିତ ସଚେତନତା ସୃଷ୍ଟି କରାଗଲେ ସେମାନେ ଭବିଷ୍ୟତରେ ପରିବେଶ ସୁରକ୍ଷାର ଦାୟିତ୍ୱ ସଫଳତାର ସହ ବହନ କରିପାରିବେ ।

କାର୍ଯ୍ୟକ୍ରମରେ ଉପସ୍ଥିତ ବହୁ ସଂଖ୍ୟକ ବରିଷ୍ଠ ନାଗରିକ ଓ ସମିତିର କର୍ମକର୍ତ୍ତାମାନେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ସେମାନେ କହିଥିଲେ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି, ଅନିୟମିତ ବର୍ଷା ଓ ପ୍ରଦୂଷଣ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ ଓ ତାହାର ସଂରକ୍ଷଣ ହିଁ ଏକମାତ୍ର ବିକଳ୍ପ । ଶେଷରେ ସମସ୍ତ ସଦସ୍ୟ ଏବଂ ଉପସ୍ଥିତ ବ୍ୟକ୍ତିବିଶେଷମାନେ ନିଜ ନିଜ ଅଞ୍ଚଳରେ ନିୟମିତ ଚାରାରୋପଣ କରି ସବୁଜ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ଦିଗରେ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ ।

## ଅବହେଳିତ ଅବସ୍ଥାରେ ଭଣ୍ଡା ଗ୍ରାମ୍ୟ ଉଦ୍ୟାନ ପାର୍କ : ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନବାଚୀ

ଚମ୍ପୁଆ,(ହି.ସ.)- ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମପଞ୍ଚାୟତରେ ନିର୍ମିତ ଗ୍ରାମ୍ୟ ଉଦ୍ୟାନ ପାର୍କ ଏବେ ଅବହେଳାର ଶିକାର ହୋଇଛି । ଗ୍ରାମବାସୀଙ୍କ ମନୋରଞ୍ଜନ ଓ ପ୍ରାତଃ ଭ୍ରମଣ ପାଇଁ ଉଦ୍ଦିଷ୍ଟ ଏହି ପାର୍କଟି ଏବେ ଅଳିଆ ଗଦା ଓ ଜଙ୍ଗଲରେ ପରିଣତ ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପାର୍କଟି ଏବେ ଅନାବନା ଗଛଲତାରେ ଭରିଯାଇଥିବାରୁ ଏଠାରେ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ପାଇଁ ଲୋକେ ଆସିବାକୁ ଭୟ କରୁଛନ୍ତି । ପାର୍କରେ ରହିଥିବା ସୌର ଆଲୋକ ବ୍ୟବସ୍ଥା ଅଚଳ ହୋଇ ପଡିଛି । ଏହା ଚୋରି ହୋଇଛି କି ନଷ୍ଟ ହୋଇଯାଇଛି ତାହା ସ୍ପଷ୍ଟ ହେଉନାହିଁ । ଏହାବ୍ୟତୀତ, ପାର୍କରେ ଥିବା ସୌରକୂପଟି ଅକାମୀ ହୋଇପଡ଼ିଥିବା ବେଳେ ଶୌଚାଳୟ ଗୁଡ଼ିକ ମଧ ବ୍ୟବହାର ଅନୁପଯୋଗୀ ହୋଇ ରହିଛି । ପାର୍କରେ ଲାଗିଥିବା ସୁନ୍ଦର ଫୁଲଗଛ ଗୁଡିକର ଚିହ୍ନବର୍ଣ୍ଣ ନାହିଁ । ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅବଗତ କରାଇଥିଲେ ମଧ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନତା ପ୍ରକାଶ କରୁଥିବା ଅଭିଯୋଗ ହୋଇଛି । ପ୍ରଶାସନିକ ଅଧିକାରୀଙ୍କ ଏଭଳି କୁମ୍ଭକର୍ଣ୍ଣ ନିଦ୍ରା କେବେ ଭାଙ୍ଗିବ ଏବଂ ପାର୍କର ପୁନରୁଦ୍ଧାର କେବେ ହେବ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ମାଳରଗୁଡ଼ିରେ କମ୍ୟୁନିଟୀ ସେଣ୍ଟର ଉଦ୍‌ଘାଟିତ

ତାଳଚେର,(ନିପ୍ର): ତାଳଚେର ବ୍ଲକ ଅନ୍ତର୍ଗତ ବଡ଼ସିଙ୍ଗଡ଼ା ସ୍ଥିତ ମାଳରଗୁଡ଼ିଠାରେ ଏକ ନୂତନ କମ୍ୟୁନିଟି ସେଣ୍ଟର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନବନିର୍ମିତ ସେଣ୍ଟରକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦଘାଟନ କରିଛନ୍ତି । ଏହି ପ୍ରକଳ୍ପ ପାଇଁ ମୋଟ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ସୂଚନାଯୋଗ୍ୟ ଯେ, ମାଳରଗୁଡ଼ି ଆଶ୍ରମକୁ ପ୍ରତିଦିନ ଅନେକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି । ଏହି ନୂତନ ଗୋଷ୍ଠି କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ଆଶ୍ରମକୁ ଆସୁଥିବା ଲୋକମାନଙ୍କ ରହିବା ଏବଂ ବିଶ୍ରାମ ନେବା ପାଇଁ ଏକ ବଡ଼ ସୁବିଧା ସୃଷ୍ଟି ହେବ । ଏହା ସହିତ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମଧ ଏହି କେନ୍ଦ୍ର ବିଶେଷ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି ।

### ଚିଚିଆ ଶିବମନ୍ଦିର ଖେଳପଡିଆ ନିର୍ମାଣ ପ୍ରସଙ୍ଗ

# ବିନା ସୂଚନା ଫଳକରେ ଚାଲିଛି କାମ

### ମନରେଗା କି ବିଭିଜି-ରାମଜୀ ଯୋଜନା, ସନ୍ଦେହ ଘେରରେ ସରପଞ୍ଚଙ୍କ ଭୂମିକା !

ଗୋଲାମୁଣ୍ଡା,(ନି.ପ୍ର ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚିଚିଆ ଗ୍ରାମ ପଞ୍ଚାୟତର ଶିବମନ୍ଦିର ଖେଳ ପଡ଼ିଆରେ ବିନା ସୂଚନା ଫଳକରେ ଏକ ଷ୍ଟେଜ ନିର୍ମାଣ କାମ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଅନିଶ୍ଚିତତା ପ୍ରକାଶ ପାଇଛି । କାମଟି କେଉଁ ଯୋଜନାରେ, କେତେ ଅର୍ଥ ବ୍ୟୟରେ ଏବଂ କେଉଁ ବିଭାଗ ଦ୍ୱାରା କରାଯାଉଛି, ସେ ସମ୍ପର୍କରେ କୌଣସି ସୂଚନା ସାର୍ବଜନୀନ ଭାବେ ପ୍ରଦର୍ଶିତ ହୋଇନଥିବାରୁ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୨୦୨୨–୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନା ଅଧୀନରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଶିବମନ୍ଦିର ଖେଳ ପଡ଼ିଆର ଉନ୍ନତିକରଣ ସହ ଏକ ଷ୍ଟେଜ ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା । ତେବେ ସେହି କାମ ସମ୍ପୂର୍ଣ୍ଣ ହୋଇଥିଲା କି ନାହିଁ ଏବଂ ଅନୁମୋଦିତ ଅର୍ଥର ସଠିକ୍ ବିନିଯୋଗ ହୋଇଥିଲା କି ନାହିଁ, ତାହାକୁ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି । ବର୍ତ୍ତମାନ ପୁଣି ଷ୍ଟେଜ ନିର୍ମାଣ ହେଉଥିବାରୁ ଏହା ନୂତନ ପ୍ରକଳ୍ପ ନା ପୂର୍ବରୁ ଅନୁମୋଦିତ



କାମର ଅବଶିଷ୍ଟ ଅଂଶ, ତାହା ସ୍ପଷ୍ଟ ହୋଇନାହିଁ । ସାଧାରଣତଃ ସରକାରୀ ନିର୍ମାଣ କାର୍ଯ୍ୟ ସ୍ଥଳରେ କାମର ନାମ, ଯୋଜନା, ପ୍ରକଳ୍ପ ମୂଲ୍ୟ, କାର୍ଯ୍ୟ ଅବଧି ଓ କାର୍ଯ୍ୟନିର୍ବାହୀ ସଂସ୍ଥା ସମ୍ପର୍କିତ ବିବରଣୀ ସହ ସୂଚନା ଫଳକ ପ୍ରଦର୍ଶନ କରାଯାଏ । କିନ୍ତୁ ଏହି କାର୍ଯ୍ୟସ୍ଥଳରେ ସେପରି କୌଣସି ସୂଚନା ଫଳକ ନଥିବାରୁ କାମର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଗ୍ରାମବାସୀମାନେ ଦାବି କରିଛନ୍ତି ଯେ, ସମ୍ପୃକ୍ତ ବିଭାଗ ତୁରନ୍ତ କାମର ସମସ୍ତ ତଥ୍ୟ ସାର୍ବଜନୀନ କରିବା ସହ ୨୦୨୨–୨୩ ମସିହାରେ ମନରେଗା ଅଧୀନରେ ଅନୁମୋଦିତ ଖେଳ ପଡ଼ିଆ ଓ ଷ୍ଟେଜ ନିର୍ମାଣ ପ୍ରକଳ୍ପର ଅଗ୍ରଗତି ଏବଂ ବ୍ୟୟ ସମ୍ପର୍କରେ ତଦନ୍ତ କରାଯାଉ । ଯଦି କୌଣସି ଅନିୟମିତତା ହୋଇଥାଏ, ତେବେ ତାହାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି । ଏହି ଘଟଣା ସମ୍ପର୍କରେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତିକ୍ରିୟା ମାଗିବାରୁ ସେ କହିଥିଲେ ପରେ ପ୍ରତିକ୍ରିୟା ଦେଇପାରିବି । ସରପଞ୍ଚ ଓ ପିଓଙ୍କୁ କୁହନ୍ତୁ, ମୋତେ ଫୋନ୍ କରିବେ । ଏହି ପ୍ରତିକ୍ରିୟାକୁ ନେଇ ଗଣମାଧ୍ୟମ ପ୍ରତିନିଧି ମହଲରେ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ, ଚିଚିଆ ସରପଞ୍ଚଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ ଚାଲିଥିବା ଷ୍ଟେଜ ନିର୍ମାଣ ଏକ ନୂଆ କାମ । ଏପର୍ଯ୍ୟନ୍ତ ଜିଓଟ୍ୟାଗିଂ କିମ୍ବା ପ୍ରକଳ୍ପ ଫାଇଲ୍ ଖୋଲାଯାଇନାହିଁ । ଫାଇଲ୍ ଖୋଲାଯିବା ପରେ ସୂଚନା ଫଳକରେ କାମର ସମସ୍ତ ବିବରଣୀ ଉଲ୍ଲେଖ କରାଯିବ । ତେବେ ଗ୍ରାମବାସୀଙ୍କ ପ୍ରଶ୍ନ ହେଉଛି, ପ୍ରକଳ୍ପର ଫାଇଲ୍ ଓ ଜିଓଟ୍ୟାଗିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପୂର୍ବରୁ କିପରି ନିର୍ମାଣ କାମ ଆରମ୍ଭ କରାଗଲା ଏବଂ ସୂଚନା ଫଳକ ବିନା କାମ କରାଯିବା ସରକାରୀ ନିୟମାବଳୀ ସହ ସଙ୍ଗତିପୂର୍ଣ୍ଣ କି ନୁହେଁ ?

## ପୂତିଗନ୍ଧମୟ ପିତଳ ବଜାର, ଡ୍ରେନପାଣି ରୋଡ ଉପରେ ଭାସୁଛି

ଗଞ୍ଜାମ, (ହି.ସ.)- ପିତଳ ଅଞ୍ଚଳ ମାଲେରିଆ, ଡେଙ୍ଗୁ ଓ ଫାଇଲେରିଆ ପ୍ରବଣ ଅଞ୍ଚଳ ରୂପେ ବେଶ୍ ପରିଚିତ । ନିୟମିତ ଡ୍ରେନ୍ ସଫା ହେଉନଥିବାରୁ ଡ୍ରେନରେ ପଚାପାଣି ଜମି ମଶାମାଛିଙ୍କ ବଂଶ ବିସ୍ତାର ହେଉଛି । ଡ୍ରେନପାଣି ରୋଡ ଉପରେ ଭାସି ଲୋକଙ୍କ ଘର ସମ୍ମୁଖରେ ଜମି ରହିବା ଫଳରେ ଲୋକେ ଦୁର୍ଗନ୍ଧରେ ଘରେ ରହି ପାରୁନାହାନ୍ତି ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । କେତେକ ଲୋକ ଡ୍ରେନ୍‌ରେ ମାଟି ପକାଇ ଅବରୋଧ କରି ଡ୍ରେନ୍ ଉପରେ ଟ୍ରକ, କାର, ଜେସିବି ଓ ବୁଲଡୋଜର ରଖି ଷ୍ଟାଣ୍ଡ କରିବା ଫଳରେ ଡ୍ରେନ୍ ସଫା ହୋଇ ପାରୁନାହିଁ । ତୁରନ୍ତ ପିତଳ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଡ୍ରେନ୍ ଉପରୁ ଯାନବାହାନ ହଟାଇ ବଜାର ନାଳନର୍ଦ୍ଦମା ସଫା କରିବାକୁ ସାଧାରଣରେ ଦାବି ହେଉଛି । ଡ୍ରେନ୍ ଉପରେ ମାଟି ପକାଇ ଯେଉଁମାନେ ଯାନବାହାନ ଷ୍ଟାଣ୍ଡ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ଏବଂ ହିଞ୍ଜିଳିକାଟୁ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଘଟଣା ସମ୍ପର୍କରେ ପିତଳ ସରପଞ୍ଚ, ଶେରଗଡ ବିଡ଼ିଓ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ତିଥି :(ସପ୍ତମୀ): (ହସ୍ତା କନ୍ୟା)
ଅମୃତ ବେଳା: ଦିବା ଘ ୬।୫୭ ମଧ୍ୟେ ଘ ୧୦।୦୯ ଗତେ

## ଆଜିର ଅନୁଚିନ୍ତନ

ହେ ଭରତବଂଶଜ ଅର୍ଜୁନ! ଯେଉଁ ଯେଉଁ ସମୟରେ ଧର୍ମର ହାନି ହୁଏ ଓ ଅଧର୍ମ ବୃଦ୍ଧି ହୁଏ, ସେତେବେଳେ ହିଁ ମୁଁ ନିଜକୁ ସାକାରରୂପରେ ପ୍ରକଟ କରେ।। - ଶ୍ରୀମଦ୍ ଭଗବଦ୍ ଗୀତା

# କର୍କଟ ରୋଗୀଙ୍କ ପାଇଁ ଆଶ୍ୱସ୍ତି

ରାଜ୍ୟରେ କର୍କଟ ଓ କ୍ୟାନସର ରୋଗୀ ବିଶେଷ କରି ଯେଉଁମାନେ ଆୟୁଷ୍ମାନ ଭାରତ ବା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ସେମାନଙ୍କ ପାଇଁ ଆଶ୍ୱସ୍ତି ଯେ ଏହି କାର୍ଡ ଯୋଗେ ୧୨୧ ପ୍ରକାର କ୍ୟାନସର ଚିକିତ୍ସା ପ୍ୟାକେଜକୁ ଯୋଜନା ସହିତ ସଂଯୋଜିତ କରାଯାଇଛି। ଯୋଗ୍ୟ କାର୍ଡଧାରୀମାନେ ଯେବେ କ୍ୟାନସର ଚିକିତ୍ସା ଲାଗି ପ୍ୟାନେଲଭୁକ୍ତ ଘରୋଇ ଅବା ସରକାରୀ ମେଡିକାଲରେ ଭର୍ତ୍ତି ହେବେ ସେତେବେଳେ ଚିକିତ୍ସା ସେବା ପାଇପାରିବେ। ରାଜ୍ୟ ବଜେଟରେ 'ମୁଖ୍ୟମନ୍ତ୍ରୀ କ୍ୟାନସର ଆରୋଗ୍ୟ ଯୋଜନା' ସାମିଲ ହୋଇଛି। ଯାହାଦ୍ୱାରା ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ଏହି ସୁବିଧା କାର୍ଡଧାରୀମାନେ ପାଇପାରିବେ। ଏ ବାବଦ ଚିକିତ୍ସା ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ବହନ କରାଯିବ।

ସାଧାରଣ ଭାବରେ କ୍ୟାନସର ଚିକିତ୍ସା ବ୍ୟୟବହୁଳ। ତେବେ ସବୁ କ୍ୟାନସର ଚିକିତ୍ସା ବ୍ୟୟବହୁଳ କହିହେବନାହିଁ। ବିଶେଷ କରି ଯେଉଁଗୁଡ଼ିକ ଶେଷ ପର୍ଯ୍ୟାୟରେ ଚିହ୍ନଟ ହୋଇଥାଏ ତାହାର ଚିକିତ୍ସା ସେବା ଅଧିକ ଖର୍ଚ୍ଚ ପଡ଼ିଥାଏ। ବିଶେଷ କରି ଗରିବ, ଅବହେଳିତ ବର୍ଗଙ୍କ ପାଇଁ ଚିକିତ୍ସା ଖର୍ଚ୍ଚ ତୁଲାଇବା କଷ୍ଟକର। କାରଣ କ୍ୟାନସର ଔଷଧର ଦାମ୍ ସମସ୍ତଙ୍କ ପାଇଁ ହାତପାଆନ୍ତାରେ ନଥାଏ। ଯେବେ ଗରିବ ରୋଗୀଟିଏ ରାଜ୍ୟ ହେଉ ଅବା ରାଜ୍ୟ ବାହାରକୁ ଯାଏ ସେଠାରେ ଖର୍ଚ୍ଚ ଅଟକଳ କରିପାରିନଥାଏ। ରାଜ୍ୟରେ ବାର୍ଷିକ ୫୫ହଜାର ନୂଆ ମାମଲା ସାମ୍ନାକୁ ଆସୁଛି, ଯାହାକି ଚିନ୍ତାଜନକ। ପଶ୍ଚିମ ଓଡ଼ିଶା ହେଉ କି ଉପକୂଳ ଏପରି ରୋଗୀଙ୍କ ଚିହ୍ନଟ ସଂଖ୍ୟା କ୍ରମେ ବଢିବାରେ ହିଁ ଲାଗିଛି। ଯେବେ ବିଳମ୍ବରେ ଚିହ୍ନଟ ହୁଏ ସେତେବେଳେ ମୃତ୍ୟୁ ଆଶଙ୍କା ବରାବର ରହିଥାଏ। ସାଧାରଣରେ ଦେଖିବାକୁ ମିଳେ ଗ୍ରାମାଞ୍ଚଳସ୍ତରରେ କର୍କଟ ସଚେତନତା ପ୍ରାୟତଃ ନାହିଁ କହିଲେ ଚଳେ। ଏପରିକି ପ୍ରାକ୍ ଚିହ୍ନଟ ବ୍ୟବସ୍ଥା ଆମ ରାଜ୍ୟରେ ସେଭଳି ପରିଲକ୍ଷିତ ହୁଏନାହିଁ। ଏକଥା ସତ ଯେ କର୍କଟ ଆକ୍ରାନ୍ତ ରୋଗୀଙ୍କ ନିରନ୍ତର ଚିକିତ୍ସା ଯେଉଁଠି ଜାରି ରୁହେ, ସେ କ୍ଷେତ୍ରରେ ରୋଗୀର ଦୁର୍ଦ୍ଦଶା କମେ ଓ ବିଶେଷଜ୍ଞଙ୍କ ଦ୍ୱାରା ଯତ୍ନ ରୋଗୀ ପାଇଁ ବହୁତ ଆଶ୍ୱସ୍ତିର ସାଙ୍ଗକୁ ଅନେକାଂଶରେ ଆରୋଗ୍ୟ ଦେଇଥାଏ। କର୍କଟ ରୋଗୀଙ୍କ ଅନ୍ତିମ ଚିକିତ୍ସା କେମୋ ଥେରାପି ଅବା ସର୍ଜରୀ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ପୂର୍ବରୁ ନିୟମିତ ଭାବରେ କାଉନସେଲିଂ, ପୁଷ୍ଟି ତତ୍ତ୍ୱାବଧାନ ଭଳି ଦିଗକୁ ଦୃଷ୍ଟି ଦିଆଗଲେ ରୋଗୀ ପାଇଁ ତାହା ସଂଜୀବନୀ ସଦୃଶ ହୋଇଥାଏ। ସବୁ କର୍କଟ ରୋଗୀଙ୍କ ଚିକିତ୍ସା ବ୍ୟୟବହୁଳ ବୋଲି ସାଧାରଣରେ ଧାରଣା ରହିଛି, କିନ୍ତୁ ତାହା ଠିକ୍ ନାହିଁ। କେଉଁ ରୋଗୀ ପାଇଁ କେମୋ ଥେରାପି ତ କେଉଁ ରୋଗୀ ପାଇଁ ଇମ୍ୟୁନୋଥେରାପି ବା ଅନ୍ୟ କିଛି ଲୋଡ଼ା ପଡ଼େ। ରୋଗର ଚିକିତ୍ସା ଏକ ଦିଗ। ପ୍ରତିଷେଧାତ୍ମକ ଦିଗ ଭିନ୍ନ। ଜୀବନଶୈଳୀରେ ପରିବର୍ତ୍ତନ ଆଣିବା। ବୃତ୍ତିଗତ କ୍ଷେତ୍ରରେ କର୍କଟ ଆଶଙ୍କା ଥିଲେ ତାହାକୁ ଏଡ଼ାଇବା ଲାଗି ଯଥାସମ୍ଭବ ଉଦ୍ୟମ କରିବା, ତମାଖୁ ହେଉ କି ମଦ୍ୟ ଯାବତୀୟ ନିଶାଦ୍ରବ୍ୟ ପରିତ୍ୟାଗ କରିବା ନିତାନ୍ତ ଆବଶ୍ୟକ। ଯଦି ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ କ୍ୟାନସର ସ୍କ୍ରିନିଂ ଶିବିର ଆୟୋଜନ ବ୍ୟାପକ ଭାବରେ କରାଯାଆନ୍ତା, ସେହି ଶିବିର ଅବସରରେ କର୍କଟ ରୋଗୀ ଭୟାବହତା ସଂପର୍କରେ ସଚେତନତା କରାଯାଆନ୍ତା, ତେବେ ପ୍ରତିବର୍ଷ ବଢୁଥିବା ରୋଗୀଙ୍କ ସଂଖ୍ୟା ନିଶ୍ଚୟ ହ୍ରାସ ପାଇପାରନ୍ତା। ଆମେ ଆଶା ରଖିବା, ରାଜ୍ୟ ସରକାର ଏ ଦିଗରେ ଯତ୍ନଶୀଳ ହେବେ। ଏସ୍ଏଚ୍ଜି ଜରିଆରେ ସଚେତନତାର ବାର୍ତ୍ତା ବ୍ୟାପକ କରାଇଲେ ଲୋକଙ୍କ ନିକଟରେ ଅଧିକ ଭାବରେ ପ୍ରତିଷେଧାତ୍ମକ ଦିଗ ନେଇ ଅବଗତି ବଢିପାରନ୍ତା।

# ମୋବାଇଲ୍ ଫୋନ୍ ନିର୍ମାଣ ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ୬୨,୫୦୦ କୋଟି ଟଙ୍କାର ବ୍ୟୟବରାଦ ସହିତ ମୋବାଇଲ୍ ଫୋନ୍ ନିର୍ମାଣ ଯୋଜନା (ଏମପିଏମଏସ)କୁ ଅନୁମୋଦନ କରିଛି । ନିର୍ମାଣ ଏବଂ ଘରୋଇ ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହନ, ଯୋଗାଣ ଶୃଙ୍ଖଳକୁ ସ୍ଥିର କରିବା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗୀ କ୍ଷମତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାର ମୋବାଇଲ୍ ଫୋନ୍ ନିର୍ମାଣ ଯୋଜନା (ଏମପିଏମଏସ) ଆରମ୍ଭ କରିଛନ୍ତି ।ଏମପିଏମଏସ୍ର ଲକ୍ଷ୍ୟ ହେଉଛି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିର୍ଭରଶୀଳତା ହାସଲ କରିବା, ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ମୂଲ୍ୟ ସୃଷ୍ଟି କରିବା ଏବଂ ଡିଜାଇନ୍, ଗବେଷଣା ଓ ବିକାଶରେ ଭାରତୀୟ ପେଟେଣ୍ଟର ବିକାଶ ସମେତ ସ୍ୱଦେଶୀ ବ୍ରାଣ୍ଡ ସୃଷ୍ଟିକୁ ପ୍ରୋତ୍ସାହିତ କରିବା ।ଏହି ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ ହେବ ।ଏହି ଯୋଜନା ଅଧୀନରେ, ଦେଶରେ ନିର୍ମିତ ମୋବାଇଲ୍ ଫୋନର ଯୋଗ୍ୟ ବିକ୍ରୟ ଉପରେ ୨.୨୫% ରୁ ୫% ପର୍ଯ୍ୟନ୍ତ ପ୍ରୋତ୍ସାହନ ପ୍ରଦାନ କରାଯିବ । ଏହି ଯୋଜନାରେ ମୁଖ୍ୟ ଉପାଦାନ ଏବଂ ସବ ଆସେମ୍ବଲିର ଘରୋଇ ସୋର୍ସିଂ ସହ ଜଡିତ ୧.୫% ପର୍ଯ୍ୟନ୍ତ ଅତିରିକ୍ତ ପ୍ରୋତ୍ସାହନ ମଧ୍ୟ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ଭାରତୀୟ ବ୍ରାଣ୍ଡଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ପାଦ ଡିଜାଇନ୍, ଗବେଷଣା ଓ ବିକାଶ ପାଇଁ ଯୋଗ୍ୟ ବିକ୍ରୟ ଉପରେ ୩% ଅତିରିକ୍ତ ପ୍ରୋତ୍ସାହନ ପ୍ରଦାନ କରାଯିବ ।

ଏହି ଯୋଜନାର କାର୍ଯ୍ୟକାଳ ମଧ୍ୟରେ, ଦେଶରେ ମୋବାଇଲ୍ ଫୋନ୍ ରପ୍ତାନିରେ ଉଲ୍ଲେଖନୀୟ ବୃଦ୍ଧି ସହିତ ମୋଟ୍ ମୋବାଇଲ୍ ଫୋନ୍ ନିର୍ମାଣ ପ୍ରାୟ ୩୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ପ୍ରାୟ ୬୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ । ଏହା ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ଏବଂ ବିଶ୍ୱ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କେନ୍ଦ୍ର ରୂପେ ଭାରତର ସ୍ଥିତିକୁ ସୁଦୃଢ଼ କରିବ । ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ୨୦୧୪-୧୫ ଆର୍ଥିକ ବର୍ଷ ଠାରୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନକୁ ୭ଗୁଣ ଏବଂ ରପ୍ତାନିକୁ ୧୧ ଗୁଣ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ର ନିଯୁକ୍ତିର ଏକ ପ୍ରମୁଖ ଉତ୍ସ ଭାବରେ ଉଭା ହୋଇଛି। ବିଶେଷକରି ଦୂରଦୂରାନ୍ତ ଗ୍ରାମାଞ୍ଚଳର ଯୁବକ ଏବଂ ଯୁବତୀମାନଙ୍କ ପାଇଁ ନୂତନ ଚାକିରି ସୁଯୋଗ ଖୋଲିଛି । କିଛି ପ୍ଲାଣ୍ଟ ଗୋଟିଏ ସ୍ଥାନରେ ୫,୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି ।ମୋବାଇଲ୍ ଫୋନ୍ ନିର୍ମାଣ ଓ ରପ୍ତାନି ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ହୋଇଛି । ଏହା ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମର ମେରୁଦଣ୍ଡ ପାଲଟିଛି। ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ଫୋନ୍ ନିର୍ମାତା ଏବଂ ଦେଶରେ ବ୍ୟବହୃତ ମୋବାଇଲ୍ ଫୋନ୍ ମଧ୍ୟରୁ ୯୯.୨ ପ୍ରତିଶତ ଘରୋଇ ଭାବରେ ନିର୍ମିତ ।୨୦୨୫ରେ, ସ୍ମାର୍ଟଫୋନ୍ ଭାରତରୁ ସର୍ବାଧିକ ରପ୍ତାନି ହେଉଥିବା ଉତ୍ପାଦ ରୂପେ ଉଭା ହୋଇଛି । ଏହା ଡିଜେଲ ଇନ୍ଧନ ଓ କଟ୍ ହୀରା ଭଳି ପାରମ୍ପରିକ ପ୍ରମୁଖ ରପ୍ତାନିକୁ ପଛରେ ପକାଇ ଦେଇଛି। ମୋବାଇଲ୍ ଫୋନ୍ ବର୍ତ୍ତମାନ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଏବଂ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ପାଲଟିଛି ଏବଂ ବିଶ୍ୱ ମୂଲ୍ୟ ଶୃଙ୍ଖଳା ମଧ୍ୟରେ ଦେଶର ସ୍ଥିତିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ବୃହତ୍ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାଣ ପାଇଁ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଭାରତକୁ ମୋବାଇଲ୍ ନିର୍ମାଣ ଓ ରପ୍ତାନି ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ରୂପେ ପ୍ରତିଷ୍ଠା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପିଏଲଆଇ-ଏଲଏସଇଏମ ଯୋଜନାର ଅବଧି ୩୧ ମାର୍ଚ୍ଚ, ୨୦୨୬ ପର୍ଯ୍ୟନ୍ତ ଥିଲା ।

**(ପିଆଇବି)**

# ବାହାନା ଧର୍ମେନ୍ଦ୍ର, ଟାର୍ଗେଟରେ ଉପଦ୍ରବ !

**ସୌମେନ୍ଦ୍ର ଜେନା**

**"ଯନ୍ତରମନ୍ତର ଆନ୍ଦୋଳନକୁ ଭାରତବ୍ୟାପୀ କରିବାକୁ ଇସଲାମିଷ୍ଟ, କମ୍ୟୁନିଷ୍ଟର ଏକ ଗୋଷ୍ଠୀ ଚାହୁଁଛନ୍ତି ଯେଉଁ ଏନ୍‌ଜିଓ ମାନେ ଏଫ୍‌ସିଆଇଏ ଯୋଗୁଁ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି ସେମାନେ ମଧ୍ୟ ଏକାଠି ହୋଇଛନ୍ତି । ସୁନିତା ନାରାୟଣ ଆଲ୍ଲାଙ୍କ ପ୍ରଶଂସାରେ ସଂଗୀତଗାନ କରିବା ବେଆଇନ ଘୋଷିତ ଇସଲାମିକ ସନ୍ତ୍ରାସବାଦୀ ସଂଗଠନ ସିମିର ଜଣେ ପ୍ରତିଷ୍ଠାତା ସଦସ୍ୟ ଏବଂ ଜେଲରେ ଥିବା ଉମରର ପିତା ସୋନମଙ୍କ ଆନ୍ଦୋଳନ ସ୍ଥଳୀକୁ ଯିବା, ଦୈନିକ ମୁଣ୍ଡପିଛା ୪୦୦ଟଙ୍କାର ଖାଦ୍ୟ ପାଞ୍ଚରୁ ଦଶହଜାର ଲୋକଙ୍କୁ ବଣ୍ଟାଯିବା,କେତେକ ହିନ୍ଦୁ ବିରୋଧୀ ଲୋକଙ୍କ ସହ କୃଷକ ଆନ୍ଦୋଳନରେ ସାମିଲ ଥିବା ଖାଲିସ୍ଥାନୀ ନେତାମାନେ ଟିକାୟତଙ୍କ ସହ ସେଠାକୁ ଆସିବା ସନ୍ଦେହ ସୃଷ୍ଟି କରେ ।**

ଗତ କିଛିଦିନ ଧରି ନିଟ୍ ପେପର ଲିକ୍ ପରେ ଏକ ବଡ ଗୋଷ୍ଠୀଙ୍କୁ ଆନ୍ଦୋଳନର ନୂଆସୂତ୍ର ମିଳିଯାଇଛି । କେନ୍ଦ୍ର ସରକାରରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟେଇ ଦେଲେ ଯେମିତି ସବୁକିଛି ସମସ୍ୟାର ସମାଧାନ ହୋଇଯିବ ଠିକ୍ ସେମିତି ଏକ ଧାରଣା ସେମାନେ ସମଗ୍ର ଦେଶରେ ସୃଷ୍ଟି କରିବାକୁ ଚାହୁଁଛନ୍ତି । ପରୀକ୍ଷା ପେପର ଲିକ୍ ହେବା କେବଳ ନିଟ୍ ନୁହେଁ ଭିନ୍ନ ଭିନ୍ନ ରାଜ୍ୟରେ ଏବଂ ଭିନ୍ନ ଭିନ୍ନ ପରୀକ୍ଷାରେ ହୋଇଥିବା ଆମେ ଦେଖିଛୁ । ଓଡ଼ିଶାର ପିଲେ ହାଇଦ୍ରାବାଦ ଯିବାବେଳେ ଧରାପଡିବା, ପୁଲିସ ପରୀକ୍ଷାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ସେତେବେଳେ ଏହି ନେଟ୍‌ୱର୍କକୁ ଧରିବାକୁ ପ୍ରୟାସ କରାଯାଇଥିଲା ଏବଂ ସେଥିରେ ଭୁବନେଶ୍ୱର ସିଆର୍‌ପିଛକରେ ଥିବା ଏକ କୋଚିଂ ସେଣ୍ଟରର ସଂପୃକ୍ତି ଥିବା ଜଣାପଡିଥିଲା । ପରେ ପରେ ଅନୁସନ୍ଧାନରୁ ଅନେକ ବ୍ୟକ୍ତିଙ୍କ ସଂପୃକ୍ତି ମଧ୍ୟ ଜଣାପଡିଥିଲା । ଠିକ୍ ସେମିତି ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ପଛରେ ବହୁ ଲୋକଙ୍କ ସଂପୃକ୍ତି ଥିବା ଜଣାପଡିବା ପରେ ସେମାନଙ୍କୁ ମଧ୍ୟ ଧରା ନ ଯାଇଛି ତା ନୁହେଁ । ଯେହେତୁ ଦେଶର କୋଚିଂ ବଜାରରେ ଗୋଟିଏ ଗୋଟିଏ କୋଚିଂ କମ୍ପାନୀ ହଜାର ହଜାର କୋଟି ଟଙ୍କା ଆୟ କରୁଛନ୍ତି ସେମାନେ ସବୁବେଳେ ପରୀକ୍ଷା ଫଳାଫଳକୁ ପ୍ରଭାବିତ କରିବାକୁ ଚାହିଁବେ । କାରଣ ନିଜ ପରୀକ୍ଷାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ପରୀକ୍ଷାରେ ସାହାଯ୍ୟ କରିପାରିଲେ ପରବର୍ଷ ଅଧିକ ଆଶାୟୀ କୋଚିଂ ସେଣ୍ଟରକୁ ଆସିବା ସହଜ ହେବ ଏବଂ କମ୍ପାନୀର ଆୟ ମଧ୍ୟ ବୃଦ୍ଧିପାଇବ । ଚଳିତବର୍ଷର ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ପରେ ଦେଶରେ ଆଉ ଏପରି ଘଟଣା ଯେ ଘଟିବ ନାହିଁ ତା ନୁହେଁ । କାରଣ ଆଗାମୀ ଦିନରେ କିପରି ଏହି କାର୍ଯ୍ୟ ଅଧିକ ଶୃଙ୍ଖଳିତ ଢଙ୍ଗରେ କରାଯାଇପାରିବ ତା'ର ସ୍କ୍ରିପ୍ଟ ଏବେ କୋଚିଂ କମ୍ପାନୀମାନେ ପ୍ରସ୍ତୁତ କରୁଛନ୍ତି । ସେଥିପାଇଁ ସେନାବାହିନୀ, ଗୋଇନ୍ଦା ବାହିନୀ ଏବଂ ପୁଲିସ ବାହିନୀରେ ଚାକିରି କରି ଅବସର ନେଇଥିବା ଅଧିକାରୀମାନଙ୍କୁ ଏହି କୋଚିଂ କମ୍ପାନୀମାନେ ସାରାଦେଶରେ ବାଛିବାଛି ନିଯୁକ୍ତି ଦେବାରେ ଲାଗିଛନ୍ତି । ଯେଉଁ ଅଧିକାରୀମାନେ ନିଜନିଜ ଜୀବନ କାଳରେ ଅନେକ ପ୍ରତିକୂଳ ପରିସ୍ଥିତିରେ ତଥ୍ୟ ଉଠାଇ ନିଜ ବିଭାଗକୁ ଯୋଗାଇଦେଇ ପାରୁଥିଲେ ଏବେ ସେମାନେ କୋଚିଂ ସେଣ୍ଟର ପାଇଁ ସେହି କାର୍ଯ୍ୟ ପରୀକ୍ଷାର ପ୍ରଶ୍ନପତ୍ର ସଂଗ୍ରହରେ କରିପାରିବେ ନାହିଁ, ସେମିତି କିଛି କଥା ନାହିଁ । ଯେହେତୁ କମ୍ପାନୀ ସେମାନଙ୍କୁ ମୋଟା ଅଙ୍କର ଅର୍ଥ ଦେଉଛି, ପ୍ରତିବଦଳରେ ସେମାନେ ଅତି ସହଜରେ ଏଭଳି ଢଙ୍ଗରେ ନିଜ କାର୍ଯ୍ୟ କରିବେ, ଯାହାର ଟେର୍ କେହି ପାଇବେ ନାହିଁ । କାରଣ ସେମାନେ ପେସାଦାର ଅଧିକାରୀ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିବା ହେତୁ ଏସବୁ ସେମାନଙ୍କ ପାଇଁ ସହଜ ହେବ ।

ଯେହେତୁ ଆଗାମୀ ବର୍ଷ ଉତ୍ତର ଭାରତରେ ରାଜ୍ୟସ୍ତରୀୟ ନିର୍ବାଚିତ ହେବାକୁ ଯାଉଛି ସେଥିପାଇଁ ଏବେଠାରୁ କିଛି ଲୋକ ନିଜର କ୍ଷେତ୍ର ପ୍ରସ୍ତୁତିରେ ଲାଗିଛନ୍ତି । ଏହାଛଡା ଅନ୍ୟ କିଛି ଲୋକଙ୍କୁ ଦେଶରେ ନେତାକରି ଛିଡା କରିବା ପାଇଁ ବିଦେଶୀ ଲୋକେ ମଧ୍ୟ ଲାଗିପଡିଛନ୍ତି । ସେମାନେ ଗୋଟିଏ ବାହାନା ଖୋଜୁଥିଲେ, ଆଉ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ସେଥିପାଇଁ ସୁଯୋଗ ଆଣିଦେଲା । ସେହି ସୁଯୋଗକୁ କାଳେ ବିରୋଧୀ ରାଜନେତାମାନେ ନେଇଯାଇ ପାରନ୍ତି ସେଥିପାଇଁ ମଧ୍ୟ ଆନ୍ଦୋଳନକାରୀମାନେ ସତର୍କ ରହି କିଛି ଲୋକଙ୍କୁ ସାମିଲ କରୁଥିଲାବେଳେ କିଛି ଲୋକଙ୍କୁ ବିରୋଧ କରୁଛନ୍ତି କିମ୍ବା କିଛି ଲୋକଙ୍କୁ ବାଛି ବାଛି ସ୍ଥାନ ଦେଉଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଇସ୍ତଫା ଦେବାଲାଗି ଅସରପା ଜନତା ଦଳ (ସିଜେପି) ପକ୍ଷରୁ ଏବେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଲମ୍ବା ଧାରଣା ଚାଲିଛି । ଆମେରିକାରେ ଥିବା ଜଣେ ଆପ୍‌ଦଳର ନେତାଙ୍କୁ ସେଥିପାଇଁ ପ୍ରସ୍ତୁତ କରି ଭାରତକୁ ପଠାଯାଇଛି । ଯେମିତି ବଙ୍ଗଳାଦେଶ, ଶ୍ରୀଲଙ୍କା, ନେପାଳରେ କ୍ଷମତାର ପରିବର୍ତ୍ତନ ଆନ୍ଦୋଳନରୂପୀ ଅସ୍ଥିରତା ଏବଂ ହିସାଂକାଣ୍ଡ ମାଧ୍ୟମରେ କରାଗଲା ସେହି ଢଙ୍ଗରେ ଭାରତରେ ଉପଦ୍ରବ ମାଧ୍ୟମରେ, ତାଣ୍ଡବ ମାଧ୍ୟମରେ ସରକାରର ପରିବର୍ତ୍ତନ କରାଯିବାଲାଗି ପରୀକ୍ଷା ଜାରିରହିଛି । ବିଗତ ଦିନରେ ସମାନ ଢଙ୍ଗରେ ଲଦାଖରେ ମଧ୍ୟ ଏଭଳି ହିଂସାକାଣ୍ଡର ଯୋଜନା ଆମେ ଦେଖିସାରିଛୁ । ସେଠାରେ ଯେଉଁ ବ୍ୟକ୍ତି ହିଂସାକାଣ୍ଡର ମୂଳରେ ରହିଥିଲେ (ସୋନମ ୱାଙ୍ଗଚୁକ) ଏବେ ସେ ନୂଆଦିଲ୍ଲୀରେ ନୂଆ ଆନ୍ନା ହଜାରେ ସାଜିଛନ୍ତି । ଲଦ୍ଦାଖ ଆନ୍ଦୋଳନ ବେଳେ ସ୍ୱତନ୍ତ୍ର ରାଜ୍ୟଦାବି କରାଯାଇଥିଲା ।



ସୋନମ୍ ସେହି ଆନ୍ଦୋଳନକୁ ସ୍ଥାନୀୟ ଜଣେ କଂଗ୍ରେସ ନେତାଙ୍କ ସହଯୋଗରେ କରିଥିଲେ । ନେପାଳରେ ସରକାର ବିରୋଧୀ ହିଂସା ହେବାବେଳେ ସେପରି ଭାରତରେ ହେବା ଦରକାର ବୋଲି ଲୋକଙ୍କୁ କହିଥିଲେ । ଯାହା ଫଳରେ ଆନ୍ଦୋଳନକାରୀମାନେ ସୋନମଙ୍କ ଭାଷଣ ପରେ ପରେ ହିଂସାକାଣ୍ଡ ଓ ପୋଡାଜଳାରେ ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିଲେ । ତାଙ୍କର ଲକ୍ଷ୍ୟ ପ୍ରକୃତରେ ନିଟ ପ୍ରଶ୍ନପତ୍ର ନୁହେଁ । ତାଙ୍କର ପ୍ରକୃତ କଷ୍ଟ କେନ୍ଦ୍ର ସରକାର ଗତ ସେପ୍ଟେମ୍ବର ମାସରେ ତାଙ୍କ ଏନ୍‌ଜିଓକୁ କଟକଣା ଲଗାଇ ବନ୍ଦ କରିବା । ସେ ଯେପରି ବିଦେଶୀ ଅନୁଦାନ ଆଣି ବିଦେଶୀ ସଂସ୍ଥାଙ୍କ ପାଇଁ କାର୍ଯ୍ୟ କରୁଥିଲେ (ଏବେ ମଧ୍ୟ କରୁଛନ୍ତି) ସେଥିରେ ବ୍ରେକ୍ ଦେବାଲାଗି ସରକାର ଏବେ ଏଫ୍‌ସିଆରଏ ଆଇନ ସଂଶୋଧନ ଆଣି ଅନେକଙ୍କ ଦୋକାନ ବନ୍ଦ କରିବାକୁ ଯାଉଛନ୍ତି । ସୋନମ୍ ୱାଙ୍ଗଚୁକ ଲଦାଖର ଜଣେ କଂଗ୍ରେସୀ ନେତାଙ୍କ ପୁଅ ଏବଂ ଜଣେ ସ୍କୁଲ ଶିକ୍ଷକ । ଥ୍ରୀ ଇଡିଅଟ୍ସ ସିନେମାରେ ଲଦାଖର ଅନ୍ୟ ଜଣେ ପରିବେଶବିତ୍‌ଙ୍କ ଭୂମିକା ନେଇ ସିନେମାରେ ଆସି ପରିଚିତ ହୋଇଥିଲେ । ସେ କୌଣସି ବୈଜ୍ଞାନିକ ନୁହନ୍ତି ଚୀନ ଓ ପାକିସ୍ଥାନରେ ତାଙ୍କର ଭଲ ସଂପର୍କ ରହିଛି । ସେଠାକାର ଆଲୋଚନାକୁ ସୋନମ୍ ଯାଇଥାନ୍ତି । କର୍ଣ୍ଣାଟକରେ ଟିମୋଥି ନାମକ ଏକ ସଂସ୍ଥା ବିଦେଶରୁ ୯୨ କୋଟି ଟଙ୍କା ଅନୁଦାନ ଆଣି ଧର୍ମାନ୍ତରଣ ପାଇଁ ହଜାର ହଜାର ସଂଖ୍ୟାରେ କ୍ରେଡିଟ କାର୍ଡ "ସନ୍ତୋଷ କୁମାର" ନାମରେ ପ୍ରସ୍ତୁତ କରି ୧୦,୦୦୦ ଟଙ୍କା ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା ଥିବା ସେହି କାର୍ଡଗୁଡିକୁ ନକ୍ସଲ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିବା ଜଣାପଡିଛି । ବର୍ଷକୁ ୨୨,୦୦୦କୋଟିର ବିଦେଶୀ ଅର୍ଥ ଭାରତକୁ ଆସୁଥିବାବେଳେ ତା'ର ଖର୍ଚ୍ଚ ହିସାବ ଏବଂ ଉପଯୋଗ ହୋଇଥିବା ସ୍ଥାନ ସଂପର୍କରେ ସରକାର ଜାଣିବାକୁ ଚାହିଁଥିଲାବେଳେ ନିକଟରେ ସଂସ୍ଥାର ପ୍ରତିନିଧିଗଣ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କୁ ଟାର୍ଗେଟ କରାଯାଉଥିବା ଅଭିଯୋଗ କରିଥିଲେ । ବିଗତ ପାଞ୍ଚବର୍ଷରେ ପ୍ରାୟ ୧୮୨୭ଟି ବିଦେଶୀ ଅନୁଦାନ ପ୍ରାପ୍ତ ବଡ ଏନଜିଓକୁ ସରକାର ହିସାବ ନ ଦେବା ଅଭିଯୋଗରେ ବନ୍ଦ କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ବିଦେଶୀ ଅର୍ଥର ହିସାବ ସରକାରଙ୍କୁ ଦେବା ବାଧ୍ୟତାମୂଳକ କହିବା ପରେ ଅନେକଙ୍କ ମୁହଁର ରଙ୍ଗ ବଦଳିଯାଇଥିଲା । ସେମିତି ଦେଖିବାକୁ ଗଲେ ସୋନମ ୱାଙ୍ଗଚୁକ୍ ବିଗତ ଦିନମାନଙ୍କରେ ଲଦାଖର ପରିବେଶକୁ ଆଳକରି ପ୍ରତିରକ୍ଷା ବ୍ୟବସ୍ଥାର ବିରୋଧ କରିଆସିଛନ୍ତି । ଦେଶର ସୀମାରେ ସଡକ ନିର୍ମାଣ, ସେନାବାହିନୀ ଲୋକଙ୍କର ଗମନାଗମନ, ସେମାନଙ୍କ ପାଇଁ ଆବଶ୍ୟକ ଢାଞ୍ଚାଗତ ନିର୍ମାଣର ବିରୋଧ କରିଆସିଛନ୍ତି । ସୀମାରେ ଯଦି ସେନା ସକ୍ରିୟ ହୋଇ ନ ରହିବେ ସୀମାକୁ ଯଦି ଭଲ ସଡକ ନିର୍ମାଣ ନ ହେବ, ସେନାଙ୍କୁ ଯଦି ସେଠାରେ ଆବଶ୍ୟକ ସୁବିଧା ନ ମିଳିବ ତେବେ ପରୋକ୍ଷରେ ଚୀନ ସେଥିରୁ ଲାଭବାନ ହେବ ଯାହା ସୋନମ ଚାହୁଁଛନ୍ତି । ବଡ କଥା ହେଲା ଯନ୍ତରମନ୍ତରଠାରେ ଏବେ ଚାଲିଥିବା ସୋନମଙ୍କ ଆନ୍ଦୋଳନରେ ୨୦୨୦ ନୂଆଦିଲ୍ଲୀ ଦଙ୍ଗା ସୃଷ୍ଟିକାରୀ ଗୋଷ୍ଠୀଙ୍କୁ ଦେଖିବାକୁ ମିଳୁଛି । ଟ୍ରମ୍ପଙ୍କ ନୂଆଦିଲ୍ଲୀ ଗସ୍ତକାଳରେ ଦଙ୍ଗାଗୋଳ ସୃଷ୍ଟି କରିବା ଯୋଗୁଁ ୫୦ରୁ ଅଧିକ ଲୋକ ସେତେବେଳେ ପ୍ରାଣ ହରାଇଥିଲେ । ସେହି ଦଙ୍ଗା ପଛରେ ତତ୍କାଳୀନ ରାଜ୍ୟ ସରକାରରେ ଥିବା ଆପ୍ ଦଳର କାଉନସିଲର ତାହିର ହୁସେନକୁ ଏବେ ନୂଆଦିଲ୍ଲୀର ଅଦାଲତ ଦୋଷୀ ସାବ୍ୟସ୍ତ କରିଛି । ଅଙ୍କିତ ଶର୍ମା ନାମକ ଜଣେ ଇଣ୍ଟେଲିଜେନ୍ସ ବ୍ୟୁରୋର ଅଧିକାରୀଙ୍କୁ ତାହିରର ଲୋକେ ୫୦ରୁ ଅଧିକଥର ଛୁରୀ ଭୁସି ହତ୍ୟା କରିଥିଲେ । ଅଙ୍କିତଙ୍କ ରକ୍ଷା ପାଇଁ ଆଗେଇ ଆସିଥିବା ଲୋକମାନଙ୍କ ଉପରେ ତାହିରର ଘର ଉପରୁ ପେଟ୍ରୋଲ ବୋମା ମାଡ କରାଯାଇଥିଲା । ତାହିରର ଘରଛାତ ଉପରେ କୋଲଡ୍ରିଙ୍କ ପ୍ଲାଷ୍ଟିକ କ୍ରେଟରେ ପେଟ୍ରୋଲ ଭର୍ତ୍ତି ବୋତଲସବୁକୁ ବୋମାଭାବରେ ପ୍ରସ୍ତୁତ କରି ରଖାଯାଇଥିବା ଫଟୋ ସେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ସେହି ଦଙ୍ଗା ପଛରେ ସର୍ଜିଲ ଏବଂ ଉମର ନାମକ ଅନ୍ୟ ଦୁଇଜଣ ତାହିରର ସହଯୋଗୀ ଜିହାଦି ଏବେବି ତିହାର ଜେଲରେ ରହିଛନ୍ତି, ଯାହାଙ୍କ ମୁକ୍ତି ପାଇଁ ଅନେକ ଲୋକ ଏବେ ମଧ୍ୟ ଚେଷ୍ଟା କରୁଛନ୍ତି । କାରଣ ସେମାନେ ଜେଲ ବାହାରକୁ ଆସିଲେ ବର୍ତ୍ତମାନର ଆନ୍ଦୋଳନକୁ ବଡ ଦଙ୍ଗା ଦିଗକୁ ନେଇଯାଇପାରିବେ ।

ଯନ୍ତରମନ୍ତର ଆନ୍ଦୋଳନକୁ ଭାରତବ୍ୟାପୀ କରିବାକୁ ଇସଲାମିଷ୍ଟ, କମ୍ୟୁନିଷ୍ଟର ଏକ ଗୋଷ୍ଠୀ ଚାହୁଁଛନ୍ତି ଯେଉଁ ଏନ୍‌ଜିଓ ମାନେ ଏଫ୍‌ସିଆଇଏ ଯୋଗୁ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି ସେମାନେ ମଧ୍ୟ ଏକାଠି ହୋଇଛନ୍ତି । ସୁନିତା ନାରାୟଣ ଆଲ୍ଲାଙ୍କ ପ୍ରଶଂସାରେ ସଂଗୀତଗାନ କରିବା ବେଆଇନ ଘୋଷିତ ଇସଲାମିକ ସନ୍ତ୍ରାସବାଦୀ ସଂଗଠନ ସିମିର ଜଣେ ପ୍ରତିଷ୍ଠାତା ସଦସ୍ୟ ଏବଂ ଜେଲରେ ଥିବା ଉମରର ପିତା ସୋନମଙ୍କ ଆନ୍ଦୋଳନ ସ୍ଥଳୀକୁ ଯିବା, ଦୈନିକ ମୁଣ୍ଡପିଛା ୪୦୦ଟଙ୍କାର ଖାଦ୍ୟ ପାଞ୍ଚରୁ ଦଶହଜାର ଲୋକଙ୍କୁ ବଣ୍ଟାଯିବା, କେତେକ ହିନ୍ଦୁ ବିରୋଧୀ ଲୋକଙ୍କ ସହ କୃଷକ ଆନ୍ଦୋଳନରେ ସାମିଲ ଥିବା ଖାଲିସ୍ଥାନୀ ନେତାମାନେ ଟିକାୟତଙ୍କ ସହ ସେଠାକୁ ଆସିବା ସନ୍ଦେହ ସୃଷ୍ଟି କରେ ।

(ପ୍ରଥମ ଭାଗ)

# ସହରୀ ବନ୍ୟା : ସରକାର ପାଇଁ ଏକ ଚ୍ୟାଲେଞ୍ଜ

**ସୌଭାଗ୍ୟ ରଂଜନ ମହାନ୍ତି**

**"ଦେଶରେ ଅତ୍ୟାଧୁନିକ ସହରର ମଡେଲ ଭାବେ ପରିଚିତ ଗୁରୁଗାଁଓରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ତେବେ ବର୍ଷା ପାଇଁ ଏଭଳି ସମସ୍ୟା କେବଳ ଉପୁଜିଥିବା କୁହାଯାଇପାରିବ ନାହିଁ। ପ୍ରାକୃତିକ ଡ୍ରେନ ପୋଖରୀ ଏବଂ ବନ୍ୟାଜଳ ପ୍ରଭାବିତ ଅଞ୍ଚଳରେ ବଡ ବଡ କୋଠା ଓ କଂକ୍ରିଟ ନିର୍ମାଣ ଯୋଗୁଁ ନିଷ୍କାସନ ପଥ ଅବରୋଧ ହେବା ଫଳରେ ସହରରେ ଘଣ୍ଟାଏ ବର୍ଷାରେ ବନ୍ୟାର ଭ୍ରମ ସୃଷ୍ଟିର କାରଣ ବୋଲି କହିଲେ ଭୁଲ ହେବ ନାହିଁ। ଭୁବନେଶ୍ୱର, କଟକ ସମେତ ଆମ ରାଜ୍ୟର ବହୁ ସହରର ଅବସ୍ଥା ମଧ୍ୟ ଅନୁରୂପ। ଏହା ନିଶ୍ଚିତ ଯେ, ସହରାଞ୍ଚଳ ବନ୍ୟା ଏକ ଅବଶ୍ୟମ୍ଭାବୀ ଅସୁବିଧା ଦର୍ଶାଇ ଏହାକୁ ଅଣଦେଖା କରାଯାଇପାରବି ନାହିଁ। ଏହା ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ, ଯାହା ଦୂରଦୃଷ୍ଟି ଏବଂ ଉତ୍ତରଦାୟିତ୍ୱ ଆବଶ୍ୟକ କରେ।**

ଏଲ-ନିନୋ ପ୍ରଭାବରେ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରଭାବିତ ହେବା ନେଇ ପାଣିପାଗ ମଡେଲଗୁଡିକ ବାରମ୍ବାର ଚେତାବନୀ ଦେଇ ଆସୁଥିବାବେଳେ ଏବେ ଦେଶବ୍ୟାପୀ ମୌସୁମୀ ବର୍ଷା ବିତ୍ପାତ ଜନଜୀବନକୁ ବିପର୍ଯ୍ୟାୟ କରିଦେଇଛି। ମୁମ୍ବାଇ, ଦିଲ୍ଲୀ, ସୁରତ, ଉତ୍ତରାଖଣ୍ଡ ସମେତ ଦେଶର ବିଭିନ୍ନ ଭାଗରେ ଜୀବନଯାତ୍ରା ଠପ୍ କରିଦେଇଥିବାବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ଶହେ ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି। ବର୍ଷାରେ ବିଶେଷ କରି ମୁମ୍ବାଇ, ଦିଲ୍ଲୀ, ସୁରତ ଭଳି ବଡବଡ ସହରରେ ରାଜରାସ୍ତାରେ ବନ୍ୟାର ଭ୍ରମ ସୃଷ୍ଟି ହୋଇଛି। କହିବା ବାହୁଲ୍ୟ ଯେ, ସହରଗୁଡିକରେ ଥିବା ଡ୍ରେନେଜ ବ୍ୟବସ୍ଥା ମାତ୍ର କିଛି ଘଣ୍ଟାର ବର୍ଷାକୁ ପରିଚାଳନା କରିପାରୁନାହିଁ। ଯାହାର ପରିଣତି ସ୍ୱରୁପ ରାସ୍ତାଘାଟ ଠାରୁ ଆରମ୍ଭ କରି ରେଳପଥ, ବିମାନ ବନ୍ଦର ସବୁକିଛି ଜଳାର୍ଣ୍ଣବ କରିବା ସହ ସହରତଳି ଅଂଚଳ ପାଇଁ ଦୁଃଖ ଦୁର୍ଦ୍ଦଶାର କାରଣ ପାଲଟିଛି ବୋଲି କୁହାଯାଇପାରେ।

ଉଲ୍ଲେଖଯୋଗ୍ୟ ଯେ ଦେଶର ବାଣିଜ୍ୟିକ ସହର ଭାବେ ପରିଚିତ ମୁମ୍ବାଇ ଏକ ଉପଦ୍ୱୀପ ଭାବେ ଜଣାଶୁଣା, ଯାହାକି ସୁଧାର ଯାଇଥିବା ଭୂମି, ପଙ୍କୁଆ ମାଟି ଏବଂ ଭୁଆରିଆ ସମତଳ ଭୂମି ଏବଂ ସମୁଦ୍ର ପତନ ଠାରୁ କମ୍ ଉଚ୍ଚତା ଥିବା ଉପକୂଳବର୍ତ୍ତୀ ଅଞ୍ଚଳ। ଯେତେବେଳେ ସେଠାରେ ଲଗାଣ ଓ ପ୍ରବଳ ବର୍ଷା ହୁଏ, ପଙ୍କୁଆ ଓ ଜୁଆରିଆ ସମତଳ ଭୂମି ଯୋଗୁଁ ବର୍ଷାଜଳ ଶୋଷି ହୋଇପାରୁନଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ଜଳ ନିଷ୍କାସନ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ହେବା ଯୋଗୁଁ ବନ୍ୟା ଭଳି ପରିସ୍ଥିତି ସହରରେ ସୃଷ୍ଟି ହେବା ସ୍ୱାଭାବିକ। ୨୦୨୫ ଜୁଲାଇରେ ୨୪ ଘଂଟାରେ ୪୪୪ମିମି ବର୍ଷା ହୋଇ ବନ୍ୟା ହେବା ପରେ ଏବେ ଡ୍ରେନଗୁଡିକୁ ଓସାରିଆ କରିବା କାର୍ଯ୍ୟ ମହାନଗର



ନିଗମ ଆରମ୍ଭ କରିଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ହୋଇନଥିବାରୁ ସହରରେ ଅଭୂତପୂର୍ବ ପରିସ୍ଥିତି ସୃଷ୍ଟି ହୋଇଛି। ଯାହା ମହାନଗର ନିଗମ ବାସୀଙ୍କ ପାଇଁ ଦୁଖଦୁର୍ଦ୍ଦଶା ପାଲଟିଛି। ଜାତୀୟ ରାଜଧାନୀ ଦିଲ୍ଲୀ ଓ ଏନସିଆରରେ ମୌସୁମୀ ବର୍ଷାରେ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି। ମାତ୍ର ଅଳ୍ପ କେତେ ଘଣ୍ଟାର ବର୍ଷାରେ ସହରର ରାଜପଥରେ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ ଯାନବାହନ ଚଳାଚଳ, ବଣିଜ ବେପାର ଏବଂ ଯାତାୟତ ଠପ୍ ହୋଇଯାଇଥିବା ସମୟରେ ବହୁ କୋଠା ଭୁଶୁଡି ପଡିଥିଲା। ଏହା ନିଃସନ୍ଦେହ ଯେ, ଜାତୀୟ ରାଜଧାନୀ ଦିଲ୍ଲୀ ଏବେ ବି ବର୍ଷାଜଳ ପରିଚାଳନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କୁହାଯାଇପାରିବ।

ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଦେଶରେ ଅତ୍ୟାଧୁନିକ ସହରର ମଡେଲ ଭାବେ ପରିଚିତ ଗୁରୁଗାଁଓରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ତେବେ ବର୍ଷା ପାଇଁ ଏଭଳି ସମସ୍ୟା କେବଳ ଉପୁଜିଥିବା କୁହାଯାଇପାରିବ ନାହିଁ। ପ୍ରାକୃତିକ ଡ୍ରେନ ପୋଖରୀ ଏବଂ ବନ୍ୟାଜଳ ପ୍ରଭାବିତ ଅଂଚଳରେ ବଡ ବଡ କୋଠା ଓ କଂକ୍ରିଟ ନିର୍ମାଣ ଯୋଗୁଁ ନିଷ୍କାସନ ପଥ ଅବରୋଧ ହେବା ଫଳରେ ସହରରେ ଘଣ୍ଟାଏ ବର୍ଷାରେ ବନ୍ୟାର ଭ୍ରମ ସୃଷ୍ଟିର କାରଣ ବୋଲି କହିଲେ ଭୁଲ ହେବ ନାହିଁ। ଭୁବନେଶ୍ୱର, କଟକ ସମେତ ଆମ ରାଜ୍ୟର ବହୁ ସହରର ଅବସ୍ଥା ମଧ୍ୟ ଅନୁରୂପ। ଏହା ନିଶ୍ଚିତ ଯେ, ସହରାଞ୍ଚଳ ବନ୍ୟା ଏକ ଅବଶ୍ୟମ୍ଭାବୀ ଅସୁବିଧା ଦର୍ଶାଇ ଏହାକୁ ଅଣଦେଖା କରାଯାଇପାରବି ନାହିଁ। ଏହା ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ, ଯାହା ଦୂରଦୃଷ୍ଟି ଏବଂ ଉତ୍ତର ଦାୟିତ୍ୱ ଆବଶ୍ୟକ କରେ। ଏଭଳି ପରିସ୍ଥିତିର ମୁକାବିଲା ପଥ ମଧ୍ୟ ସ୍ପଷ୍ଟ। ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ପୁନଃ ନିର୍ମାଣ, ଆର୍ଦ୍ରଭୂମି ଏବଂ ପ୍ରାକୃତିକ ଡ୍ରେନେଜ କେନାଲଗୁଡିକୁ ପୁନଃ ପ୍ରତିଷ୍ଠା ଏବଂ ନିର୍ମାଣ ଓ ପରିଚାଳନାରେ ଅବହେଳାକାରୀଙ୍କ ବିରୋଧରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଏକାନ୍ତ ଆବଶ୍ୟକ। ଏଥିସହ ରାଜନୈତିକ ଇଚ୍ଛାଶକ୍ତି ଜରୁରୀ। ଯାହାଦ୍ୱାରା ମୌସୁମୀ ଋତୁରେ ବର୍ଷାଜଳ ସଂକଟକୁ ଦୂର କରାଯାଇପାରିବ। ଏହା ନିଶ୍ଚିତ ଜଳବାୟୁ ପରିବର୍ତ୍ତନ ଆଗକୁ ଅଧିକରୁ ଅଧିକ ବର୍ଷା ଆଣିବ। ଏଥିପ୍ରତି ଆଗୁଆ ଧ୍ୟାନ ଦେବା ଆବଶ୍ୟକ।

ମୋ-୯୪୩୭୯୯୪୩୭୯



ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁର ଆଡପ ମଣ୍ଡପରେ ଦର୍ଶନ ଦେଲେ ଶ୍ରୀ ଜୀଉ

# ଯୁବତୀଙ୍କୁ ଅପହରଣ ପରେ ହତ୍ୟା
## ବୋଲେରୋ ଜବତ,ପ୍ରେମିକ ଓ ଡ୍ରାଇଭର ଅଟକ

କୁଚିଣ୍ଡା,୧୮ ।୭ (ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ବଡରମା ଜଙ୍ଗଲରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି । ଜଣେ ଯୁବତୀଙ୍କୁ ଅପହରଣ ପରେ ନିର୍ମମ ଭାବେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ପ୍ରେମ ବ୍ୟାପାରକୁ ନେଇ ଏଭଳି ହତ୍ୟାକାଣ୍ଡ ହୋଇଥିବା ପୋଲିସ ସନ୍ଦେହ କରୁଛି । ମୃତ ଯୁବତୀ ହେଲେ ମହୁଲପାଲି ଥାନା କୁସୁମୀ (ମହୁଲାଗୁଡ଼ା) ଗ୍ରାମର ସରିତା ସା(୨୪) । ମୃତ ଯୁବତୀଙ୍କ ବାପା ମନୋଜ ସାଙ୍କ ରିପୋର୍ଟ କ୍ରମେ ପୋଲିସ କୁଚିଣ୍ଡା ଥାନାରେ ଦଫା ୧୪୦(୧)/ ୧୦୩(୧)/ ୨୩୮ବିଏନଏସ(ନଂ.୧୫୧/୨୬)ରେ ମାମଲା ରୁଜୁ କରିଛି । ପୋଲିସ କୁଚିଣ୍ଡା ସହର ଉପକଣ୍ଠରେ ଥିବା ତେଲିକୁଣ୍ଡାପୋଷିର ଅନିଲ ପୃଷେଠଙ୍କୁ ଅଟକ ରଖି ଜେରା କରିଥିଲା । ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଏକ ବୋଲେରୋକୁ ପୋଲିସ ଜବତ କରି ଡ୍ରାଇଭର ସୁନ୍ଦରଗଡ଼ ଜିଲ୍ଲା ଧୂରୁଆଡିହି ଥାନା ତିଲେଇମଲଟି ଗ୍ରାମର ଅଶୋକ କିସାନଙ୍କୁ କଟକ ରଖି ତଦନ୍ତ କରୁଥିବା କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାଶ କହିଛନ୍ତି । ମୃତ ଯୁବତୀ ଜଣକ କୁଚିଣ୍ଡା ସହରର ଏକ ବିଉଟି ପାର୍ଲରରେ କାମ କରୁଥିଲେ । ଗତ ଶୁକ୍ରବାର କୁଚିଣ୍ଡାରେ ରଥଯାତ୍ରା ଚାଲିଥିବା ବେଳେ ସରିତା ହଠାତ ନିଖୋଜ ହୋଇଯାଇଥିଲେ । ସେ କୁଚିଣ୍ଡାରେ ଘରଭଡ଼ା ନେଇ ସାଙ୍ଗ ମାନଙ୍କସହ ରହୁଥିଲେ । ହେଲେ ଘରକୁ ନ ଫେରିବାରୁ ସାଙ୍ଗମାନେ ସରିତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରି କୌଣସି ଖବର ନପାଇ ଯୁବତୀଙ୍କ ବାପା ମନୋଜ ସା ଶୁକ୍ରବାର କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ । ଏନେଇ ପୋଲିସ କୁଚିଣ୍ଡା ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ଅନିଲ ପୃଷେଠଙ୍କ ସହ ଅନ୍ୟ ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ଜେରା କରିଥିଲା । ଅଭିଯୁକ୍ତଙ୍କ ସୂଚନା ଆଧାରରେ କୁଚିଣ୍ଡା ପୋଲିସ ବଡ଼ରମା ଜଙ୍ଗଲରୁ ଶନିବାର ସରିତାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତଦେହ କୁଚିଣ୍ଡା ଡାକ୍ତରଖାନାରେ ରଖାଯାଇଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ।

## ପ୍ରଧାନ ଶିକ୍ଷକଙ୍କୁ ଗାଳିଗୁଲଜ ସହିତ ଧମକ, ଥାନାରେ ଅଭିଯୋଗ

ପିପିଲି,୧୮ ।୭ (ନିପ୍ର): ପିପିଲି ଏସଡିପିଓ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ଅଞ୍ଚଳ ହରିପୁର ଆଦର୍ଶ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଓ ତାଙ୍କ ସହକର୍ମୀଙ୍କୁ ବିଦ୍ୟାଳୟ ମଧ୍ୟରେ ପଶି ଦୁଇଜଣ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଛନ୍ତି । ଖାଲି ଗାଳି ଗୁଲଜ ନୁହେଁ ପ୍ରଧାନ ଶିକ୍ଷକଙ୍କୁ ଗେଟ ପାଖରେ ମାଡ଼ ଦେବାକୁ ଧମକ ଦେଇଛନ୍ତି ବୋଲି ଜାଣିବାକୁ ମିଳି ଅଛି । ଏନେଇ ପ୍ରଧାନ ଶିକ୍ଷକ ଓ ନିଜର ସହକର୍ମୀ ମାନଙ୍କର ମାନ ସମ୍ମାନ ଉପରେ ଆଘାତ ଲାଗିବା ସହିତ ଆଗାମୀ ଦିନରେ ଅପ୍ରୀତିକାର ଘଟଣା ଘଟିବା ଆଶଙ୍କା ନେଇ ବଳଙ୍ଗା ଥାନାରେ ଦ୍ୱାରସ୍ଥ ହୋଇଛନ୍ତି । ବଳଙ୍ଗା ପୋଲିସ ଅଭିଯୋଗ ପାଇ ପ୍ରାଥମିକ ତଦନ୍ତ ଚଳାଇ ଅଛି । ଏନେଇ ଘଟଣା ଘଟାଇ ଥିବା ବ୍ୟକ୍ତିଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନାହିଁ ।

## ‘ରକ୍ତଦାନ ହିଁ ଶ୍ରେଷ୍ଠ ମାନବସେବା’

ନିରାକାରପୁର,୧୮ ।୭ (ନିପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ପାଳନ ଅବସରରେ ମଳିପଡ଼ା ମୋହନଲାଲ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ସ୍ଥାପିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଆନୁଷ୍ଠାନିକ ଭାବେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ଆମନ୍ତ୍ରିତ ଅତିଥିମାନେ ରକ୍ତଦାନର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ, ‘ସବୁ ଦାନ ଗୁପ୍ତରେ ହୁଏ ନାହିଁ, କିନ୍ତୁ ରକ୍ତଦାନ ଏମିତି ଏକ ଅନନ୍ୟ ଦାନ, ଯେଉଁଥିରେ ଦାତା ନିଜେ ଜାଣିପାରନ୍ତି ନାହିଁ ତାଙ୍କ ରକ୍ତ କାହାର ଜୀବନ ବଞ୍ଚାଇଲା । ମାତ୍ର ବିଶ୍ୱ ନିୟନ୍ତା ସବୁ ଜାଣନ୍ତି । ଅନ୍ୟ ସମସ୍ତ ଦାନ ତୁଳନାରେ ରକ୍ତଦାନ ଜଣେ ମୁମୂର୍ଷୁ ମଣିଷକୁ ନୂତନ ଜୀବନ ପ୍ରଦାନ କରିଥାଏ । ସେଥିପାଇଁ ରକ୍ତଦାନ ହିଁ ଶ୍ରେଷ୍ଠ ମାନବସେବା ଏବଂ ଏହା ଦ୍ୱାରା ଈଶ୍ୱରଙ୍କ ଆଶୀର୍ବାଦ ଲାଭ ହୋଇଥାଏ ।’ ଏହି ଶିବିରରେ ଶିକ୍ଷାବିତ୍ ପ୍ରାଧ୍ୟାପକ ଲକ୍ଷ୍ମୀଧର ଶ୍ରୀଚନ୍ଦନ, ମଳିପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡାକ୍ତର ଭାଗ୍ୟଲକ୍ଷ୍ମୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଶୈଳେଶ ବଳିଆରସିଂହ, ତ୍ରିଲୋଚନ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମନୋଜ୍ଞା ପଟ୍ଟନାୟକ, ସମାଜସେବୀ ପ୍ରଦ୍ୟୁମ୍ନ ଖଣ୍ଡାୟତରାୟ, ରସାନନ୍ଦ କଳସ ଓ ମନୋରଞ୍ଜନ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସ୍ୱେଚ୍ଛାସେବୀମାନଙ୍କ ଉତ୍ସାହରେ କୌଣସି କମି ଦେଖାଯାଇନଥିଲା । ୩୧ ଜଣ ରକ୍ତଦାତା ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ମାନବସେବାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ । ଖୋରଧା ରକ୍ତଭଣ୍ଡାରର କର୍ମକର୍ତ୍ତା ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଆସିଥିବା ଡାକ୍ତରୀ ଦଳ ଶିବିରକୁ ସଫଳତାର ସହ ପରିଚାଳନା କରିଥିଲେ ।

## ସର୍ବଭାରତୀୟ ନିଟ୍ ୟୁଜି ପରୀକ୍ଷାରେ ଆଶୀର୍ବାଦଙ୍କ କମାଲ

ସୋନପୁର,୧୯ ।୭ (ନିପ୍ର); ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍ ୨୦୨୬ ରେ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବଡ଼ବଜାରର ପୁଅ ଆଶୀର୍ବାଦ ତ୍ରିପାଠୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ସମଗ୍ର ଭାରତରେ ୧୨୩୭ ତମ ର୍ୟାଙ୍କ ଅଧିକାର କରି ଜିଲ୍ଲାବାସୀଙ୍କୁ ଗର୍ବିତ କରିଛନ୍ତି । ଆଶୀର୍ବାଦ ମୋଟ ୭୨୦ ମଧ୍ୟରୁ ୬୫୩ ମାର୍କ ପାଇଛନ୍ତି । ତାଙ୍କ ପିତା ନନ୍ଦକିଶୋର ତ୍ରିପାଠୀ ଜଣେ ଓକିଲ ଏବଂ ମାତା ରଞ୍ଜିତା ତ୍ରିପାଠୀ ଗୃହିଣୀ । ସେ ବରିଷ୍ଠ ଆଇନଜୀବୀ ହରି ନାରାୟଣ ତ୍ରିପାଠୀ ଅଟନ୍ତି । ଆଶୀର୍ବାଦ ବଲାଙ୍ଗୀରର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଯୁବୋଦୟରେ ଶିକ୍ଷା ଲାଭ କରୁଥିଲେ । କଠିନ ପରିଶ୍ରମ ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନ ଫଳରେ ସେ ଏହି ସଫଳତା ପାଇପାରିଥିବା କହିଛନ୍ତି । ତାଙ୍କର ଏହି ସଫଳତା ପାଇଁ ପରିବାର ଲୋକ, ଶିକ୍ଷକ ଏବଂ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ମହଲରୁ ଆଶିର୍ବାଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଶୀର୍ବାଦ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ସମାଜ ସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ସେ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ପ୍ରଥମ କ୍ଲାସ ରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଥିଲେ । ପ୍ରଥମେ ସୋନପୁର ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ପାଠ୍ୟକ୍ରମ ଆରମ୍ଭ କରିଥିବା ଆଶିର୍ବାଦ ମାଟ୍ରିକରେ ୯୫.୫୦ ପ୍ରତିଶତ ମାର୍କ ରଖିବା ସହ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିଲେ । ବଲାଙ୍ଗୀର ଯୁବୋଦୟ କଲେଜରେ ଯୁକ୍ତ ୨ ପାଠ୍ୟକ୍ରମରେ ମଧ୍ୟ ସେ ୯୪ ପ୍ରତିଶତ ମାର୍କ ରଖିବାରେ ସଫଳ ହୋଇଥିଲେ । ସେହିପରି ସେ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଜେଇଇ ମେନ୍ ପରୀକ୍ଷାରେ ମଧ୍ୟ ୯୮ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି ।



# ବିନା ସୂଚନା ଫଳକରେ ଚାଲିଛି କୋଟି କୋଟି ଟଙ୍କାର ରାସ୍ତା କାମ

କେନ୍ଦୁଝର,୧୯ ।୭ (ନିପ୍ର) : ଗ୍ରାମ୍ୟ ନିର୍ମାଣ ବିଭାଜନ ବାଂଶପାଳ ଅଧୀନସ୍ଥ କଣ୍ଡାକୋଳି-ମେଦିନୀପୁର ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଛି । ଏହି ୪ କିଲୋମିଟର ରାସ୍ତା କାମ ପାଇଁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ର ପ୍ରଶସ୍ତିକରଣ କାମ ଚାଲିଥିବାବେଳେ ସୂଚନା ଫଳକ ଲଗାଯାଇନାହିଁ । ଦୀର୍ଘଦିନ ହେବ କାମ ଚାଲିଥିଲେ ହେଁ ସୂଚନା ଫଳକ ନଥିବାରୁ ଲୋକମାନେ କାମ ସମ୍ପର୍କରେ ସୂଚନା ପାଇପାରୁନାହାଁନ୍ତି । ସବୁଠାରୁ ବଡକଥା ହେଲା କାମ ଟି ବର୍ଷା ଦିନେ ଚାଲିଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ବଦଳରେ ମାଟି ପଡୁଛି । ମାଟି କୁ ଠିକ୍ ଭାବରେ ରୋଲିଂ ପରେ ସମତୁଲ ନ କରାଯାଇ ତା ଉପରେ ଅଳ୍ପ ମେଟାଲ ଗୁଣ୍ଡ ପକାଇ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଛି । କାମର ମାନ ନିମ୍ନ ମାନର ଅଭିଯୋଗ ହେଉଥିବାବେଳେ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ କାମଟିକୁ ଟେଣ୍ଡର ଦେଇ ଚୁପ ହୋଇ ବସିଥିବାବେଳେ ଠିକାଦାର ନିଜ ଇଚ୍ଛାରେ କାମ କରୁଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ କାମ ଏଭଳି ନିମ୍ନମାନର ହେଉଥିବାରୁ ରାସ୍ତା ଶେଷ ହେବାର ଅଳ୍ପ ଦିନରେ ରାସ୍ତା ଅବସ୍ଥା ଖରାପ ହୋଇ ଶୋଚନୀୟ ହୋଇପଡୁଛି । କଣ୍ଡାକୋଳି-ମେଦିନପୁର ରାସ୍ତାର ପ୍ରଶସ୍ତିକରଣ କାମ ପାଇଁ ବ୍ୟବହୃତ ମାଟି ସରକାରୀ ଜମି ରୁ ଅଣାଯାଉଥିବା ଅଭିଯୋଗ ହୋଇଛି । ଲଘୁ ଖଣି ବିଭାଗ,ରାଜସ୍ୱ ବିଭାଗ ଏବଂ ଜଙ୍ଗଲ ବିଭାଗ ଏହାର ଯାଂଚ କରି ପଦକ୍ଷେପ ନେବାକୁ ଦାବୀ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱର ଜଙ୍ଗଲ ଜମି ଥିବାରୁ ରାସ୍ତା ପ୍ରଶସ୍ତିକରଣ ପାଇଁ ବନ ବିଭାଗ ଡାଇଭର୍ସନ କରିଛି କି ନାହିଁ ତାହାର ଯାଂଚ କରି ପଦକ୍ଷେପ ନେବାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ ନିକଟରେ ଦାବି ହୋଇଛି । ସୂଚନା ଯୋଗ୍ୟଯେ, ରାସ୍ତା ମରାମତି ଏବଂ ଉନ୍ନତିକରଣ ପାଇଁ ପ୍ରତ୍ୟେକ ବର୍ଷ କୋଟି କୋଟି ଖର୍ଚ୍ଚ ହେଉଥିଲେ ହେଁ ତଦାରଖ ଅଭାବରୁ ସରକାରୀ ଅର୍ଥ ଲୋକଙ୍କ ସଠିକ୍ ଭାବେ କାମରେ ଲାଗି ପାରୁନାହିଁ । ଏ ନେଇ ବାଂଶପାଳ ଡିଭିଜନ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ ହିମାଂଶୁଙ୍କ ସହ ଯୋଗାଯୋଗ କରିବାରୁ କାମର ମାନ ଠିକ୍ ହେଉଛି କି ନାହିଁ ତାହାର ଯାଂଚ କରାଯିବ ବୋଲି କହିଛନ୍ତି । କେବଳ ବାଂଶପାଳ ଡିଭିଜନ ନୁହେଁ ଆନନ୍ଦପୁର ଗ୍ରାମ୍ୟ ନିର୍ମାଣ ବିଭାଜନ, କେନ୍ଦୁଝର ଗ୍ରାମ୍ୟ ନିର୍ମାଣ ବିଭାଜନ(୧) ଏବଂ ଗ୍ରାମ୍ୟ ନିର୍ମାଣ ବିଭାଜନ (୨) ଡିଭିଜନରେ ହୋଇଥିବା ସମସ୍ତ କାମ ର ଏକ ଉଚ୍ଚସ୍ତରୀୟ ଟେକନିକାଲ ଟିମ ଦ୍ୱାରା ଯାଂଚ କରିବାକୁ ଦାବି ହେଉଛି । ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିନରେ ହେଉଥିବା ଅଧିକାଂଶ କାମ କାମ ନିମ୍ନମାନର ହେଉଥିବାରୁ ଅଳ୍ପ ଦିନରେ ନଷ୍ଟ ହେଉଛି । ଫଳରେ ସେ ଅଂଚଳର ଲୋକେ ରାସ୍ତାଟିରୁ ଯେତିକି ଉପକାର ପାଇବା କଥା ସେତିକି ଉପକାର ପାଇ ପାରୁନାହାନ୍ତି । ବିଭାଗୀୟ ଅଧିକାରୀ ମାନଙ୍କର ତଦାରଖ ଅଭାବ ଏବଂ ଦାୟିତ୍ୱରେ ରହୁଥିବା ଯନ୍ତ୍ରୀ ମାନଙ୍କର ତଦାରଖ ଅଭାବରୁ ନିମ୍ନମାନର ହେଉଛି ।

## ନିଟ୍ ଓ ଜେଇଇରେ ଦେବାଶିଷଙ୍କ ସଫଳତା

ଭାପୁର,୧୯ ।୭ (ନିପ୍ର); ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ଗ୍ରାମର ଦେବାଶିଷ ସାହୁ (ପପୁନା) । ଦୁଇ ଦୁଇଟି ସର୍ବଭାରତୀୟ ତଥା ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ ଉତ୍କର୍ଷ ପ୍ରଦର୍ଶନ କରି ସେ ରାଜ୍ୟର ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ନିଜ ଗ୍ରାମ ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି । ମାତା ଜାନକୀ ସାହୁ ଓ ପିତା ଭରତ ସାହୁଙ୍କ ସୁପୁତ୍ର ଦେବାଶିଷ ଚଳିତ ବର୍ଷ ଉଭୟ ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ଚଳିତ ବର୍ଷ ମେଡିକାଲ ପରୀକ୍ଷାରେ ସେ ସମୁଦାୟ ୭୨୦ ରୁ ୬୫୮ ମାର୍କ ସହିତ ସର୍ବଭାରତୀୟ ରାଙ୍କ ୯୮୬ ଥିବାବେଳେ ଓବିସି ବର୍ଗରେ ୩୦୯ ରାଙ୍କ ପାଇଛନ୍ତି ।ଜେଇ ମେନସରେ ୯୭.୧୦ ପର୍ସେଣ୍ଟାଇଲ ଏବଂ ୪୭୫୦୨ ରାଙ୍କ ପାଇ ଦେଶ ର ଅନ୍ୟତମ ଶିକ୍ଷାନୁଷ୍ଠାନ ଭୁବନେଶ୍ୱରସ୍ଥ ଏମ୍ସ ହସ୍ପିଟାଲ ରେ ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ମେଧାବୀ ଛାତ୍ର ଦେବାଶିଷଙ୍କ ଏହି ସଫଳତା ପାଇଁ ଭାପୁର ବ୍ଲକ ଅଞ୍ଚଳର ଶିକ୍ଷାବିତମାନେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଚିଠି ଲେଖାରେ ବିତିଲା ଦୁଇ ବର୍ଷ, ଗଜପତି ପାଇଲା କ'ଣ ?
### ପ୍ରସଙ୍ଗ ଉଠାଉଛନ୍ତି ସାଂସଦ, ପ୍ରକ୍ରିୟା ଆଗଉନି

ପାରଳାଖେମୁଣ୍ଡି,୧୯ ।୭ (ନିପ୍ର); ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅଧୀନରେ ଥିବା ଗଜପତି ଜିଲ୍ଲାର ବିକାଶକୁ ନେଇ ପୁଣି ଚର୍ଚ୍ଚା ଜୋର୍ ଧରିଛି । ଗତ ଦୁଇବର୍ଷ ଧରି ରେଳ, ସଡ଼କ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ଟେଲି ଯୋଗାଯୋଗ, ପାନୀୟଜଳ ଓ ଅନ୍ୟାନ୍ୟ ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗରେ ବ୍ରହ୍ମପୁର ସାଂସଦ କେନ୍ଦ୍ରୀୟ ମନ୍ତ୍ରଣାଳୟ, ବିଭାଗୀୟ ସଚିବ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଚିଠି ଲେଖି ଚାଲିଛନ୍ତି । ହେଲେ, ସେହି ଉଦ୍ୟମର ପରିଣାମ ସ୍ୱରୂପ ଗଜପତି ଜିଲ୍ଲା କ'ଣ ପାଇଛି ବୋଲି ପ୍ରଶ୍ନ ଉଠିଛି । ଗଜପତିରେ ଉନ୍ନତ ସ୍ୱାସ୍ଥ୍ୟସେବା, ଉଚ୍ଚ ଶିକ୍ଷାନୁଷ୍ଠାନ, ଶିଳ୍ପ ପ୍ରତିଷ୍ଠା, ନିଯୁକ୍ତି ସୁଯୋଗ, ରେଳ ଓ ସଡ଼କ ଭିତ୍ତିଭୂମିର ବିକାଶ ଭଳି ବହୁ ପ୍ରସଙ୍ଗରେ ଜିଲ୍ଲାବାସୀଙ୍କ ଦାବି ପୂରଣ ହୋଇନାହିଁ । ସାଂସଦ ଭାବେ ନିର୍ବାଚିତ ହେବା ପରେ ଗଜପତିରେ ଏକ ମେଡିକାଲ କଲେଜ ପାଇଁ କେନ୍ଦ୍ରୀୟ ମନ୍ତ୍ରଣାଳୟକୁ ପତ୍ର ଲେଖିଥିଲେ । ସେହିଭଳି, ଡିସେମ୍ବର ୨୦୨୫ରେ ଗଜପତିର ମୁଖ୍ୟ ରାସ୍ତା ପାରଳାଖେମୁଣ୍ଡି ଠାରୁ ମୋହନା ପର୍ଯ୍ୟନ୍ତ ଜାତୀୟ ରାଜପଥ ୩୨୬ (ଏ)କୁ ଦୁଇ ଲାଇନ ବିଶିଷ୍ଟ କରିବାକୁ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ତଥା ସଡ଼କ ପରିବହନ ଓ ଜାତୀୟ ରାଜପଥ ସଚିବଙ୍କୁ ପତ୍ର ଲେଖିଥିଲେ । କିନ୍ତୁ, ପତ୍ର ଲେଖିବାର ଦୁଇ ବର୍ଷ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପ ମଞ୍ଜୁର କିମ୍ବା ଏଥିପାଇଁ ଅର୍ଥ ଆସିବାର କୌଣସି ସୂଚନା ମିଳିଲା ନାହିଁ ।

ସେହିଭଳି, ଗଜପତି ଜିଲ୍ଲାର ବିଭିନ୍ନ ସରକାରୀ, ସାମାଜିକ ଓ ବିକାଶମୂଳକ କାର୍ଯ୍ୟକ୍ରମରେ ତାଙ୍କ ଅନୁପସ୍ଥିତିକୁ ନେଇ ଆଲୋଚନା ସରଗରମ ହେଉଥିବା ବେଳେ ଜନସାଧାରଣଙ୍କ ସହ ଅଧିକ ପ୍ରତ୍ୟକ୍ଷ ସମ୍ପର୍କ ରଖିବାର ଆବଶ୍ୟକତାକୁ ସେ କାହିଁକି ଅନୁଭବ କରୁନାହାନ୍ତି ବୋଲି ମଧ୍ୟ ପ୍ରଶ୍ନ ଉଠିଛି ରାଜନୈତିକ ବିଶ୍ଳେଷକଙ୍କ ମତରେ-ଚିଠି ଲେଖିବା ଜନପ୍ରତିନିଧିଙ୍କ ଦାୟିତ୍ୱର ଏକ ଅଂଶ ମାତ୍ର କିନ୍ତୁ, ସେହି ଚିଠିର ପରିଣାମରେ କେଉଁ ପ୍ରକଳ୍ପ ମଞ୍ଜୁର ହେଲା, କେତେ ଅର୍ଥ ବରାଦ ହେଲା ଏବଂ ଜିଲ୍ଲାବାସୀଙ୍କ କ'ଣ ପରିବର୍ତ୍ତନ ଆସିଲା, ତାହାହିଁ ଜନପ୍ରତିନିଧିଙ୍କ କାର୍ଯ୍ୟଦକ୍ଷତାର ପ୍ରକୃତ ମାପକାଠି ।

ସାଂସଦ ଙ୍କ ପକ୍ଷରୁ ଉଠାଯାଇଥିବା ଦାବିଗୁଡ଼ିକର ବାସ୍ତବ ପ୍ରଭାବ ଗଜପତି ଜିଲ୍ଲାରେ କେତେ ପଡ଼ିଛି ସେ ନେଇ ଜିଲ୍ଲାବାସୀଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି । ସାଂସଦଙ୍କ ଦାବିକୁ ସରକାର ଗୁରୁତ୍ୱ ଦେଉନାହାନ୍ତି ନା ସରକାରଙ୍କ ଠାରେ ସାଂସଦଙ୍କ ପ୍ରଭାବ ନାହିଁ, ତାଙ୍କ କାର୍ଯ୍ୟଶୈଳୀରେ ଆନ୍ତରିକତାର ଅଭାବ ରହିଛି ନା ସାଂସଦଙ୍କ ଚିଠି ଲେଖା କେବଳ ଧୂଆଁବାଣ ବୋଲି ଲୋକେ ପ୍ରଶ୍ନ ପୂର୍ବକ ଚର୍ଚ୍ଚା କରୁଛନ୍ତି । ଏ ନେଇ ସାଂସଦଙ୍କ ମତାମତ ମିଳି ପାରି ନାହିଁ ତେବେ, ସାଂସଦ ସଚେତନ ହୁଅନ୍ତୁ ଏବଂ ଗଜପତିବାସୀଙ୍କ ପାଇଁ ନିଜ ଦାୟିତ୍ୱ ସମ୍ପାଦନରେ ଅଧିକ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## କ୍ୟାଡର ରେଗୁଲେସନ-୨୦୨୫କୁ ନେଇ ସମବାୟ ସମିତିର ଢିଲାପଣ !
# ୧୩୮ ମଧ୍ୟରୁ ମାତ୍ର ୫୩ ପ୍ରସ୍ତାବ ଦାଖଲ

ନିରାକାରପୁର,୧୮/୭ (ନିପ୍ର): ଖୋର୍ଦ୍ଧା ଜିଲ୍ଲାର ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକରେ କ୍ୟାଡର ରେଗୁଲେସନ-୨୦୨୫ କାର୍ଯ୍ୟକାରୀ କରିବା ପ୍ରକ୍ରିୟା ଆଶାନୁରୂପ ଅଗ୍ରଗତି କରୁନଥିବାରୁ ଖୋର୍ଦ୍ଧା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ ଦ୍ୱିତୀୟ ଥର ସ୍ମାରକପତ୍ର ଜାରି କରାଯାଇଛି । ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଜାରି ହୋଇଥିବା ପତ୍ର ଅନୁଯାୟୀ, ନିର୍ଦ୍ଧାରିତ ତାରିଖ ସୁଦ୍ଧା ସମସ୍ତ ସମବାୟ ସମିତି ପ୍ରସ୍ତାବ ସଂଗ୍ରହ କରି ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରିବାକୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ୟାଙ୍କ ଶାଖାର ସମସ୍ତ ପ୍ରଶାସନିକ ନିରୀକ୍ଷକଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । କେସିସିବି ପକ୍ଷରୁ ପୂର୍ବରୁ ଗତ ୮ ମେ ୨୦୨୬ରେ ସମସ୍ତ ସମବାୟ ସମିତିକୁ କ୍ୟାଡର ରେଗୁଲେସନ-୨୦୨୫ ଗ୍ରହଣ ସମ୍ପର୍କିତ ପ୍ରସ୍ତାବ ବ୍ୟାଙ୍କରେ ଦାଖଲ କରିବାକୁ କୁହାଯାଇଥିଲା । କିନ୍ତୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଖୋର୍ଦ୍ଧା ବିଭାଗ ଅଧୀନରେ ଥିବା ୧୩୮ଟି ସମବାୟ ସମିତି ମଧ୍ୟରୁ ମାତ୍ର ୫୩ଟି ସମିତି ଏହି ପ୍ରସ୍ତାବ ଦାଖଲ କରିଛନ୍ତି । ଏହି ମନ୍ଥର ଗତି ଓ ଢିଲାପଣକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଏହି ବିଳମ୍ବକୁ ନେଇ ଏବେ ସମବାୟ ମହଲରେ ନାନା ପ୍ରଶ୍ନ ଉଠୁଛି । କେତେକ ସଦସ୍ୟ ଓ ସମବାୟ ସହ ଜଡ଼ିତ ବ୍ୟକ୍ତିଙ୍କ ମତରେ, କ୍ୟାଡର ରେଗୁଲେସନ-୨୦୨୫ ଶୀଘ୍ର କାର୍ଯ୍ୟକାରୀ ହେଲେ ସମିତିଗୁଡ଼ିକର ପ୍ରଶାସନରେ ଅଧିକ ସ୍ୱଚ୍ଛତା ଓ ଜବାବଦେହିତା ଆସିପାରିବ । ସମବାୟ କ୍ଷେତ୍ରର କିଛି ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଜିଲ୍ଲାଭିତ୍ତିକ କ୍ୟାଡର ବ୍ୟବସ୍ଥା ସମ୍ପୂର୍ଣ୍ଣ ଲାଗୁ ହେଲେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିବ ।ସଂପାଦକମାନଙ୍କ ଗୋଟିଏ ସମିତିରେ ଦୀର୍ଘଦିନ ଧରି କାର୍ଯ୍ୟରତ ରହିବାର ପ୍ରବଣତା କମିବ ଏବଂ ନିୟମିତ ବଦଳି ସମ୍ଭବ ହେବ । ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ରହିବା ପରିବର୍ତ୍ତେ ବ୍ୟବସ୍ଥାରେ ପରିବର୍ତ୍ତନ ହେଲେ ପ୍ରଶାସନିକ ଜବାବଦେହିତା ବଢ଼ିବ । ସଦସ୍ୟ ଓ ଚାଷୀମାନଙ୍କୁ ସେବା ପ୍ରଦାନ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଆସିବ । ବ୍ୟାଙ୍କ ଓ ସମବାୟ ବିଭାଗ ପକ୍ଷରୁ ସମିତିଗୁଡ଼ିକର ତଦାରଖ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ଓ ପ୍ରଭାବଶାଳୀ ହୋଇପାରିବ ।ବ୍ୟାଙ୍କ ପକ୍ଷରୁ ଜଂକିଆ ସମେତ ସମସ୍ତ ସମବାୟ ସମିତି ସମ୍ପାଦକଙ୍କୁ ସଭାପତିଙ୍କ ମାଧ୍ୟମରେ ତୁରନ୍ତ କମିଟି ବୈଠକ ଡକାଇ କ୍ୟାଡର ରେଗୁଲେସନ-୨୦୨୫ ଗ୍ରହଣ ସମ୍ପର୍କିତ ପ୍ରସ୍ତାବ ପାରିତ କରିବାକୁ କୁହାଯାଇଛି ।

# ସେପ୍ଟେମ୍ବର ସୁଦ୍ଧା ଝୁଲେନପୋଲ କାର୍ଯ୍ୟ ଶେଷ ହେବ
## ନାଗରିକ ମଞ୍ଚ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,୧୮ ।୭ (ନିପ୍ର); ସମ୍ବଲପୁର ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ସଚେତନ ନାଗରୀକ ମଞ୍ଚ ପକ୍ଷରୁ ଶନିବାର କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସଙ୍କୁ ୧୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଉପଖଣ୍ଡର ଆଶାନୁରୂପକ ଭାବେ ବିକାଶ ହୋଇପାରି ନଥିବାରୁ ସଚେତନ ନାଗରିକ ମଞ୍ଚ ଉଦବେଗ ପ୍ରକାଶ କରିଛି । ଏହି ମର୍ମରେ କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ମଧ ୨୫ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି । ଏଥିରେ କୁଚିଣ୍ଡାରେ ନିର୍ମାଣାଧୀନ ନୂତନ ଝୁଲେନ ପୋଲର ତୁରନ୍ତ କାର୍ଯ୍ୟକ୍ଷମ, କୁଚିଣ୍ଡାରୁ ବୁର୍ଲା,ଭୁବନେଶ୍ୱର ଓ ପୁରୀକୁ ବସଚଳାଚଳ, କଳାପରିଷଦ ପରିସରରେ ନିର୍ମିତ ପ୍ରେକ୍ଷାଳୟକୁ ବ୍ୟବହାର ଉପଯୋଗୀ କରିବା, ସୂଚନା କେନ୍ଦ୍ରରେ ଥିବା ପୁରୁଣା ସାମଗ୍ରୀକୁ ସ୍ଥାନାନ୍ତରିତ କରିବା, ଉପଖଣ୍ଡର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ କାର୍ଯ୍ୟକ୍ଷମ କରିବା,ଲସା ଠାରେ ନିର୍ମାଣ ହୋଇଥିବା ସେତୁର ଯାତାୟାତ ପାଇଁ ତୁରନ୍ତ ଆବଶ୍ୟକ ଆପ୍ରୋଚ କାମ ସମାପନ କରିବା, କୁଚିଣ୍ଡା ସହରରେ ଡ୍ରେନେଜ ସମସ୍ୟା, କୁଚିଣ୍ଡା ରାଜୀବଗାନ୍ଧୀ ଛକ ପାଖ ବରଗଛ ମୂଳେ ଓ କୁସୁମୀ ରାସ୍ତା ବାଇପାସ ଛକ ନିକଟରେ ଯାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ କରିବା, ବିଜୁପଟ୍ଟନାୟକ ଇନଡୋର ଷ୍ଟାଡିୟମ ବିକାଶ କରିବା, କୁଚିଣ୍ଡା କଲେଜ ଓ ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ରହିଥିବା ବିବିନ୍ନ ସମସ୍ୟା ଆଦି ଉଲ୍ଲେଖ ରହିଛି । ଉପଜିଲାପାଳ ନାଗରିକ ମଞ୍ଚ ସହ ଆଲୋଚନା କରି ଝୁଲେନପୋଲ କାର୍ଯ୍ୟ ସେପ୍ଟେମ୍ବର ସୁଦ୍ଧା ସମାପନ କରିବା, ଭୁବନେଶ୍ୱର,ବୁର୍ଲା, ସମ୍ବଲପୁର,ଝାରସୁଗୁଡା ଆଦିକୁ ବସ ଚଳାଚଳ



ପାଇଁ ପଦକ୍ଷେପ ନିଆଯାଉଥିବା ପ୍ରକାଶ କରିଥିଲେ । ଏହାଛଡା ଲସା ପୋଲ କାର୍ଯ୍ୟକ୍ଷମ, କେନ୍ଦ୍ରୀୟ ବିଦ୍ୟାଳୟ କୋଠା ନିର୍ମାଣ, ଇନଡୋର ଷ୍ଟାଡିୟମର ବିକାଶ ନିମନ୍ତେ ପଦକ୍ଷେପ ନିଆଯାଇଥିବା କହିଥିଲେ । ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରୀକ ସଂଘ ସଭାପତି ଧୀରେନ୍ଦ୍ର କୁମାର ମହାନ୍ତି, ପୂର୍ବତନ ସଭାପତି ଜୟପ୍ରକାଶ ଗୁପ୍ତା, ହରେକୃଷ୍ଣ ମହାପାତ୍ର, ପଦ୍ମନାଭ ବେହେରା,ରାଜକିଶୋର ପଟେଲ, ଦିଲୀପ ପାଣି, ପ୍ରଭାତ ବେହେରା,ସୁଧିର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

## ବସ୍ ପାଇଁ ସାଇକେଲ ଯାତ୍ରା

ଗୁଣୁପୁର,୧୯ ।୭ (ନିପ୍ର) ୧୯୭୨ ମସିହାରେ ଗୁଡାରି ଏନଏସିର ମାନ୍ୟତା ପାଇଥିଲା । ଏହାଛଡ଼ା ଗୁଡାରି ବ୍ଲକ ୯ ଗୋଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ । ଗୁଡାରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଅଟେ । ଗୁଡାରିରୁ ରାଜଧାନୀ ଭୁବନେଶ୍ୱର ଯିବା ପାଇଁ କୌଣସି ସରକାରୀ କିମ୍ବା ବେସରକାରୀ ବସ୍ ସୁବିଧା ନାହିଁ । ଗୁଡାରିରୁ ଭୁବନେଶ୍ୱର ଯିବା ଆସିବା ନିମନ୍ତେ ଅଞ୍ଚଳବାସୀ ୨୦ କିଲୋମିଟର ପଦ୍ମପୁର କିମ୍ବା ଗୁମୁଡା ଯାଇଥାନ୍ତି । ଏହି ଅଞ୍ଚଳରୁ ପ୍ରତିଦିନ ଭୁବନେଶ୍ୱର ଅନେକ ଲୋକ ଯାଇଥାନ୍ତି । ଭୁବନେଶ୍ୱରରୁ ରାତ୍ରିକାଳୀନ ବସରେ ଆସି ଭୋରୁ ୩ ଟା ରୁ ୪ ଟା ରେ ପଦ୍ମପୁର କିମ୍ବା ଗୁମୁଡା ରେ ଓହ୍ଲାଇଥାନ୍ତି । ସେଠାରେ ଅତି କମରେ ୪ ରୁ ୫ ଘଣ୍ଟା ଅପେକ୍ଷା କରିବା ପରେ ଗୁଡାରି ବସ୍ ଆସିଥାଏ । ବାରମ୍ବାର ଅଭିଯୋଗ ପରେ ଗତ ୨୦୨୩ ମସିହାରେ ଗୋଟିଏ ମାତ୍ର ସରକାରୀ ବସ୍ ଦୀର୍ଘ ୪୦୦ କିଲୋମିଟର ଯାଇ ପୁନର୍ବାର ଆସିଥାଏ । ୨୪ ଘଣ୍ଟାରେ ୮୦୦ କିଲୋମିଟର ଯାତାୟାତ କରିବା ଅସମ୍ଭବ ହୋଇଥିବା ବେଳେ ଚଳାଚଳର କିଛି ଦିନ ପରେ ଦିଗପହଣ୍ଡି ନିକଟରେ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣାପରଠାରୁ ୨୦୨୩ ମସିହାରୁ ଏହି ସେବା ପାଇବାରୁ ଗୁଡାରି ଅଞ୍ଚଳବାସୀ ବଞ୍ଚିତ ଅଛନ୍ତି । ଏହି ସେବା ପୁନର୍ବାର ଚାଲୁ କରିବା ପାଇଁ ଗୁଡାରି ଅଞ୍ଚଳ ବାସୀଙ୍କ ସହଯୋଗ ରେ ସ୍ଥାନୀୟ ‘ ୟୁଥ ଫର ଚେଞ୍ଜ’ ଯୁବଗୋଷ୍ଠୀ ପକ୍ଷରୁ ଜିଲ୍ଲାପାଳ, ବିଧାୟକ, ସାଂସଦ, ପରିବହନ ମନ୍ତ୍ରୀଙ୍କୁ ଲିଖିତ ଭାବେ ବାରମ୍ବାର ଅବଗତ କରାଯାଇଥିଲା କିନ୍ତୁ ଆଦ୍ୟାବଧି ଏହା ସମ୍ଭବ ହୋଇପାରିଲା ନାହିଁ । ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଗୁଡାରିରୁ ଭୁବନେଶ୍ୱର ଉଭୟ ପାର୍ଶ୍ୱରୁ ସରକାରୀ ବସ୍ ସେବା ପ୍ରଦାନ କରିବା କରନ୍ତୁ, ନଚେତ ଆସନ୍ତା ପବିତ୍ର ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖ ଦିନ ସାଇକେଲରେ ଦୀର୍ଘ ୪୦୦ କିଲୋମିଟର ଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିବି ବୋଲି ସ୍ଥାନୀୟ ବାସିନ୍ଦା ଶନିବାର ଡିନ ପ୍ରମୋଦ କୁମାର ପତି ବିଡ଼ିଓ ସୁଚିସ୍ମିତା ବେହେରାଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଅଞ୍ଚଳବାସୀଙ୍କ ସହଯୋଗ ଓ ଆଶୀର୍ବାଦ ନେଇ ବାଇସାଇକେଲରେ ମା ମାଣିକେଶ୍ୱରୀଙ୍କ ନିକଟରେ ନଡ଼ିଆ ଭାଙ୍ଗି ଭୁବନେଶ୍ୱର ଯାତ୍ରା କରିବି ବୋଲି ସେ ଦୃଢ଼ତାର ସହ କହିଛନ୍ତି ।

# ଲଗାଣ ବର୍ଷାରେ ଫୁଲୁଛି ରେବ-କପାଳି, କୋଠାର-ଅସୁରାଳୀ ରାସ୍ତାରେ ବନ୍ୟାଜଳ ଛୁଟୁଛି
## ୫ ପଞ୍ଚାୟତର ୩୦ ଗାଁ ପ୍ରଭାବିତ, ଆତଙ୍କରେ ୪୦ ହଜାରରୁ ଅଧିକ ଲୋକ

ଧାମନଗର,୧୮/୭ (ନିପ୍ର): ଲଗାଣ ବର୍ଷା ପ୍ରଭାବରେ ଧାମନଗର ଅଞ୍ଚଳର ରେବ ଓ କପାଳି ନଦୀରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ବନ୍ୟା ପରିସ୍ଥିତି ଉପୁଜିଛି । ନଦୀ ଦୁଇଟି ଫୁଲିବା ସହ ବନ୍ୟାଜଳ ବିଭିନ୍ନ ଗ୍ରାମ ଓ ଚାଷଜମିରେ ପ୍ରବେଶ କରିଛି । କୋଠାର-ଅସୁରାଳୀ ମୁଖ୍ୟ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେବାରୁ ଯାତାୟାତ ବ୍ୟାହତ ହୋଇଥିବାବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି । ବନ୍ୟା ପ୍ରଭାବରେ ଧାମନଗର ବ୍ଲକର ଭଗବାନପୁର, କୋଠାର, ଅସୁରାଳୀ, ଗଡ଼ିଆଆଳି, ଫତେପୁର ଓ କାଶିମପୁର ପଞ୍ଚାୟତର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗାଁର ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ଅନେକ ସ୍କୁଲରେ ବନ୍ୟା ଜଳ ପସିଥିବା ବେଳେ ମଧ୍ୟାହ୍ନ ଭୋଜନ ରୋଷେଇ ସମସ୍ୟା ସୃଷ୍ଟି ହୋଇଛି । ଫଳରେ ଗ୍ରାମବାସୀମାନେ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ସତର୍କ ରହିଛନ୍ତି । ଅନ୍ୟପକ୍ଷରେ କୋଠାର-ଅସୁରାଳୀ ରାସ୍ତା ଉପରେ ବନ୍ୟାଜଳ ଚାଲୁଥିବାରୁ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି । ଜଳସ୍ତର ଆହୁରି ବୃଦ୍ଧି ପାଇଲେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ସ୍ଥିତି ଅଧିକ ଗମ୍ଭୀର ହୋଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି ।ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଉଥିବା ବେଳେ ନଦୀକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ରେବ ଓ କପାଳି ନଦୀର ଜଳସ୍ତର ଆହୁରି ବଢ଼ିଲେ ଧାମନଗର ଅଞ୍ଚଳରେ ବନ୍ୟା ସ୍ଥିତି ଉତ୍କଟ ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି ।





# ଅମରନାଥ ଓ ବୈଷ୍ଣୋ ଦେବୀ ଯାତ୍ରା ସ୍ଥଗିତ



ନୂଆଦିଲ୍ଲୀ, ୧୯।୭: ଆଜିଠାରୁ ଉଭୟ ଅମରନାଥ ଯାତ୍ରା ଏବଂ ମାତା ବୈଷ୍ଣୋ ଦେବୀ ଯାତ୍ରାକୁ ଅସ୍ଥାୟୀ ଭାବେ ସ୍ଥଗିତ କରାଯାଇଛି । ଜାମ୍ମୁ-କାଶ୍ମୀର ପ୍ରଶାସନ ଭାରତୀୟ ପାଣିପାଗ ବିଭାଗର ପ୍ରତିକୂଳ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଏଭଳି ଘୋଷଣା କରିଛି । ପାଣିପାଗ ବିଭାଗ ପକ୍ଷରୁ ଜୁନ୍ ୧୯ରୁ ୨୩ ମଧ୍ୟରେ ମଧ୍ୟମରୁ ବଡ଼ ଧରଣର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଥିବାରୁ ତୀର୍ଥଯାତ୍ରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ ଲାଗି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ନିଷ୍ପତ୍ତି ନିଆଯାଇଛି । କାଶ୍ମୀର ଡିଭିଜନାଲ କମିଶନର ଅଂଶୁଲ ଗର୍ଗ ଏକ ବିବୃତିରେ କହିଛନ୍ତି, ଜୁଲାଇ ୧୯ରୁ ପହଲଗାମ୍ ଏବଂ ବାଲଟାଲ୍ ଉଭୟ ରୁଟରୁ ଅମରନାଥ ଯାତ୍ରା ସ୍ଥଗିତ ରହିବ । ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଇଥିବା ପ୍ରତିକୂଳ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ତୀର୍ଥଯାତ୍ରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ ପାଇଁ ଶ୍ରୀ ଅମରନାଥଜୀ ଯାତ୍ରା ଜୁଲାଇ ୧୯ରୁ ପହଲଗାମ୍ ଏବଂ ବାଲଟାଲ୍ ଉଭୟ ରୁଟରୁ ଅସ୍ଥାୟୀ ଭାବେ ସ୍ଥଗିତ ରହିବ ।

# ଜିଟିବି ହସ୍ପିଟାଲରେ ସିଲିଂ ଫ୍ୟାନ୍ ଖସିପଡ଼ିବାରୁ ରୋଗୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୯।୭: ଜାତୀୟ ରାଜଧାନୀ ଦିଲ୍ଲୀର ଗୁରୁ ତେଗ୍ ବାହାଦୂର (ଜିଟିବି) ହସ୍ପିଟାଲରେ ଜରୁରୀକାଳୀନ ୱାର୍ଡ଼ରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କ ଉପରେ ସିଲିଂ ଫ୍ୟାନ୍ ଖସି ପଡ଼ିବାର କିଛି ଘଣ୍ଟା ପରେ ତାଙ୍କର ମୃତ୍ୟୁ ହୋଇଛି । ଶନିବାର ରାତିରେ ୪୨ ବର୍ଷୀୟ ମହମ୍ମଦ ଆକବରଙ୍କ ଚିକିତ୍ସା ଚାଲିଥିବା ସମୟରେ ସିଲିଂ ଫ୍ୟାନ୍ ତାଙ୍କ ଉପରେ ଖସି ପଡ଼ିଥିଲା । ଫ୍ୟାନ୍ ପଡ଼ିବାର କିଛି ଘଣ୍ଟା ପରେ ତାଙ୍କର ମୃତ୍ୟୁ ହୋଇଥିଲା । ମହମ୍ମଦ ଆକବରଙ୍କୁ ଶନିବାର ତାଙ୍କ ଭାଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଆକବରଙ୍କଠାରେ ଉଚ୍ଚ ରକ୍ତଚାପ, ମେନିଙ୍ଗୋଏନସେଫାଲାଇଟିସ୍ ଓ ଆସ୍ପିରେସନ୍ ନିମୋନିଆ ସମସ୍ୟା ରହିଥିଲା । ରାତି ୯ଟା ୩୦ ସମୟରେ ଜଣେ ନର୍ସିଂ ଅଧିକାରୀ ଆକବରଙ୍କ ଚିକିତ୍ସାର ତଦାରଖ କରୁଥିବାବେଳେ ହଠାତ୍ ସିଲିଂ ଫ୍ୟାନଟି ଖସି ପଡ଼ିଥିଲା । ରୋଗୀଙ୍କ ଶଯ୍ୟା ଉପରେ ଫ୍ୟାନ୍ ସିଧାସଳଖ ଖସି ପଡ଼ିଥିଲା । ଏଥିରେ ଉଭୟ ରୋଗୀ ଓ ନର୍ସିଂ ଅଧିକାରୀ ଆହତ ହୋଇଥିଲେ । ଏହି ଘଟଣାର ୩ ଘଣ୍ଟା ଭିତରେ ଆକବରଙ୍କର ମୃତ୍ୟୁ ହୋଇଥିଲା । ହସ୍ପିଟାଲ ପକ୍ଷରୁ ମୃତ୍ୟୁର କାରଣ ଉଚ୍ଚ ରକ୍ତଚାପ, ମେନିଙ୍ଗୋଏନସେଫାଲାଇଟିସ୍ ଓ ଆସ୍ପିରେସନ୍ ନିମୋନିଆ ଲେଖାଯାଇଛି ।

# ଉତ୍ତରାଖଣ୍ଡରେ ବଜ୍ରପାତରେ ୨ ମୃତ, ୮୪ଟି ରାସ୍ତା ବନ୍ଦ

ଡେରାଡୁନ୍, ୧୯।୭: ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବା ଯୋଗୁଁ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ହରିଦ୍ୱାରରେ ବଜ୍ରପାତରେ ଦୁଇ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ରବିବାର ୧୦ଟି ଜିଲ୍ଲାକୁ ରେଡ୍ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ବର୍ଷା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିଥିବାବେଳେ ଦୁଇଟି ଜାତୀୟ ରାଜପଥ ସମେତ ୮୪ଟି ରାସ୍ତା ବନ୍ଦ ରହିଥିବା ରାଜ୍ୟ ଜରୁରୀକାଳୀନ ଅପରେସନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ରବିବାରଠାରୁ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ଚେତାବନୀ ଜାରି କରିଛି । ଶନିବାର ସନ୍ଧ୍ୟାରେ ବଜ୍ରାଘାତରେ ହରିଦ୍ୱାରର ଦାଲୁୱାଲା ମଜତାବାର ବାସିନ୍ଦା ନବୀନ ସିଂହ (୩୩) ଓ ଖାଲତିରାର ରଣଧୀର ସିଂହ (୪୫)ଙ୍କର ମୃତ୍ୟୁ ହୋଇଛି । ଜୁଲାଇ ୨୨ ତାରିଖ ପର୍ଯ୍ୟନ୍ତ ଡେରାଡୁନ୍, ତେହରୀ, ଉତ୍ତରକାଶୀ, ରୁଦ୍ରପ୍ରୟାଗ, ହରିଦ୍ୱାର, ବାଗେଶ୍ୱର, ନୈନିତାଲ, ପୌରୀ, ଚାମୋଲି ଓ ପିଥୋରାଗଡ଼ ଜିଲ୍ଲାକୁ ପ୍ରବଳ ବର୍ଷା ଓ ବିଜୁଳି ଘଡ଼ଘଡ଼ି ପାଇଁ ଆଲର୍ଟ ଜାରି କରାଯାଇଛି ।

# ୭ ଜଣ ଲାଞ୍ଚୁଆ ଅଧିକାରୀଙ୍କୁ ନିଲମ୍ବିତ କଲେ ବିଜୟ

ଚେନ୍ନାଇ, ୧୯।୭: ତାମିଲନାଡୁରେ ଦୁର୍ନୀତି ବିରୋଧରେ କଡ଼ା ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ ବିଜୟ । ଗୁଗୁଲ୍ ପେ' ମାଧ୍ୟମରେ ୨.୩୯ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ସରକାର ଏକାଥରେ ୭ ଜଣ ସରକାରୀ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି । ଡିଜିଟାଲ ପେମେଣ୍ଟ ଛଡ଼ା ନଗଦ ଆକାରରେ ମଧ୍ୟ ଲାଞ୍ଚ ନିଆଯାଇଥିଲା, ଯାହାର ତଦନ୍ତ କରାଯାଉଛି । ସୂଚନା ଅନୁସାରେ, ସମ୍ପୃକ୍ତ ଅଧିକାରୀମାନେ ବିଭିନ୍ନ ପ୍ରଶାସନିକ କାମ କରାଇ ଦେବା ନାମରେ ଜଣେ ବ୍ୟକ୍ତିଙ୍କଠାରୁ ଗୁଗୁଲ୍ ପେ' ମାଧ୍ୟମରେ ପ୍ରାୟ ୨.୩୯ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ମିଳିବା ପରେ ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ ବିଭାଗ ପ୍ରାଥମିକ ଯାଞ୍ଚ କରିଥିଲା । ଡିଜିଟାଲ କାରବାରର ତଥ୍ୟ ଲାଞ୍ଚ ନେବା ଅଭିଯୋଗକୁ ପ୍ରମାଣିତ କରିଥିଲା । ଏହାପରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନିର୍ଦ୍ଦେଶରେ ୭ ଜଣ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି । ସେମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ସରକାର କହିଛନ୍ତି, ଦୁର୍ନୀତି ପ୍ରତି କୌଣସି ପ୍ରକାର ସହନଶୀଳତା ଦେଖାଯିବ ନାହିଁ ଏବଂ ଦୋଷୀ ସାବ୍ୟସ୍ତ ହେଲେ କଡ଼ା ଶାସ୍ତି ଦିଆଯିବ ।

# ସରକାରୀ ଚାକିରି ନମିଳିବାରୁ ଆତ୍ମହତ୍ୟା କଲେ ସ୍ୱର୍ଣ୍ଣପଦକ ବିଜେତା ଛାତ୍ର

ନୂଆଦିଲ୍ଲୀ, ୧୯।୭: ଉତ୍ତରପ୍ରଦେଶର କାନପୁରରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ଆସିଛି । ବେକାରୀ ସମସ୍ୟା କେମିତି ଜଣେ ମେଧାବୀ ଛାତ୍ରର ଜୀବନ ନେଇପାରେ, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି । କାନପୁରର ଗୋବିନ୍ଦ ନଗର ଥାନା ଅନ୍ତର୍ଗତ ଗୁଜୈନୀ ଅଞ୍ଚଳରେ ରହୁଥିବା ୨୩ ବର୍ଷୀୟ ଆନନ୍ଦ କୁମାର ନାମକ ଜଣେ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଛନ୍ତି । ସିଲିଂ ଫ୍ୟାନରେ ଆନନ୍ଦଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ଉଦ୍ଧାର କରାଯାଇଛି, ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ପାଠପଢ଼ା ସରିବା ପରେ ଆନନ୍ଦ ସରକାରୀ ଚାକିରି ପାଇବା ପାଇଁ କଠିନ ପରିଶ୍ରମ କରୁଥିଲେ । ସେ ପ୍ରାୟ ୫୦ ଥର ସରକାରୀ ଚାକିରି ପାଇଁ ପ୍ରୟାସ କରିଥିଲେ ମଧ୍ୟ ସବୁଥିରେ ବିଫଳ ହୋଇଥିଲେ । ଏହି କ୍ରମାଗତ ବିଫଳତା ତାଙ୍କୁ ମାନସିକ ସ୍ତରରେ ଭାଙ୍ଗି ଦେଇଥିଲା ଏବଂ ଶେଷରେ ସେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ ବୋଲି ନୋଟରେ ଉଲ୍ଲେଖ କରିଛନ୍ତି ।

# ଅପମାନଜନକ ଭାଷା ସବୁବେଳେ ଅଶ୍ଳୀଳ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୭: କେବଳ ଅପମାନଜନକ ଭାଷା ବ୍ୟବହାର କରାଯିବା ମାତ୍ରେ ତାହାକୁ ଆଇନ ଅନୁସାରେ 'ଅଶ୍ଳୀଳ' ବୋଲି କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ଅଦାଲତ କହିଛନ୍ତି, ଏଫ୍-ୱାର୍ଡ ପରି ଅପମାନଜନକ ଶବ୍ଦ ଅନ୍ୟମାନଙ୍କୁ ଆଘାତ ପହଞ୍ଚାଇପାରେ, କିନ୍ତୁ ସେଥିପାଇଁ ତାହା ସ୍ୱତଃସିଦ୍ଧ ଭାବେ ଅଶ୍ଳୀଳ ଭାଷା ଶ୍ରେଣୀରେ ଆସିଯାଏ ନାହିଁ । ବିଚାରପତି ସଞ୍ଜୟ କାରୋଲ ଓ ବିପୁଲ ଏମ୍ ପଞ୍ଚୋଲିଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି ସମୟରେ ଏହି ରାୟ ଦେଇଛନ୍ତି । ତାମିଲନାଡୁରେ ୨୦୧୭ ମସିହାରେ କୃଷିଜମିକୁ କେନ୍ଦ୍ର କରି ହୋଇଥିବା ବିବାଦରୁ ଏହି ମାମଲାର ଆରମ୍ଭ ହୋଇଥିଲା । ସେହି ଘଟଣାରେ ଜଣେ ୭୦ ବର୍ଷୀୟ ବ୍ୟକ୍ତିଙ୍କୁ ଅପମାନଜନକ ଶବ୍ଦ ବ୍ୟବହାର କରିବା ଅଭିଯୋଗରେ ଅଶ୍ଳୀଳତା ସମ୍ପର୍କିତ ଧାରାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ସୁପ୍ରିମକୋର୍ଟ କହିଛନ୍ତି, ଆଇନ ଦୃଷ୍ଟିରୁ 'ଅଶ୍ଳୀଳତା' ଓ 'ଅଶାଳୀନତା' ଏକ କଥା ନୁହେଁ । କୌଣସି ଶବ୍ଦକୁ ଅଶ୍ଳୀଳ ବୋଲି ଧରାଯିବା ପାଇଁ ତାହା କାମୁକ ପ୍ରବୃତ୍ତିକୁ ଉସକାଇବା, ଯୌନ ଆକର୍ଷଣ ସୃଷ୍ଟି କରିବା କିମ୍ବା ଏହାକୁ ଶୁଣୁଥିବା ବ୍ୟକ୍ତିଙ୍କ ନୈତିକତାକୁ ବିପଥଗାମୀ କରିବାର ପ୍ରବୃତ୍ତି ଥିବା ଆବଶ୍ୟକ । କେବଳ ଅଶାଳୀନ, କଟୁ କିମ୍ବା ଗାଳିଗୁଲଜପୂର୍ଣ୍ଣ ଶବ୍ଦ ବ୍ୟବହାର କରାଗଲେ ସେଥିରେ ଅଶ୍ଳୀଳତାର ଅପରାଧ ହୁଏ ନାହିଁ । ତେବେ ଅଦାଲତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଗୁରୁତର ଆଘାତ ପହଞ୍ଚାଇବା ନେଇ ଦୋଷୀ ସାବ୍ୟସ୍ତ ରାୟକୁ ବଜାୟ ରଖିଛନ୍ତି । ମାମଲାରେ ଅଭିଯୁକ୍ତ ଆକ୍ରମଣ କରି ଅଭିଯୋଗକାରୀଙ୍କ ନାକର ହାଡ଼ ଭାଙ୍ଗିଦେଇଥିବା ପ୍ରମାଣିତ ହୋଇଥିଲା । କିନ୍ତୁ ତାଙ୍କ ବୟସ ଓ ସ୍ୱାସ୍ଥ୍ୟାବସ୍ଥାକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ଦଣ୍ଡରେ କିଛି କୋହଳ କରିଛନ୍ତି ଏବଂ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ରାଜୌରୀ ଜିଲ୍ଲାର ଦରହଲ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ଯୋଗୁଁ ବହୁ ଗାଡ଼ି ବନ୍ୟା ପାଣିର ପ୍ରଖର ସ୍ରୋତରେ ଭାସିଯାଉଛି ।

# ଆନ୍ଧ୍ରପ୍ରଦେଶରେ କରୋନାର ନୂଆ ସବ୍-ଭାରିଆଣ୍ଟ 'ଆରଏଫ.୫' ଚିହ୍ନଟ

ନୂଆଦିଲ୍ଲୀ, ୧୯।୭: ଆନ୍ଧ୍ରପ୍ରଦେଶରେ ଚିହ୍ନଟ ହେଲା କରୋନାର ନୂଆ ସବ୍-ଭାରିଆଣ୍ଟ 'ଆରଏଫ.୫' । ସତର୍କ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି । ଆନ୍ଧ୍ରପ୍ରଦେଶ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟରେ କରୋନା ଭୂତାଣୁର ଓମିକ୍ରନ୍ ପ୍ରଜାତିର ଏକ ନୂଆ ସବ୍-ଭାରିଆଣ୍ଟ 'ଓମିକ୍ରନ ଆରଏଫ୫ ଚିହ୍ନଟ କରିଛି । ଜିନୋମ୍ ସିକ୍ୱେନ୍ସିଂ ପରେ ଏହି ସବ୍-ଭାରିଆଣ୍ଟ ବିଷୟରେ ଜଣାପଡ଼ିଛି । ତେବେ ଏହାକୁ ନେଇ ଆତଙ୍କିତ ନହେବାକୁ ଏବଂ ସତର୍କ ରହିବାକୁ ପ୍ରଶାସନ ତରଫରୁ କୁହାଯାଇଛି ।

# ସରକାରୀ ହସପିଟାଲରେ ରହିବେ ସୋନମ ୱାଙ୍ଗଚୁକ୍ ଦିଲ୍ଲୀ ହାଇକୋର୍ଟ ପତ୍ନୀ ଗୀତାଞ୍ଜଳିଙ୍କ ଆବେଦନକୁ କଲେ ଖାରଜ



ନୂଆଦିଲ୍ଲୀ, ୧୯।୭: ଦିଲ୍ଲୀ ହାଇକୋର୍ଟ ସୋନମ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳିଙ୍କ ଯାଚିକାରେ ଅନ୍ତରୀମ ଜାମିନ ଆବେଦନକୁ ଖାରଜ କରିଛନ୍ତି । କୋର୍ଟ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୋନମଙ୍କୁ ପ୍ରାଇଭେଟ ହସ୍ପିଟାଲକୁ ସିଫ୍ଟ କରିବା ଆବେଦନକୁ ଖାରଜ କରିଛନ୍ତି । ଗତ ୩ ସପ୍ତାହ ଧରି ଆମରଣ ଅନଶନ କରୁଥିବା ସୋନମ ଏବେ ଦିଲ୍ଲୀର ସଫଦରଜଙ୍ଗ ହସପିଟାଲରେ ଭର୍ତ୍ତି ହୋଇଛନ୍ତି । ଏହାକୁ ନେଇ ତାଙ୍କ ପତ୍ନୀ ଦିଲ୍ଲୀ ହାଇକୋର୍ଟରେ ଯାଚିକା ଦାୟର କରିଥିଲେ । ଯାଚିକାରେ ୱାଙ୍ଗଚୁକଙ୍କ ପତ୍ନୀ ଦାବି କରିଥିଲେ କି, ସୋନମଙ୍କୁ କୌଣସି ପ୍ରାଇଭେଟ ହସପିଟାଲରେ ଭର୍ତ୍ତି କରାଯାଉ । କୋର୍ଟ ଶୁଣାଣି ସମୟରେ ବରିଷ୍ଠ ଓକିଲ କପିଲ ସିବ୍ବଲ ୱାଙ୍ଗଚୁକଙ୍କ ପତ୍ନୀଙ୍କ ପକ୍ଷ ରଖିଥିଲେ । ସେ କହିଥିଲେ କି, ସୋନମଙ୍କ ଅଧିକାର ଅଛି, ସେ କୌଣସି ଡାକ୍ତର ଏବଂ କୌଣସି ହସପିଟାଲରେ ରହିବାକୁ ଚାହାନ୍ତି, ସେ ନିଷ୍ପତ୍ତି ନେଇପାରିବେ । ଏହାକୁ ନେଇ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଦଲିଲରେ କହିଛନ୍ତି, ସୋନମଙ୍କୁ ସମସ୍ତ ପ୍ରକାରର ସୁବିଧା ସଫଦରଜଙ୍ଗ ହସପିଟାଲରେ କରାଯାଇଛି । ଏଠାରେ ରାଷ୍ଟ୍ରପତିଙ୍କର ଚିକିତ୍ସା ମଧ୍ୟ ହେଉଛି । ତେଣୁ ପ୍ରାଇଭେଟ ହସପିଟାଲକୁ ସ୍ଥାନାନ୍ତର କରିବାର ଦାବି କିଛି ଯଥାର୍ଥ ନୁହେଁ ।

# ପେରୁରେ ୫.୧ ତୀବ୍ରତାର ଭୂକମ୍ପ: ୫ ମୃତ

ଲିମା, ୧୯।୭: ପେରୁର ଆଣ୍ଡିସ୍ ଅଞ୍ଚଳରେ ୫.୧ ତୀବ୍ରତାର ଭୂମିକମ୍ପ ସଂଘଟିତ ହୋଇଛି । ଏଥିରେ ୫ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୨୧ ଜଣ ଆହତ ହୋଇଛନ୍ତି । ସ୍ଥାନୀୟ ସମୟ ଅନୁଯାୟୀ, ଶନିବାର ରାତି ୯ଟା ୩୦ ସମୟରେ ରାଜଧାନୀ ଲିମାଠାରୁ ୩୦୦ କିମି ଦୂର ଚୋଙ୍ଗୋସ୍ ବାଜେ ସହର ଭୂକମ୍ପ ଝଟ୍‌କା ଯୋଗୁ ଥରି ଉଠିଥିଲା ବୋଲି ପେରୁ ଜିଓଫିଜିକ୍ସ ଇନଷ୍ଟିଚ୍ୟୁଟ୍ ପକ୍ଷରୁ କୁହାଯାଇଛି । ଭୂକମ୍ପର କେନ୍ଦ୍ର ୨୪ କିମି ଗଭୀରତାରେ ରହିଥିଲା । ଏଥିରେ ୪୮ଟି ଘର ଭାଙ୍ଗିଛି ବୋଲି ଏନ୍ ଟେଲିଭିଜନ ନେଟୱର୍କ କହିଛି । ଘର ଭାଙ୍ଗିବା ଯୋଗୁଁ ୩୦୦ ଲୋକ ବାସଚ୍ୟୁତ ହୋଇଛନ୍ତି । ଭୂକମ୍ପର କେନ୍ଦ୍ରସ୍ଥଳ ଅଗଭୀର ଥିଲା, ଫଳରେ ସହରର ବହୁ ଘର ଭାଙ୍ଗି ବହୁତ କ୍ଷତି ଘଟିଛି ବୋଲି ପେରୁର ଜାତୀୟ ନାଗରିକ ପ୍ରତିରକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଜେନେରାଲ ଲୁଇସ୍ ଭାସକେଜ୍ କହିଛନ୍ତି ।

# ରାମମନ୍ଦିର ଦାନଚୋରି ମାମଲା ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ ରାହୁଲ ଓ ଖଡଗେ

ନୂଆଦିଲ୍ଲୀ, ୧୯।୭: ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ବରିଷ୍ଠ ନେତା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖିଛନ୍ତି । କଂଗ୍ରେସ ନେତାଦ୍ୱୟ ଏହି ମାମଲାରେ ନିରପେକ୍ଷ ଯାଞ୍ଚ ଦାବି କରିଛନ୍ତି । କଂଗ୍ରେସ ନେତାମାନେ ଲେଖିଛନ୍ତି ଯେ ଯେଉଁ ଲକ୍ଷଲକ୍ଷ ଭକ୍ତ ଆସ୍ଥାର ସହ ଦାନ କରିଥିଲେ ଏହି ଚୋରି ଯୋଗୁ ସେମାନେ ଏବେ ଧୋକା ଅନୁଭବ କରୁଛନ୍ତି । ଲୋକସଭା ଓ ରାଜ୍ୟସଭାରେ ବିରୋଧୀଦଳ ନେତା ଦ୍ୱୟ କହିଛନ୍ତି ଯେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନିରବତା ଆଦୌ ସ୍ୱୀକାର୍ଯ୍ୟ ନୁହେଁ । ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ପତ୍ର ସୋସିଆଲ ମିଡିଆ ଏକ୍ସରେ ସେୟାର କରିଛନ୍ତି । ସେ ଲେଖିଛନ୍ତି 'ପ୍ରଧାମନ୍ତ୍ରୀ ଜୀ କୋଟିକୋଟି ଭକ୍ତ ଶ୍ରୀରାମ ମନ୍ଦିରରେ ଆସ୍ଥାର ସହିତ ନିଜ କଷ୍ଟାର୍ଜିତ ଆୟ ଦାନ କରିଛନ୍ତି-ସେଠାରେ ଦାନ ଚୋରି ଏବେ କାହାରିକୁ ଅଛପା ନାହିଁ । ଟ୍ରଷ୍ଟର ସବୁ ସଦସ୍ୟଙ୍କୁ ଆପଣଙ୍କ ସରକାର ବାଛିଥିଲେ । ଏହି ଦାନ ଚୋରିକୁ ନେଇ ଆପଣଙ୍କ ନୀରବତା ଆଦୌ ସ୍ୱୀକାର୍ଯ୍ୟ ନୁହେଁ' । କଂଗ୍ରେସ ନେତା ଲେଖିଛନ୍ତି ଯେ ତୁରନ୍ତ ନିରପେକ୍ଷ ଯାଞ୍ଚ କରାନ୍ତୁ ଓ ପୁରା ହିସାବ କିତାବ ସାର୍ବଜନିକ କରନ୍ତୁ । ଆପଣଙ୍କ ସରକାରର ବିଶ୍ୱସନୀୟତା ଏବେ ଆପଣଙ୍କ କାମ ଉପରେ ନିର୍ଭର କରୁଛି । ସେହିପରି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ରବିବାର ଏକ୍ସ ରେ ଏକ ପୋଷ୍ଟ କରିଛନ୍ତି । ସେ ଲେଖିଛନ୍ତି ଯେ 'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଆର୍ଥିକ ବ୍ୟାପାରର ନିରପେକ୍ଷ ଓ ବ୍ୟାପକ ଯାଞ୍ଚ ଦାବି କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆମର ମିଳିତ ପତ୍ର' ।

# ମୋଜତାବା ଖେମିନି ଇରାନରେ ନାହାନ୍ତି

ନୂଆଦିଲ୍ଲୀ, ୧୯।୭: ଇରାନର ସର୍ବୋଚ୍ଚ ନେତା ମୋଜତାବା ଖେମିନି 'ଇରାନରେ ନାହାଁନ୍ତି' । ସାଉଦି ନ୍ୟୁଜ୍ ଆଉଟଲେଟ୍ ଅଲ୍-ହଦଥ୍ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ଇସ୍ରାଏଲୀ ସୂତ୍ର ଆଧାରରେ ଏଭଳି ଦାବି କରାଯାଇଛି । ରିପୋର୍ଟରେ ମୋଜତାବାଙ୍କର ବର୍ତ୍ତମାନର ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇ ନାହିଁ କିମ୍ବା ଦାବିକୁ ସମର୍ଥନ କରିବା ପାଇଁ କୌଣସି ପ୍ରମାଣ ପ୍ରଦାନ କରାଯାଇ ନାହିଁ । ଫେବୃଆରି ୨୮ ତାରିଖରେ ଆମେରିକା-ଇସ୍ରାଏଲର ମିଳିତ ସାମରିକ ଆକ୍ରମଣରେ ପିତା ଆୟୋତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ସେ ଇରାନର ସର୍ବୋଚ୍ଚ ନେତା ପଦବୀ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ସେ ସାର୍ବଜନୀନ ଭାବରେ ଦେଖାଯାଇ ନାହାନ୍ତି ଏବଂ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଲିଖିତ ବିବୃତି ମାଧ୍ୟମରେ ସ୍ୱତନ୍ତ୍ର ଭାବରେ ଯୋଗାଯୋଗ କରି ଆସୁଛନ୍ତି ।

# ସର୍ବଦଳୀୟ ବୈଠକରେ ରାଜନାଥଙ୍କ ପାଦ ଛୁଇଁଲେ ସୁପ୍ରିୟା ନଡ୍ଡାଙ୍କ କାନ୍ଧରେ କଂଗ୍ରେସ ସାଂସଦଙ୍କ ହାତ

ନୂଆଦିଲ୍ଲୀ, ୧୯।୭: ଆସନ୍ତାକାଲି ଆରମ୍ଭ ହେଉଥିବା ମୌସୁମୀ ଅଧିବେଶନ ପୂର୍ବରୁ ସରକାର ଆଜି ଏକ ସର୍ବଦଳୀୟ ବୈଠକ ଡାକିଥିଲେ । ସର୍ବଦଳୀୟ ବୈଠକ ପରେ, ସୋସିଆଲ ମିଡିଆରେ କିଛି ଫଟୋ ପ୍ରକାଶ ପାଇଛି, ଯାହା ରାଜନୈତିକ ଉଷ୍ମତା ବୃଦ୍ଧି କରିଛି । ବୈଠକ ଛାଡିବା ସମୟରେ ଏନସିପି ଶରଦ ପାୱାରଙ୍କ ନେତୃତ୍ୱାଧୀନ ସାଂସଦ ସୁପ୍ରିୟା ସୁଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ପାଦ ଛୁଇଁଥିଲେ । ସେପଟେ କଂଗ୍ରେସ ସାଂସଦ ଜୟରାମ ରମେଶ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡାଙ୍କ କାନ୍ଧରେ ହାତ ରଖିଥିବା ମଧ୍ୟ ଦେଖିବାକୁ ମିଳିଛି । ଦିଲ୍ଲୀରେ ସର୍ବଦଳୀୟ ବୈଠକରୁ ନେତାମାନେ ବାହାରକୁ ଯାଉଥିବା ସମୟରେ ଏହି ଦୃଶ୍ୟ ସବୁ ଦେଖିବାକୁ ମିଳିଥିଲା । ଏହି ଘଟଣା ଏବେ ରାଜନୈତିକ ଝଡ଼ ସୃଷ୍ଟି କରିଛି । କିଛି ଗଣମାଧ୍ୟମ ରିପୋର୍ଟ ଦାବି କରୁଛି ଯେ, ସର୍ବଦଳୀୟ ବୈଠକ ସମୟରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ଉଷ୍ମ ବାଦାନୁବାଦ ଦେଖିବାକୁ ମିଳିଥିଲା । ସରକାରଙ୍କ ଦ୍ୱାରା ଡକାଯାଇଥିବା ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ରବିବାର ଏନସିପି (ସ.ପା) ସାଂସଦ ସୁପ୍ରିୟା ସୁଲେ ଦିଲ୍ଲୀରେ ପହଞ୍ଚିଥିଲେ ।



ବୈଠକ ଶେଷ ହେବା ପରେ, ସେ ଫେରିବା ସମୟରେ ରାଜନାଥ ସିଂହଙ୍କୁ ଭେଟିଥିଲେ । ତାଙ୍କୁ ଦେଖି ସେ ତାଙ୍କ ପାଦ ଛୁଇଁଥିଲେ, ଏବଂ ଦୁଇଜଣ କଥାବାର୍ତ୍ତା ଜାରି ରଖିଥିଲେ । କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ । କିଛି ସମୟ ପରେ, ସମସ୍ତ ନେତା ଯିବା ସମୟରେ, କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏବଂ କଂଗ୍ରେସ ସାଂସଦ ଜୟରାମ ରମେଶ ସାକ୍ଷାତ କରି କଥାବାର୍ତ୍ତା ଆରମ୍ଭ କରିଥିଲେ । କଥାବାର୍ତ୍ତା ସମୟରେ, ଜୟରାମ ରମେଶ ଜେପି ନଡ୍ଡାଙ୍କ କାନ୍ଧରେ ହାତ ରଖିଥିଲେ, ଯାହାର ଏକ ଭିଡିଓ ସାମ୍ନାକୁ ଆସିଥିଲା । ରାଜନୈତିକ ଜୀବନରେ ଏପରି ଚିତ୍ର ସାଧାରଣତଃ ବିରଳ । ଏହା ଉଲ୍ଲେଖ କରିବା ଉଚିତ ଯେ ଏପରି ଚିତ୍ର ସୁସ୍ଥ ରାଜନୀତିର ଉଦାହରଣ ସୃଷ୍ଟି କରେ । ସରକାର ଦ୍ୱାରା ଡକାଯାଇଥିବା ସର୍ବଦଳୀୟ ବୈଠକରେ ଟିଏମସି ଏବଂ ଶିବସେନା (ୟୁବିଟି) ର ବିଦ୍ରୋହୀ ସାଂସଦ ମାନେ ମଧ୍ୟ ଯୋଗ ଦେଇଥିଲେ । ଏହା ଦ୍ୱାରା ହଙ୍ଗାମା ହୋଇଥିବାର ସୂଚନା ମିଳିଛି । ବିରୋଧୀ ଦଳର ନେତାମାନେ ବୈଠକ ଛାଡି ଚାଲିଗଲେ । ତଥାପି, କିଛି ସମୟ ପରେ ସମସ୍ତ ଦଳର ନେତାମାନେ ବୈଠକରେ ପୁନର୍ବାର ଯୋଗ ଦେଇଥିଲେ ।

# କୋଲକାତା ଗସ୍ତ ବିବାଦକୁ ନେଇ ସ୍ପଷ୍ଟୀକରଣ ଦେଲେ ତସଲିମା

ନୂଆଦିଲ୍ଲୀ, ୧୯।୭ : ବାଂଲାଦେଶୀ ଲେଖିକା ତଥା ସାମାଜିକ କାର୍ଯ୍ୟକର୍ତ୍ତା ତସଲିମା ନସରୀନ ତାଙ୍କ କୋଲକାତା ଗସ୍ତକୁ ନେଇ ଉପୁଜିଥିବା ବିବାଦରେ ସଫେଇ ଦେଇଛନ୍ତି । ଏ ନେଇ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଦୀର୍ଘ ପୋଷ୍ଟ କରିଥିବା ବେଳେ ତାଙ୍କୁ କୋଲକାତା ଆମନ୍ତ୍ରଣ କରିଥିବା ସଙ୍ଗଠନ ଏକ ସିକ୍ୟୁଲାର ମିସନ ଓ ଏହାର ନେତୃତ୍ୱ ପ୍ରଗତିଶୀଳ ମୁସଲମାନ ଉସ୍ମାନ ଗନି ମଲ୍ଲିକ ନେଉଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ନା ତାଙ୍କୁ ବିଜେପି କୋଲକାତା ନେଉଛି ନା ପଶ୍ଚିମବଙ୍ଗ ସରକାର ତାଙ୍କୁ ଡକାଇଛନ୍ତି । ତେବେ ପଶ୍ଚିମବଙ୍ଗ ସରକାର କେବଳ ତାଙ୍କର ସୁରକ୍ଷା ବ୍ୟବସ୍ଥା କରୁଥିଲା ତସଲିମା ନସରୀନ କହିଛନ୍ତି । ଲେଖିକା ଅଭିଯୋଗ କରିଛନ୍ତି ଯେ କିଛି ବାମପନ୍ଥୀ ନେତା ତାଙ୍କ କୋଲକାତା ଯିବାକୁ ରାଜନୈତିକ ରଙ୍ଗ ଦେଉଛନ୍ତି ଓ ତସଲିମାଙ୍କ ଉପରେ ବିଜେପି ବା ହିନ୍ଦୁତ୍ୱ ସମର୍ଥକ ହୋଇଥିବାର ଆରୋପ ଲଗାଉଛନ୍ତି । ସେ କହିଛନ୍ତି ଯେ ଯେଉଁ ଲୋକେ ପୂର୍ବରୁ ତାଙ୍କୁ ପଶ୍ଚିମବଙ୍ଗରୁ ବାହାରିଯିବାକୁ ବାଧ୍ୟ କରିଥିଲେ ସେହିମାନେ ଏବେ ରାଜ୍ୟକୁ ଫେରିବା ଯୋଗୁ ପ୍ରଶ୍ନ ଉଠାଉଛନ୍ତି । ତସଲିମା ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ସେ ପୂର୍ବରୁ ବାମପନ୍ଥୀ ସରକାରଙ୍କ ନିମନ୍ତ୍ରଣରେ ଅନେକବାର କେରଳ ଯାଇଛନ୍ତି । ସେଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା ଓ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଇଥିଲା । ତେବେ ସେତେବେଳେ ପଶ୍ଚିମବଙ୍ଗର ବାମପନ୍ଥୀ ନେତା କେଉଁଠି ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ତସଲିମା ଲେଖିଛନ୍ତି ଯେ ସେ ପାଖାପାଖି ୧୮ବର୍ଷ ୮ ମାସ ୧୦ ଦିନ ବାଦ କୋଲକାତା ଫେରୁଛନ୍ତି ଓ ତାଙ୍କର ଏହି ଗସ୍ତ କାର୍ଯ୍ୟକ୍ରମ ମାତ୍ର ୨ ଦିନର । ଏହା ସତ୍ତ୍ୱେ ବିବାଦ ଛିଡା କରାଯାଉଛି ବୋଲି ତସଲିମା କହିଛନ୍ତି ।

# ଆମେରିକା-ଇରାନ ଶାନ୍ତି ଚୁକ୍ତିକୁ ପ୍ରତ୍ୟାଖ୍ୟାନ ଘୋଷଣା କଲା ତେହେରାନ୍

## ପଡିବନି କୌଣସି ପ୍ରଭାବ: ଟ୍ରମ୍ପ



ନୂଆଦିଲ୍ଲୀ, ୧୯।୭: ଆମେରିକା- ଇରାନ ମଧ୍ୟରେ ପାକିସ୍ତାନ ଏବଂ କତାରର ମଧ୍ୟସ୍ଥତାରେ ଏକ ଶାନ୍ତି ଚୁକ୍ତିନାମା ସତ୍ତ୍ୱେ, ପଶ୍ଚିମ ଏସିଆରେ ଉତ୍ତେଜନା ଏବଂ ସଂଘର୍ଷ ଏବେବି ଜାରି ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ, ଆମେରିକୀୟ ସେନା ଗତ ୮ ରାତି ଧରି ଇରାନ ରଣନୈତିକ ସ୍ଥାନ ଗୁଡ଼ିକୁ ଟାର୍ଗେଟ କରି ନିରନ୍ତର ଆକ୍ରମଣ କରିଆସୁଛି । ଏହି ନିରନ୍ତର ଆକ୍ରମଣରେ କ୍ରୋଧିତ ହୋଇ, ଇରାନ ଏବେ ଆମେରିକା ସହିତ ଶାନ୍ତି ଚୁକ୍ତିନାମାକୁ ପ୍ରତ୍ୟାଖ୍ୟାନ କରିବାକୁ ନିଷ୍ପତ୍ତି ନେଇଛି, ଯାହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାମ୍ପ୍ରତିକ ପ୍ରତିକ୍ରିୟା ଦେଇଛନ୍ତି । ଏକ ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଆମେରିକୀୟ କେବୁଲ ନେଟୱାର୍କ ନ୍ୟୁଜ୍ ନେସନ ସହିତ ଏକ ଫୋନ୍ ସାକ୍ଷାତକାରରେ କହିଥିଲେ ଯେ, ସେ ଆମେରିକା-ଇରାନ ବୁଝାମଣାପତ୍ରକୁ ପ୍ରତ୍ୟାଖ୍ୟାନ କରିବାର ତେହେରାନର ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ନୁହଁନ୍ତି । ସେ ଜୋର ଦେଇ କହିଛନ୍ତି ଯେ ଏହି ଯୁଦ୍ଧରେ ଆମେରିକାର ପ୍ରାଥମିକତା ହେଉଛି ଇରାନକୁ ପରମାଣୁ ଶକ୍ତି ହାସଲ କରିବାରୁ ରୋକିବା । ପ୍ରକୃତରେ, ସାକ୍ଷାତକାର ସମୟରେ, ଆମେରିକା ରାଷ୍ଟ୍ରପତିଙ୍କୁ ଗତ ମାସରେ ଆମେରିକା ସହିତ ସ୍ୱାକ୍ଷରିତ ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତିନାମା ପାଳନ ନକରିବା ପାଇଁ ଇରାନର ନିଷ୍ପତ୍ତି ବିଷୟରେ ପଚରାଯାଇଥିଲା । ଡୋନାଲ୍ଡ ଟ୍ରମ୍ପ ଉତ୍ତର ଦେଇଥିଲେ, 'ମୁଁ ଏଥିରେ ଆଦୌ ଚିନ୍ତା କରେ ନାହିଁ, ଏହା ମୋ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ନୁହେଁ, କାରଣ ଏହି ଯୁଦ୍ଧରେ ୱାଶିଂଟନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଇରାନକୁ କେବେ ପରମାଣୁ ଶକ୍ତି ହାସଲ କରିବାରୁ ରୋକିବା ।' ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇସ୍ରାଏଲ ସହିତ ଇରାନର ଯୁଦ୍ଧର ପ୍ରାୟ ଚାରି ମାସ ପରେ ଯୁଦ୍ଧ ଶେଷ କରିବା ଏବଂ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ଜୁନ୍ ମାସରେ ୱାଶିଂଟନ ଏବଂ ତେହେରାନ ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ଶାନ୍ତି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ତଥାପି, ଏହି ଚୁକ୍ତିନାମା ଦୁଇ ପକ୍ଷ ମଧ୍ୟରେ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ ହୋଇନାହିଁ, ଏବଂ ଆମେରିକା ଏବଂ ଇରାନ ପରସ୍ପରର ସ୍ଥିତି ଉପରେ ବୋମା ପକାଇବା ଏବଂ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ଜାରି ରଖିଛନ୍ତି ।

## ବେଆଇନ ବାଲି ଚାଲାଣ : ୧୦ ହାଇୱା ଜବତ

କଟକ,(ନିପ୍ର): ବେଆଇନ ବାଲି ଚାଲାଣ ରୋକିବାକୁ ଶନିବାର ରାତିରେ ଚଢ଼ାଉ କରାଯାଇ ୧୦ ଟି ବାଲି ବୋଝେଇ ହାଇୱା ଜବତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଶନିବାର ରାତିରେ ସଦର ଥାନା ଓ ୪୨ ମୌଜା ଥାନା ପକ୍ଷରୁ ଭଗବତୀ ଘାଟରେ ଚଢ଼ାଉ କରାଯାଇଥିଲା । ସଦର ଥାନା ପକ୍ଷରୁ ୮ଟି ହାଇୱା ଜବତ କରାଯାଇଥିବା ବେଳେ ୪୨ ମୌଜା ଥାନା ପକ୍ଷରୁ ୨ଟି ହାଇୱା ଜବତ କରାଯାଇଛି । ଏ ନେଇ ସମ୍ପୃକ୍ତ ଗାଡି ମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ।

## ଆରଟିଓ ଚାଲାଣ ସେଟଲମେଣ୍ଟ ନାଁରେ ସାଇବର ଠକେଇ: ଦୁଇ ଗିରଫ




କଟକ(ନିପ୍ର) : ଆରଟିଓ ଚାଲାଣ ସେଟଲମେଣ୍ଟ କରିଦେବାର ପ୍ରଲୋଭନ ଦେଇ ୨ ଲକ୍ଷ ୭୦ ହଜାର ଟଙ୍କାର ସାଇବର ଠକେଇ ଘଟଣାରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଚମକେଇ ଦେବା କଥା ହେଉଛି, ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଆଇନଜୀବୀ ଏବଂ ଅନ୍ୟ ଜଣେ ବିଟେକ୍ ଇଞ୍ଜିନିୟର ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ତିହିଡି ଥାନା ଅନ୍ତର୍ଗତ ଦୋଳସାହିର ଆଇନଜୀବୀ ରାଜା ଦାସ(୨୯) ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଜିତପଡ଼ାର ରଜତ କୁମାର ଲେଙ୍କା(୨୬) । ସେମାନଙ୍କ ନିକଟରୁ ୬୧ଟି ନକଲି ଚାଲାଣ ରସିଦ ,୩ଟି ମୋବାଇଲ ଫୋନ, ଏକ ଲାପଟପ୍ ଏବଂ ୧୧ଟି ଏଟିଏମ୍ କାର୍ଡ, ୨ଟି ପ୍ୟାନ କାର୍ଡ, ୨ଟି ଆଧାର କାର୍ଡ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଫେସବୁକ୍‌ରେ ସର୍ଚ୍ଚ କରୁଥିବା ବେଳେ 'ଅଲ୍ ଇଣ୍ଡିଆ ଆରଟିଓ ଚାଲାଣ' ନାମରେ ଏକ ୱେବସାଇଟ୍ ଦେଖିଥିଲେ । ସେହି ୱେବସାଇଟ୍ ସହ ଯୋଗାଯୋଗ କରିବା ପରେ ଚାଲାଣ ସେଟଲମେଣ୍ଟ କରାଇଦେବାର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତମାନେ ତାଙ୍କ ବିଶ୍ୱାସ ଜିତିଥିଲେ । ପରେ ବିଭିନ୍ନ ପର୍ଯ୍ୟାୟରେ ତାଙ୍କଠାରୁ ୨ ଲକ୍ଷ ୭୦ ହଜାର ଟଙ୍କା ଠକି ନେଇଥିଲେ । ଘଟଣାର ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଠକେଇରେ ବ୍ୟବହୃତ ସାମଗ୍ରୀ ଜବତ କରିଛି । ଏହି ରାକେଟ୍ ସହ ଆଉ କେହି ଜଡ଼ିତ ଅଛନ୍ତି କି ନାହିଁ, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ଏ ଭଳି ଠକେଇ ପ୍ରତି ସଜାଗ ରହିବା ପାଇଁ କଟକ ଡିସିପି ରିଷିକେଶ ଖିଲାରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## କାକଟପୁର ମା' ମଙ୍ଗଳା ମନ୍ଦିର ନିକଟରେ ଅଳିଆ ପାହାଡ଼: ଦୁର୍ଗନ୍ଧରେ ଅସ୍ତବ୍ୟସ୍ତ ଭକ୍ତ ଓ ପର୍ଯ୍ୟଟକ



କାକଟପୁର,(ନିପ୍ର): ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ମନ୍ଦିରକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। କିନ୍ତୁ ମନ୍ଦିରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମୁଖ୍ୟ ଦ୍ୱାରଣ ତଳେ ଗଦା ହୋଇଥିବା ଅଳିଆ ଆବର୍ଜନା ଏବେ ସ୍ଥାନୀୟ ପ୍ରଶାସନର ସ୍ୱଚ୍ଛତା ଅଭିଯାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନ୍ଦିର ନିକଟସ୍ଥ ରାସ୍ତା କଡ଼ରେ ଦୀର୍ଘ ଦିନ ଧରି ଅଳିଆ ପଡ଼ିରହିଥିବାରୁ ଏହା ଏବେ ଏକ ବଡ଼ ଡମ୍ପିଂ ୟାର୍ଡ ପାଲଟିଛି। ପଚାଶଢ଼ା ଅଳିଆରୁ ବାହାରୁଥିବା ପ୍ରବଳ ଦୁର୍ଗନ୍ଧରେ ମନ୍ଦିରକୁ ଯିବା ଆସିବା କରିବା ଶ୍ରଦ୍ଧାଳୁଙ୍କ ପାଇଁ ଦୁର୍ବିଷହ ହୋଇପଡ଼ିଛି। ମୁଖ୍ୟ ରାସ୍ତା ଦେଇ ଯିବା ସମୟରେ ଭକ୍ତମାନେ ନାକରେ କପଡ଼ା ଦେଇ ଯିବାକୁ ବାଧ୍ୟ ହେଉଛନ୍ତି। ଏହି ଅଳିଆ ଗଦାରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ପବିତ୍ର ଶକ୍ତିପୀଠର ପରିବେଶ ଏପରି ଅପରିଷ୍କାର ରହିବା ଧାର୍ମିକ ଭାବନାକୁ ଆଘାତ ଦେଉଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ସ୍ଥାନୀୟ ବାସିନ୍ଦା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। କେବଳ ସଫେଇ କାର୍ଯ୍ୟ କାଗଜପତ୍ରରେ ସୀମିତ ରହିଥିବା ବେଳେ ବାସ୍ତବରେ ପରିସ୍ଥିତି ଅତି ଗମ୍ଭୀର ହୋଇଛି। ତୁରନ୍ତ ଏହି ଅଳିଆ ଗଦାକୁ ସଫା କରିବା ସହିତ ନିୟମିତ ଅଳିଆ ସଂଗ୍ରହ ବ୍ୟବସ୍ଥା କରିବାକୁ ଭକ୍ତ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଯଦି ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ୪୨୦ ଲିଟର ଦେଶୀ ମଦ ଜବତ



ତିଗିରିଆ/ ଆଠଗଡ(ନି ପ୍ର): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ଉପ ଅଧୀକ୍ଷକ ସି ଏଚ୍ ତ୍ରିପାଠୀ ଏବଂ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ନୁଆସଡକ ଛକରେ ଏକ ଅବକାରୀ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ସର୍ବମୋଟ ୪୨୦ ଲିଟର ଦେଶୀ ମଦ ସହିତ ବୋଲେରୋ ଗାଡ଼ି(ଓଆର୍ ୦୨ଜେଡ ୦୦୨୯)ଜବତ କରାଯାଇଛି। ଏକ ଅବକାରୀ ମାମଲା ରୁଜୁ କରାଯାଇ ୨ ଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଗିରଫ ପରେ ଖୋଲୁଛି ଶଶଧରର ଗୁମର

# ବିଶ୍ୱାସରେ ବିଷ ଦେଇ ଜମି ଦେବା ଆଳରେ ଲୁଟି ନେଇଛି ୧୦ କୋଟିରୁ ଅଧିକ

କଟକ,(ନିପ୍ର): ଶଶଧର ବିଶ୍ୱାସରେ ବିଷ ଦେଇ ଲୁଟି ନେଇଛି ୧୦ କୋଟିରୁ ଅଧିକ । କେବେ ସରକାରୀ ଅଧିକାରୀ ତ କେବେ ସମାଜସେବୀ ଆଉ କେବେ ଶଶଧର ସାଜିଥିଲା ପ୍ରତିଷ୍ଠିତ ବ୍ୟବସାୟୀ। ସରଳ ଓ ଶିକ୍ଷିତ ଭଳି ଦିଶୁଥିବା ଶଶଧର ଘନିଷ୍ଠ ସମ୍ପର୍କ ସ୍ଥାପନ କରି କରୁଥିଲା କୋଟି କୋଟି ଟଙ୍କାର ଠକେଇ । ଠକେଇ ଟଙ୍କାରେ ରାଜକୀୟ ଜୀବନ ଯାପନ କରିବା ସହ କିଣିଛି କୋଟି କୋଟି ଟଙ୍କାର ପ୍ଲଟ ଓ କୋଠା। ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ଧୁଷୁରୀ ଅଞ୍ଚଳର ଶଶଧର ପଣ୍ଡା କଟକ ସିଡିଏ ସେକ୍ଟର ୧୩ ଅଞ୍ଚଳରେ ରହୁଥିଲା । ବିଭିନ୍ନ ସ୍ଥାନରେ ନିଜକୁ ଅବସର ପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ, ରେଲୱେ ଅଧିକାରୀ, ବଡ଼ ବ୍ୟବସାୟୀ କିମ୍ବା ସମାଜସେବୀ ବୋଲି ପରିଚୟ ଦେଇ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲା । ଆଉ ଲୋକେ ବିଶ୍ୱାସ କରିବା ପରେ ସେମାନଙ୍କୁ ଅସୁବିଧା ଥିବା ଦର୍ଶାଇ କୋଟି କୋଟି ଟଙ୍କା ଚଳୁ କରୁଥିଲା। ଗତ ୨୦୨୫ ଜାନୁଆରୀ ୨୮ ତାରିଖରେ ନଖରାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ରାନ୍ତିବାହିନୀର ଏକ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ ଶଶଧରଙ୍କର ଫ୍ରେଣ୍ଡସ କଲୋନୀର ଦୀପାରାଣୀ ପଟ୍ଟନାୟକଙ୍କ ସହ ସାକ୍ଷାତ ହୋଇଥିଲା । ପରେ ଶଶଧର ସପରିବାର ତାଙ୍କ ଘରକୁ ଯିବାଆସିବା କରିବା ଫଳରେ ସମ୍ପର୍କ ଘନିଷ୍ଠ ହୋଇଥିଲା। ଏହି ସୁଯୋଗରେ ତାଙ୍କ ପୁତ୍ରର ଆଇଟି ଶିକ୍ଷା ପାଇଁ ସେ ୨୦ ଲକ୍ଷ ଟଙ୍କା ଧାର ମାଗିଥିଲେ। ମାତ୍ର ମହିଳା ଜଣକ ଅରାଜି ହେବାରୁ ସିଡିଏ ସେକ୍ଟର ୧୩ରେ ତାଙ୍କ ପତ୍ନୀଙ୍କ ନାମରେ ଥିବା ଜମି ଦେବାକୁ କହି ୨୦ ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ଜମି ରେଜେଷ୍ଟ୍ରି ନକରିବାରୁ ମହିଳା ଜଣକ ତାଙ୍କ ଟଙ୍କା ଫେରସ୍ତ ମାଗିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ସେ ତାଙ୍କୁ ଗାଳି ଗୁଲଜ କରି ତାଙ୍କ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରି ଫେରାର ହୋଇଯାଇଥିବା ନେଇ ସମ୍ପୃକ୍ତ ମହିଳା ଗତ ମେ ମାସ ୨୧ ତାରିଖରେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଗତ ଶନିବାର ତାଙ୍କୁ ବାଲେଶ୍ୱର ଖଇରା ଅଞ୍ଚଳରୁ ଗିରଫ କରାଯାଇଛି । ସେ ଜଣେ ପେସାଦାର ଠକ । ଏହିପରି ଠକେଇ କରି ସିଡିଏରେ ୨ଟି ଓ ଭୁବନେଶ୍ୱର ସୁନ୍ଦରପଦାରେ ୨ଟି ପ୍ଲଟ କିଣିଥିବା ବେଳେ ବିଡାନାସୀ ନୂଆ ସାହିରେ ଏକ ୩ ମହଲା କୋଠା କରିଥିବା ଜଣାପଡିଛି । ତାଙ୍କ ବିରୋଧରେ ମଙ୍ଗଳାବାଗ, ବାଲିଅନ୍ତା, ଭଦ୍ରକ ଗ୍ରାମାଞ୍ଚଳ, ଭଦ୍ରକ ଟାଉନ, ନିମାପଡା, ବନ୍ଧମୁଣ୍ଡା ଥାନା ଓ ଇଓଡବ୍ଲୁରେ ମାମଲା ଥିବା ଜଣାପଡିଛି । ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଯଦି ଆଉ କେହି ଶଶଧର ଦ୍ୱାରା ଠକେଇର ଶିକାର ହୋଇଥିବେ, ସେମାନେ ପୋଲିସର ସହାୟତା ନେବାକୁ କଟକ ଡିସିପି ରିଷିକେଶ ଖିଲାରୀ ନିବେଦନ କରିଛନ୍ତି।

## କଟକରେ ନାବାଳକଙ୍କୁ ଉଲଗ୍ନ କରି ମାଡ଼ ମାରିବା ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ, ୩ ଫେରାର




କଟକ(ନିପ୍ର): କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଜଣେ ନାବାଳକକୁ ଉଲଗ୍ନ କରି ମାଡ଼ ମାରିବା ଓ ଭିଡିଓ ଭାଇରାଲ୍ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲିସ। ଏହି ଘଟଣାରେ ପ୍ରଣବ ସାହୁ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ତିନି ଜଣ ଅଭିଯୁକ୍ତ ବର୍ତ୍ତମାନ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଖୋଜାଖୋଜି ଜାରି ରଖିଥିବା ଏସିପି ସୂଚନା ଦେଇଛନ୍ତି । ସୂଚନାନୁସାରେ ଗତ ୧୫ ତାରିଖ ଦିନ ଚୋରି ସନ୍ଦେହରେ ଚାଉଳିଆଗଞ୍ଜ ଥାନା ଥୋରିଆସାହି ଅଞ୍ଚଳର ନାବାଳକକୁ ମଠସାହିର କିଛି ଯୁବକ ଘେରିଯାଇ ଉଲଗ୍ନ କରିବା ସହ ମାଡ଼ ମାରିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ, ଆକ୍ରମଣକାରୀଙ୍କ ମଧ୍ୟରେ ନାବାଳକର ନିଜ ବଡ଼ବାପାଙ୍କ ପୁଅ ମଧ୍ୟ ସାମିଲ ଥିଲା । ତେବେ ଚୋରି ସନ୍ଦେହରେ ଅଭିଯୁକ୍ତମାନେ ଦୁଇ ଜଣଙ୍କୁ ମାଡ଼ ମାରିଥିବା ବେଳେ ସେମାନଙ୍କ ମଧ୍ୟରେ ନାବାଳକ ଜଣକ ମଧ୍ୟ ଥିଲେ। ନାବାଳକକୁ ଉଲଗ୍ନ କରି ଯୁବକ ମାଡ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପ୍ରାୟ ତିନି ଦିନ ତଳେ ଏହି ଘଟଣା ଘଟିଥିଲା । ମାଡ଼ ଖାଇ ନାବାଳକ ଜଣକ ଘରକୁ ଫେରିବା ପରେ ମଧ୍ୟ ସେ ପରିବାର ଲୋକଙ୍କୁ ଜଣାଇନଥିଲେ । ଏହି ଘଟଣାରେ ଭିଡିଓ ଭାଇରାଲ ହେବା ପରେ ପରିବାର ଲୋକ ଜାଣିଥିଲେ। ଏନେଇ ପୀଡିତ ନାବାଳକଙ୍କ ପରିବାର ଲୋକ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘଟଣାର ସଠିକ ତଦନ୍ତ ଓ ନ୍ୟାୟ ଦାବି କରିଥିଲେ ନାବାଳକଙ୍କ ପରିବାର ଲୋକ । ଅନ୍ୟପଟେ ପୀଡିତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରି କର୍ଯ୍ୟାନୁଷ୍ଠାନ ନେଇଛି ପୋଲିସ। ଏସିପି ସୁଧାଂଶୁ ଭୂଷଣ ଜେନା , 'ଘଟଣାକୁ ନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରାଯାଇଥିଲା । ଘଟଣାରେ ସାମିଲ ଥିବା ମୁଖ୍ୟ ଅଭିଯୁକ୍ତ ପ୍ରଣବ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଘଟଣାର ତଦନ୍ତ ଚାଲିଛି । ଏହି ଘଟଣାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ । ନାବାଳକଙ୍କ କିଛି ପରିଚିତ ଲୋକ ଓ ନିଜ ବଡ଼ବାପାଙ୍କ ପୁଅ ଏହି ଘଟଣାରେ ସାମିଲ ଅଛନ୍ତି । ମୋବାଇଲ ଓ ଅଟୋ ବ୍ୟାଟେରୀ ଚୋରି କରିଥିବା ସନ୍ଦେହରେ ସେମାନେ ନାବାଳକକୁ ମାଡ଼ ମାରିଥିବା ଜଣାପଡ଼ିଛି ।'

# ଦୁଇ ନିଶା ବେପାରୀ ଧରାପଡିଲେ

ଭୁବନେଶ୍ୱର (ନି.ପ୍ର): ରାଜଧାନୀ ଓ ଉପକଣ୍ଠରେ ଚୋରା ମଦ କାରବାର କରୁଥିବା ଦୁଇ ନିଶା ବେପାରୀକୁ ଚନ୍ଦ୍ରଶେଖରପୁର ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଏସ୍.କେ. ମୁନ୍ନା ଓ ଏସ୍.କେ. ଆବିଦ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଆଜି ଭୋର ସମୟ ପ୍ରାୟ ୩.୩୦ ସମୟରେ ଏ.ଏସ୍.ଆଇ. ରାଉତ ପ୍ରଭାକର ଅନ୍ୟ ପୁଲିସ କର୍ମଚାରୀମାନଙ୍କ ସହ ରାତ୍ରି ପେଟ୍ରୋଲିଂ ଏବଂ ଏକ୍ସାଇଜ୍ ରେଡ୍ ଡ୍ୟୁଟିରେ ଥିବା ବେଳେ ବିଶ୍ୱସ୍ତ ସୂଚନା ପାଇଥିଲେ ଯେ, ଦୁଇଜଣ ବ୍ୟକ୍ତି ଏକ ମାରୁତି ସୁଜୁକି ଏସ୍-ପ୍ରେସୋ କାର ଯୋଗେ ବେଆଇନ ଭାବେ ପ୍ରାୟ ଦେଶୀ ମଦ ପରିବହନ କରୁଛନ୍ତି। ଏହି ସୂଚନା ଆଧାରରେ ପୁଲିସ ଟିମ ଗୋପବନ୍ଧୁ ପଡ଼ିଆ ନିକଟରେ ଚଢ଼ାଉ କରିଥିଲେ। ପୁଲିସକୁ ଦେଖି ସେଠାରେ ଥିବା କିଛି ବ୍ୟକ୍ତି ଫେରାର ହୋଇଯାଇଥିଲେ, କିନ୍ତୁ ଅଭିଯୁକ୍ତ ଏସ୍.କେ. ମୁନ୍ନା ଓ ଏସ୍.କେ. ଆବିଦ୍‌ଙ୍କୁ କାବୁ କରାଯାଇଥିଲା। ସେମାନଙ୍କ ନିକଟରୁ ମୋଟ ୫୦୦ ଲିଟର ଦେଶୀ ମଦ ଏବଂ ଉକ୍ତ ମାରୁତି ସୁଜୁକି ଏସ୍-ପ୍ରେସୋ କାର ଜବତ କରାଯାଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତମାନେ ଦେଶୀ ମଦ ପରିବହନ ପାଇଁ କୌଣସି ବୈଧ ଲାଇସେନ୍ସ ଦେଖାଇ ପାରିନଥିବା ବେଳେ ନିଜ ଅପରାଧ ସ୍ୱୀକାର କରିଥିଲେ। ଅଭିଯୁକ୍ତ ଏସ୍.କେ. ମୁନ୍ନା ଏବଂ ଏସ୍.କେ. ଆବିଦ୍‌ଙ୍କ ଅପରାଧ ସ୍ପଷ୍ଟ ହୋଇଥିବାରୁ ସେମାନଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ବେଆଇନ ପାନମସଲା ଚାଲାଣ

# ୯ ଲକ୍ଷ ୩୬ ହଜାର ଟଙ୍କା ଜରିମାନା

ସୁନ୍ଦରଗଡ଼: ଜିଏସଟି ଫାଙ୍କି ପାନମସଲା ଚାଲାଣ କରୁଥିବା ଏକ ଗାଡ଼ି ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ପୁଲିସ ହାତରେ ଧରାପଡ଼ିଛି। ତେବେ ଜିଏସଟି ଅଧିକାରୀ ଜିଏସଟି ସମେତ ୯ ଲକ୍ଷ ୩୬ ହଜାର ଟଙ୍କା ଜରିମାନା କରିଥିବା ସୂଚନା ମିଳିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଶନିବାର ରାତିରେ ଜିଏସଟି ଫାଙ୍କି ଏକ ପାନମସଲା ବୋଝେଇ ଗାଡ଼ି (ଏନ୍ଏଲ୍ ୦୧ଏଇ-୧୭୭୬) ମଧ୍ୟପ୍ରଦେଶ ଇନ୍ଦୋରରୁ ଆସୁଥିଲା। କୌଣସି ସୂତ୍ରରୁ ଖବର ପାଇ ଆରକ୍ଷୀ ଅଧୀକ୍ଷକ ଅମିତପାଲ କୌରଙ୍କ ନିର୍ଦ୍ଦେଶରେ ଭଷ୍ମା ଥାନା ଅଧିକାରୀ ଅମର ହୋତାଙ୍କ ସହ ପୁଲିସ ଟିମ୍ ଗାଡ଼ିକୁ ବିଜୁ ଏକ୍ସପ୍ରେସ ୱେ ମସ୍କିକାନି ଟୋଲପ୍ଲାଜାରେ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ପାନମସଲା ବସ୍ତା ଭରିଥିବା ବେଳେ କେଉଁଠିକୁ ଯିବ ତାହା ଚାଳକଙ୍କୁ ଜଣା ନଥିଲା। ଏପରିକି କାଗଜପତ୍ରରେ ମଧ୍ୟ ସେନେଇ କିଛି ଉଲ୍ଲେଖ ନଥିଲା। ପୁଲିସ ଗାଡ଼ିକୁ ଥାନାରେ ଅଟକ ରଖି ଜିଏସଟି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ସକାଳେ ଜିଏସଟି ଅଧିକାରୀ ଓ ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ତଦନ୍ତ କରି ରାଜ୍ୟ ଜିଏସଟି କାଟି ନଥିବା ଜାଣିବାକୁ ପାଇଥିଲେ। ଏହା ପରେ ୪ ଲକ୍ଷ ୬୮ ହଜାର ଟଙ୍କା ଟ୍ୟାକ୍ସ ସମେତ ୯ ଲକ୍ଷ ୩୬ ହଜାର ଟଙ୍କା ଜରିମାନା କରିଥିଲେ।

## ଜାଲ ଦସ୍ତଖତ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡପ, ଥାନାରେ ଏତଲା

ରାୟଗଡା(ନିପ୍ର): ଜିଲ୍ଲା ଉନ୍ନୟନ କାର୍ଯ୍ୟାଳୟ ତଥା ଜିଲ୍ଲା ପରିଷଦ ଅଧୀନରେ ଥିବା ରାୟଗଡା ଜିଲ୍ଲା ନଗର ଉନ୍ନୟନ ସଂସ୍ଥା କର୍ଯ୍ୟାଳୟରେ ଜାଲ ଦସ୍ତଖତ କରି କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ଆତ୍ମସାତ ହୋଇଥିବା ଘଟଣା ନେଇ ବିଳମ୍ବରେ ରାୟଗଡା ଥାନାରେ ଏତଲା ଦିଆଯାଇଛି । ଡୁ ଡ଼ା କାର୍ଯ୍ୟାଳୟର ଜଣେ ଅଧିକାରୀ ବିନୟ ହରିଜନ ସରକାରୀ ଅର୍ଥ ପ୍ରାୟ ୧ କୋଟି ୯ ଲକ୍ଷ ନିଜ ଏକାଉଣ୍ଟକୁ ଟ୍ରାନସଫର୍ କରି ଫେରାର ହୋଇ ଯାଇଥିବା ଜଣାପଡିଛି ଓ ଏହି ଘଟଣା ଗତ ୧୦ ତାରିଖରେ ସାମ୍ନାକୁ ଆସିଥିବାବେଳେ ଗତକାଲି ୧୮ ତାରିଖ ଦିନ ଏନେଇ ରାୟଗଡା ଡିଆରଡିଏ ପକ୍ଷରୁ ଟାଉନ୍ ଥାନାରେ ମାମଲା ରୁଜୁ କରାଯାଇଛି ।

## ରାସ୍ତାରୁ ସୁନା ଚେନ୍ ଝାମ୍ପି ନେଲେ, ଜଣେ ଗିରଫ

ଭୁବନେଶ୍ୱର, (ନି.ପ୍ର): ବିଚ୍ ରାସ୍ତାରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମଣ୍ଟୁ ନାୟକ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସଂପୃକ୍ତ ଅନ୍ୟଜଣେ ଲୁଟେରା ଫେରାର ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ମମତା ମିଶ୍ର ଆଜି ଦିନ ପ୍ରାୟ ୨:୩୦ ମିନିଟ୍ ସମୟରେ ନିଜ ପୁଅକୁ ବିକାଶ ରେସିଡେନ୍ସିଆଲ୍ ସ୍କୁଲ, କଣ୍ଟାବାଡ଼ାରୁ ନେଇ ଝିଅ ସହ ସ୍କୁଟିରେ ପଥରଗାଡ଼ିଆ ୨୦୦ ଫୁଟିଆ ରାସ୍ତାରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ପଲସର ମୋଟରସାଇକେଲରେ ଦୁଇଜଣ ଅଜଣା ବ୍ୟକ୍ତି ତାଙ୍କର ପିଛା କରି ଆସିଥିଲେ। ପଛରେ ବସିଥିବା ବ୍ୟକ୍ତି ଜଣକ ହଠାତ୍ ତାଙ୍କୁ ଜୋରରେ ଧକ୍କା ଦେଇ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ପଳାଇଯାଇଥିଲେ। ଧକ୍କା ଯୋଗୁଁ ଅଭିଯୋଗକାରିଣୀଙ୍କ କାନ୍ଧରେ ଆଘାତ ଲାଗି ଯନ୍ତ୍ରଣା ହୋଇଥିଲା। ତେବେ ସେ ଓ ତାଙ୍କ ଝିଅ ଅଭିଯୁକ୍ତମାନେ ବ୍ୟବହାର କରିଥିବା ମୋଟରସାଇକେଲର ନମ୍ବର ଦେଖିନେଇଥିଲେ। ପରେ ସେ ଏହି ଘଟଣାରେ ଜଡିତ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ କରି ନ୍ୟାୟ ପ୍ରଦାନ କରିବାକୁ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ସ୍ଥାନୀୟ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଥିଲା ଯେ, ଏକ ପଲସର-୨୨୦ ମୋଟରସାଇକେଲରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ପଥରଗାଡ଼ିଆ ଅଞ୍ଚଳରେ ବୁଲୁଛନ୍ତି ଏବଂ ଚିହ୍ନଟ ଏଡ଼ାଇବା ପାଇଁ ଗାଡ଼ିର ପଛ ନମ୍ବର ପ୍ଲେଟରେ ଇଚ୍ଛାକୃତ ଭାବେ କାଦୁଅ ଲଗାଇ ରଖିଛନ୍ତି। ଏହି ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ଅତର୍କିତ ଚଢାଉ କରିଥିଲେ । ପୁଲିସକୁ ଦେଖି ସନ୍ଦିଗ୍ଧ ବ୍ୟକ୍ତି ଖସି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପଳାଇବା ବେଳେ ମୋଟରସାଇକେଲଟି କାଦୁଅରେ ଫସିଯାଇଥିବାରୁ ତାଙ୍କୁ ସେହି ମୋଟରସାଇକେଲ ସହ କାବୁ କରାଯାଇଥିଲା । ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ କହିଥିଲେ ଯେ, ସେ କାମ ଖୋଜିବା ବାହାନାରେ ପଥରଗାଡ଼ିଆ ଅଞ୍ଚଳକୁ ଆସୁଥିଲେ । ଏକାକୀ ସ୍କୁଟିରେ ଯାଉଥିବା ମହିଳାମାନଙ୍କୁ ସୁଯୋଗ ଦେଖି ସେମାନଙ୍କ ବେକରୁ ଜୋରପୂର୍ବକ ସୁନା ଚେନ୍ ଝାମ୍ପି ନେଉଥିଲେ ।

## କାର୍ କାଚ ଭାଙ୍ଗି ଲୁଟ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ନି.ପ୍ର): ଅଭିଯୋଗକାରୀ ଧ୍ରୁବ ନାୟକ (୫୦)ଙ୍କ ଲିଖିତ ଏତଲା ଆଧାରରେ ଏୟାରପୋର୍ଟ ଥାନାରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ୧୬ ଓ ୧୭ରିଖ ମଧ୍ୟରାତ୍ରୀରେ ଅଭିଯୋଗକାରୀ ତାଙ୍କ ମାରୁତି ସୁଜୁକି ଡିଜାୟର କାରକୁ ଘର ସମ୍ମୁଖ ରାସ୍ତାରେ ପାର୍କିଂକରିଥିଲେ। ପରବର୍ତ୍ତୀ ସମୟରେ ସେ କାରକୁ ସ୍ଥାନାନ୍ତର କରିବାକୁ ଯାଇ ଦେଖିଥିଲେ ଯେ, କାରର ପଛ ବାମପାର୍ଶ୍ୱ କାଚ ଭାଙ୍ଗି ଦିଆଯାଇଛି ଏବଂ ସେଥିରୁ ତାଙ୍କ ଅଫିଦ ବ୍ୟାଗ୍, ଯେଉଁଥିରେ ୮୦,୦୦୦/- ନଗଦ ଟଙ୍କା, ଦୁଇଟି ସୁନା ମୁଦି ଓ ଦୁଇଟି ଏଟିଏମ କାର୍ଡ ରହିଥିଲା, ତାହା ଚୋରି ହୋଇଯାଇଛି। ଏନେଇ ସେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ସ୍ପଷ୍ଟ ହୋଇଥିଲାଯେ ଅଭିଯୁକ୍ତ ଲକ୍ଷ୍ମୀଧର ସାହୁ ଓରଫ ଜିତୁ ଓ କିଶନ ବାଲ୍ମିକୀ ମିଳିମିଶି କାରର ପଛକାଚ ଭାଙ୍ଗି ଚୋରି କରିଥିଲେ। କାର ଭିତରକୁ ପଶିବା ସମୟରେ ଲକ୍ଷ୍ମୀଧର ସାହୁଙ୍କ ଡାହାଣହାତରେ କାଚ ଲାଗି ଆଘାତ ମଧ୍ୟ ହୋଇଥିଲା। ବିଶ୍ୱସ୍ତସୂଚନା ଆଧାରରେ ଆଜି ସକାଳେ ଉଭୟ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ସେମାନଙ୍କୁ କାବୁ କରାଯାଇଥିଲା। ପଚରା ଉଚରା ବେଳେ ଅଭିଯୁକ୍ତ ଲକ୍ଷ୍ମୀଧର ସାହୁଙ୍କ ସୂଚନା ଆଧାରରେ ଚୋରି ହୋଇଥିବା ଏକ ଆମେରିକାନ ଟୁରିଷ୍ଟର ବ୍ୟାଗ୍, ୬୨,୦୦୦/- ନଗଦ ଟଙ୍କା, ଦୁଇଟି ସୁନାମୁଦି, ଦୁଇଟି ଏଟିଏମ କାର୍ଡତାଙ୍କ ହେପାଜତରୁ ଜବତ କରାଯାଇଥିଲା।

## ବଲଙ୍ଗା ବଜାରରେ ଦୋକାନ ଭଙ୍ଗାରୁଜା

ପିପିଲି(ନିପ୍ର): ପିପିଲି ଏସଡିପିଓ କାର୍ଯ୍ୟାଳୟ ଅଧୀନ ବଲଙ୍ଗା ବଜାରରେ ଜଣେ ବ୍ୟକ୍ତିଙ୍କ ଦୋକାନ ଭଙ୍ଗାରୁଜା କରି ସମସ୍ତ ସାମଗ୍ରୀ ନେଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ୧୧୫/୨୬ ରେ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଉଛୁପୁର ଶେରଗଡ ବସ୍ତିର କବୁ ଖାଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ କବୁ ଆଜକୁ ୨୦ବର୍ଷ ହେବ ବଲଙ୍ଗା ବଜାରରେ ଥିବା ସେହି ଗ୍ରାମର ମୋସିନ ଅଲ୍ଲୀ ଓ ଲାଲା ଅଲ୍ଲୀଙ୍କ ଜାଗାକୁ ୧୫ହଜାର ଟଙ୍କା ସିକ୍ୟୁରିଟି ଦେଇ ମଟନ ଦୋକାନ କରିଥିଲେ। ତେବେ ମୋସିନ ଓ ଲାଲା ସେମାନଙ୍କ ଜାଗାରୁ ଦୋକାନ ଉଠାଇବା ପାଇଁ କବୁକୁ କହିବାରୁ ଗତ ୧୭ତାରିଖ ଦିନ କବୁ ଦୋକାନ ଉଠାଇ ନେବାକୁ କହିଥିଲେ। ତେବେ ସେହି ଦିନ କବୁ ଦୋକାନ ଉଠାଇବା ପୂର୍ବରୁ ଆସାମୀ ମାନେ ଦୋକାନ ଭଙ୍ଗାରୁଜା କରି ସେଥିରେ ଥିବା ସମସ୍ତ ସାମଗ୍ରୀକୁ ନେଇଯାଇଥିଲେ ।

# ଋଷିକୂଲ୍ୟା ଓ ଘୋଡାହାଡ ନଦୀଗର୍ଭରୁ ମାଫିଆ ଲୁଟୁଛନ୍ତି ବାଲି

## ଅନୁମତି ନଥିବା ଅଞ୍ଚଳରୁ ଉତ୍ତୋଳନ ହେଉଛି !

ହିଞ୍ଜିଳିକାଟୁ,(ନିପ୍ର) :ଗତ କିଛି ଦିନ ଧରି ହିଞ୍ଜିଳି ଓ ବେଲଗାଁ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ବାଲି,ମାଟି,ପଥର ଓ ମୋରମ ଭଳି ମୂଲ୍ୟବାନ ଖଣିଜ ସମ୍ପଦ ଉପରେ କିଛି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି ।ବିଶେଷ କରି ହିଞ୍ଜିଳି ଓ ବେଲଗାଁ ଥାନା ପରିସୀମା ଦେଇ ପ୍ରବାହିତ ଋଷିକୂଲ୍ୟା ନଦୀ ପଠାର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଏବେ ନିତିଦିନିଆ ଘଟଣା ପାଲଟିଛି। ଏଭଳି ବେଆଇନ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଓ କାରବାରରେ ମାଫିଆ ଗୋଷ୍ଠୀ ବେଶ ସକ୍ରିୟ ଥିବା ଜଣା ପଡ଼ିଛି। ହିଞ୍ଜିଳିକାଟୁ ନିକଟସ୍ଥ ଅଞ୍ଚଳର ନିଲାମ ହୋଇ ନ ଥିବା କିଛି ବାଲି ସୈରାତ ଏବେ ପ୍ରଭାବଶାଳୀ ବାଲିମାଫିଆଙ୍କ ନିୟନ୍ତ୍ରଣରେ ରହିଛି। ତନ୍ମଧ୍ୟରୁ ବେଲଗାଁ ଥାନା ଦିଗାପଡା ଋଷିକୂଲ୍ୟା ନଦୀ, ହିଞ୍ଜିଳି ଥାନା ଖରିଡା ଋଷିକୂଲ୍ୟା ଏବଂ ସିଙ୍ଗିପୁର ଗ୍ରାମ ନିକଟରେ ଥିବା ଘୋଡାହାଡ ନଦୀ ପଠା ଏବେ କିଛି ଦିନ ଧରି ବାଲି ମାଫିଆଙ୍କ କବଜାରେ ରହି ପରିଚାଳିତ ହେଉଥିବା କୁହାଯାଇଛି। ଶ୍ମଶାନ ଘାଟ ନିକଟବର୍ତ୍ତୀ ନଦୀ ପଠାରୁ ବେଆଇନ ଭାବେ ମୂଲ୍ୟବାନ ବାଲି ଉତ୍ତୋଳନ ଏବଂ ପ୍ରଚୁର ପରିମାଣରେ ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ଋଷିକୂଲ୍ୟା ନଦୀ ଗର୍ଭରେ ବାଲି ମାଫିଆ ଗୋଷ୍ଠୀ ଜେସିବି ମେସିନ ବ୍ୟବହାର କରି ବିଳମ୍ବିତ ରାତ୍ରୀରୁ ଭୋର୍ ସକାଳ ସମୟ ପର୍ଯ୍ୟନ୍ତ ବେଆଇନ ଭାବେ ଏଭଳି କୋଟି କୋଟି ଟଙ୍କାର ମୂଲ୍ୟବାନ ବାଲି ଉତ୍ତୋଳନ କରୁଥିବା ଜଣାପଡିଛି। ଟନଟନ ଓଜନର ମୂଲ୍ୟବାନ ବାଲିକୁ ଦୈନିକ ଶହ ଶହ ସଂଖ୍ୟକ ଟିପର ଓ ହାଇୱାରେ ଓଭର ଲୋଡିଂ କରି ବାଲି ମାଫିଆ ଗୋଷ୍ଠୀ ହିଞ୍ଜିଳି ଓ ବେଲଗାଁ ଥାନା ଅଞ୍ଚଳ ଦେଇ ବେଶ ଆରାମରେ ପରିବହନ କରୁଥିବା ଜଣାପଡିଛି। ହିଞ୍ଜିଳି ଥାନା ଓ ତହସିଲ ଅଞ୍ଚଳ ଦେଇ ନିୟମିତ ବ୍ୟବଧାନରେ ଏଭଳି ମୂଲ୍ୟବାନ ବାଲି ବେଧଡକ ଭାବେ ପରିବହନ ହେଉଥିବା ଦେଖିବାକୁ ମିଳୁଛି। ବହୁ ପୂର୍ବରୁ ହିଞ୍ଜିଳି ଥାନା ପୋଲିସ ପକ୍ଷରୁ ରାତ୍ରୀ କାଳୀନ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ହିଞ୍ଜିଳି ଥାନା ପରିବ୍ୟାପ୍ତ ଅଞ୍ଚଳର ଗ୍ରାମ ଗୁଡିକରେ ନିୟମିତ ପୋଲିସ ପେଟ୍ରୋଲିଂ କରୁଛି। ସ୍ଥାନୀୟ ପୋଲିସକୁ ଚକମା ଦେଇ କୋଟି କୋଟି ଟଙ୍କାର ମୂଲ୍ୟବାନ ବାଲି ଚୋରା ଚାଲାଣ ଏବେ ବାଲି ମାଫିଆଙ୍କ ନିତିଦିନିଆ ଘଟଣା ପାଲଟିଛି। ପୂର୍ବରୁ ସ୍ଥାନୀୟ ପୋଲିସ ବେଆଇନ ପରିବହନ କରୁଥିବା ଟ୍ରାକ୍ଟର,ଟିପର ଓ ହାଇୱା ଗାଡି ଗୁଡିକୁ ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନଜିର ରହିଛି। କିନ୍ତୁ ଦୀର୍ଘ ଦିନ ଧରି ସମ୍ପୃକ୍ତ ଅଞ୍ଚଳରୁ ବେଆଇନ ମୂଲ୍ୟବାନ ବାଲି ଚୋରା ଚାଲାଣ ଓ ବ୍ୟାପକ ଭାବେ ପରିବହନ ହେଉଥିଲେ ମଧ୍ୟ ଆଦୌ କାର୍ଯ୍ୟାନୁଷ୍ଠାନ ନ ହେବା ଦେଖାଯାଇଛି। ଖଣି ବିଭାଗୀୟ ଅଧିକାରୀଙ୍କ ନୀରବତା ଓ କାର୍ଯ୍ୟାନୁଷ୍ଠାନ ଅଭାବରୁ ଶହ ଶହ ଟିପର,ଟ୍ରାକ୍ଟର ଓ ହାଇୱାରେ ବେଆଇନ ବାଲି ଚୋରା ଚାଲାଣ ଓ ପରିବହନ ଘଟଣା ବାଲି ମାଫିଆଙ୍କ ପାଇଁ ଅନୁକୂଳ ଓ ଅପୂର୍ବ ସୁଯୋଗ ସୃଷ୍ଟି କରିଥିବା କୁହାଯାଇଛି।



ଭକ୍ତି ଓ ଆଧାତ୍ମିକତାରେ ଭରପୂର 'ଗୁହାରି-୨୦୨୬'ର ଦ୍ୱିତୀୟ ସଂଧ୍ୟାରେ ଅତିଥିଗଣ । (ଫଟୋ-ଦିନଲିପି)

# ଇତିହାସ ରଚିଲେ ପିଭି ସିନ୍ଧୁ

## ଜାପାନ ଓପନ୍ ଜିତିଥିବା ପ୍ରଥମ ଭାରତୀୟ କ୍ରୀଡ଼ାବିତ୍



ନୂଆଦିଲ୍ଲୀ,୧୯।୭: ଇତିହାସ ରଚିଲେ ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର ପିଭି ସିନ୍ଧୁ । ଚଳିତ ଜାପାନ ଓପନ ସୁପର ୭୫୦ ବ୍ୟାଡ଼ମିଣ୍ଟନରେ ଭାରତର ପିଭି ସିନ୍ଧୁ ବିଜୟ ଜାରି ରଖି ଫାଇନାଲ୍‌ରେ ବାଜି ମାରି ନେଇଛନ୍ତି । ଜାପାନର ଆକାନେ ୟାମାଗୁଚିଙ୍କୁ ହରାଇ ପ୍ରଥମ ଭାରତୀୟ ଭାବେ ଜାପାନ ଓପନ୍ ଟାଇଟଲ୍ ଜିତି ଇତିହାସ ରଚିଛନ୍ତି । ଫାଇନାଲ ମୁକାବିଲାରେ ଆୟୋଜକ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୭, ୨୧-୧୭ ସିଧାସଳଖ ଗେମରେ ପରାସ୍ତ କରି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହୋଇଛନ୍ତି । ବ୍ୟାଡମିଣ୍ଟନ୍ କୋର୍ଟରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ଏହା ୩୦ତମ ମୁକାବିଲା ଥିଲା, ଯେଉଁଥିରେ ପିଭି ସିନ୍ଧୁ ଏବେ ୧୬-୧୪ରେ ବିଜୟୀ ହୋଇଛନ୍ତି । ଗତକାଲି (ଶନିବାର) ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମି ଫାଇନାଲ ସେ ୨୧-୧୯, ୧୫-୧୦ ଗେମ୍‌ରେ ଆଗୁଆ ରହିଥିବାବେଳେ ପ୍ରତିପକ୍ଷ ଚୀନ ଖେଳାଳି ଚେନ୍ ୟୁଫେଇ ଆହତ ହୋଇ ଓହରି ଯାଇଥିଲେ । ଫଳରେ ସିନ୍ଧୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା । ଏହି ବିଜୟ ସହ ସେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଜାପାନ ଓପନ ଫାଇନାଲ୍‌ରେ ପ୍ରବେଶ କରିଥିଲେ । ଆଜି ଫାଇନାଲରେ ସେ ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିଥିଲେ । ସିନ୍ଧୁ ଦୀର୍ଘ ୨ ବର୍ଷ ପରେ ପ୍ରଥମ ଥର କୌଣସି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳିଛନ୍ତି ସିନ୍ଧୁ । ଆଉ ବିଜୟୀ ମଧ୍ୟ ହୋଇଛନ୍ତି । ୨୦୨୪ରେ ସେ ସୟଦ ମୋଦି ଇଣ୍ଟରନ୍ୟାସନାଲ୍ ଚାମ୍ପିଅନ୍ ହୋଇଥିଲେ । ଏହାପରଠୁ ସେ ଆଉ ଗୋଟିଏ ହେଲେ ଟାଇଟଲ୍ ଜିତି ପାରିନଥିଲେ । ଜାପାନ ଓପନରେ ସେ କ୍ୱାର୍ଟର ଫାଇନାଲ୍ ରାଉଣ୍ଡରେ ୱାକ୍ ଓଭର ପାଇଥିଲେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ନୋଜୋମି ଓକୁହାରା ଆହତ ହୋଇ ଓହରି ଯାଇଥିଲେ । ସେମିରେ ସେ ଅଲିମ୍ପିକ୍ ଚାମ୍ପିଅନ୍ ୟୁଫେଇଙ୍କୁ ସାମ୍ନା କରିଥିଲେ । ମ୍ୟାଚ୍ ବେଳେ ୟୁଫେଇଙ୍କ ଜଙ୍ଘ ପଛପାର୍ଶ୍ୱରେ ମାଂସପେଶୀ ଟାଣି ହୋଇଯିବାରୁ ସେ ଓହରି ଯାଇଥିଲେ । ଏଥିସହ ସିନ୍ଧୁ ଚୀନ ତାରକା ୟୁଫେଇଙ୍କ ବିପକ୍ଷରେ ୫ମ୍ୟାଚ୍ ପରାଜୟଧାରାରେ ବ୍ରେକ୍ ବି ଲଗାଇଥିଲେ ।

# ପୌର ଓ ପଞ୍ଚାୟତ ନିର୍ବାଚନରେ ଭଲ କରିବ ବିଜେପି: ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର,୧୯।୭: ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ନେଇ ଭାରତୀୟ ଜନତା ପାର୍ଟି ନିଶ୍ଚିତ ଭାବେ ଭଲ ଫଳାଫଳ କରିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ।ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ, ୨୦୨୪ ମସିହାରେ ରାଜ୍ୟର ଲୋକମାନେ ଭାରତୀୟ ଜନତା ପାର୍ଟିକୁ ଆଶୀର୍ବାଦ କରିଥିଲେ, ଯାହାର ଫଳରେ ଦଳ ରାଜ୍ୟରେ ସରକାର ଗଠନ କରିପାରିଛି । ସରକାରଙ୍କ ଏକମାତ୍ର ଲକ୍ଷ୍ୟ ହେଉଛି ଓଡିଶାର ସର୍ବାଙ୍ଗୀନ ଉନ୍ନତି କରିବା । ସେ ଆହୁରି କହିଛନ୍ତି ଯେ, ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା ସବୁବେଳେ ରହେ । ବିଜେପି ବିରୋଧୀରେ ଥିବା ସମୟରେ ଯେପରି ଭାବେ ନିଜ ଭୂମିକା ପାଳନ କରିଥିଲା, ସେହିପରି ଏବେ ମଧ୍ୟ ଲୋକଙ୍କ ସହିତ ରହି ସେମାନଙ୍କ ପାଇଁ କାମ କରୁଛି । ଆଗାମୀ ନିର୍ବାଚନ ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଲୋକମାନଙ୍କ ସମର୍ଥନ ଓ ସରକାରଙ୍କ କାର୍ଯ୍ୟକଳାପ ଆଧାରରେ ଫଳାଫଳ ନିଶ୍ଚିତ ଭାବେ ସକାରାତ୍ମକ ହେବ ।ବିଜେପି ଆଗାମୀ ଦିନରେ ପୌର ଓ ପଂଚାୟତ ନିର୍ବାଚନରେ ଉଲ୍ଲେଖନୀୟ ସଫଳତା ଲାଭ କରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

# ପୁରୀ ସମୁଦ୍ରରେ ବୁଡ଼ି ଯାଉଥିବା ୨ ପର୍ଯ୍ୟଟକ ଉଦ୍ଧାର

ପୁରୀ,୧୯।୭: ପୁଣି ପୁରୀ ସମୁଦ୍ରରେ ଅଘଟଣ । ସମୁଦ୍ରରେ ଗାଧୋଉ ଥିବା ବେଳେ ରିପ୍ କରେଣ୍ଟରେ ପଡ଼ି ବୁଡ଼ି ଗଲେ ଦୁଇ ଜଣ ପର୍ଯ୍ୟଟକ । ପୁରୀ ହୋଟେଲ ସମ୍ମୁଖ ସମୁଦ୍ର କୂଳ ସେକ୍ଟର-୩ରେ ଘଟିଛି ଏଭଳି ଅଘଟଣ । ପର୍ଯ୍ୟଟକ ବୁଡ଼ି ଯାଉଥିବା ବେଳେ ସେଠାରେ ଉପସ୍ଥିତ ଥିବା ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ଲାଇଫଗାର୍ଡ ତୁରନ୍ତ ସମୁଦ୍ର ଭିତରକୁ ଯାଇ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଉଦ୍ଧାର ଦୁଇ ପର୍ଯ୍ୟଟକ ଝାଡଖଣ୍ଡର ଅମନ୍ କୁମାର ଏବଂ ବିହାରର ରବି କୁମାର । ଦୁଇ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପରେ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ ଲାଇଫ୍ ଗାର୍ଡ ।

## ଲଘୁଚାପ ଜନିତ ଲଗାଣ ବର୍ଷା: କାଦୁଆ ନଦୀରେ ବନ୍ୟା ସ୍ଥିତି

# ଚାରି ପଞ୍ଚାୟତର ଶହ ଶହ ହେକ୍ଟର ଧାନଜମି ଜଳମଗ୍ନ



କାକଟପୁର,୧୯।୭(ନିପ୍ର): ଲଘୁଚାପ ପ୍ରଭାବରେ ଗତ ଚାରି ଦିନ ଧରି କାକଟପୁର-ଅସ୍ତରଙ୍ଗ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି । ପ୍ରାୟ ୨୦୦ ମିଲିମିଟରରୁ ଅଧିକ ବର୍ଷା ହେବା ସହ କାଦୁଆ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ କାକଟପୁର ବ୍ଲକର ବାଙ୍ଗୁରୀଗାଁ, ଅବଦାନ, କାଦୁଆ ନୂଆଗାଁ ଓ ଜଳେଶ୍ୱରପଡା ପଞ୍ଚାୟତର ଶହ ଶହ ହେକ୍ଟର ଚାଷ ଜମି ଆଣ୍ଠୁଏ ପାଣିରେ ବୁଡ଼ି ରହିଛି । ଅନେକ ସ୍ଥାନରେ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଘୋର ନିରାଶା ଭାବ ଦେଖାଦେଇଛି । ସାଧାରଣତଃ କାଦୁଆ ନଦୀର ବର୍ଷାଜଳ ଅସ୍ତରଙ୍ଗ କେଳୁଣୀ ମୁହାଣ ଦେଇ ସମୁଦ୍ରକୁ ନିଷ୍କାସିତ ହୋଇଥାଏ । ମାତ୍ର ସମୁଦ୍ରରେ ଜୁଆର ଥିବାରୁ ବନ୍ୟାଜଳ ସଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ । ଏହା ସହ କାଦୁଆ ନଦୀରେ ନିର୍ମିତ ଆନିକଟର କବାଟ ଠିକ୍ ସମୟରେ ସମ୍ପୂର୍ଣ୍ଣ ଖୋଲା ଯାଇନଥିବାରୁ ଜଳନିଷ୍କାସନ ବାଧାପ୍ରାପ୍ତ ହେଉଥିବା ସ୍ଥାନୀୟ ଲୋକ ଓ ଚାଷୀମାନେ ଅଭିଯୋଗ କରିଛନ୍ତି । ବିଶେଷ କରି ବାଙ୍ଗୁରୀଗାଁ ପଞ୍ଚାୟତର କଣିଆ, ବାଣିଆ, ଛୋଟିପଡା, ବାଙ୍ଗୁରୀଗାଁ ସମେତ ଅନେକ ଗାଁର ଚାଷ ଜମିରେ ଲୁଣାପାଣି ପ୍ରବେଶ କରିଛି । କାଦୁଆ-ପ୍ରାଚୀ ନଦୀର ଲେଉଟାଣି ପାଣି ବିଭିନ୍ନ ଚାଷ ଜମି ସହ ପାନ ବରଜରେ ମଧ୍ୟ ପଶିଥିବାରୁ କ୍ଷତିର ପରିମାଣ ଆହୁରି ବଢ଼ିଛି । ଚଳିତ ବର୍ଷ ଧାନ ଚାଷ କିପରି ହେବ, ସେ ନେଇ ଚାଷୀମାନଙ୍କ ଚିନ୍ତା ବଢ଼ିଛି । ପ୍ରଶାସନ ପକ୍ଷରୁ ତୁରନ୍ତ ଜଳନିଷ୍କାସନ ବ୍ୟବସ୍ଥା କରିବା ସହ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ଚାଷୀମାନେ ଦାବି କରିଛନ୍ତି ।

### ଫାର୍ମାସିଷ୍ଟ ଦେଖାଇଲେ ମାନବିକତା

# ଆମ୍ବୁଲାନ୍ସ ଭିତରେ ଗର୍ଭବତୀଙ୍କ ଶିଶୁ କନ୍ୟା ପ୍ରସବ

ବଲାଙ୍ଗିର,୧୯।୭: ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ଭୁବନେ ପାଣ୍ଡେ ମହାନତା ଦେଖାଇ ଏକ ନବଜାତ ଶିଶୁ କନ୍ୟାର ଜୀବନ ବଞ୍ଚାଇଲେ । ରବିବାର ସ୍ଥାନୀୟ ଖଲିଆଖମାର ଗ୍ରାମରୁ ଗର୍ଭବତୀଙ୍କୁ ଆଣିବା ସମୟରେ ରାସ୍ତାରେ ଯିବା ବେଳେ ପ୍ରସବ ବେଦନା ବଢ଼ି ଯାଇଥିଲା । ଆମ୍ବୁଲାନ୍ସ ଭିତରେ ହିଁ ଫାର୍ମାସିଷ୍ଟ ଜଣକ ନିଜ ଅଭିଜ୍ଞତା ଓ ସାହସରେ ସୁରକ୍ଷିତ ଭାବେ ଶିଶୁ କନ୍ୟାର ପ୍ରସବ କରାଇଲେ । ମା ଓ ଝିଅ ଉଭୟ ସୁସ୍ଥ ଅଛନ୍ତି । କିଛି ମିନିଟ ଭିତରେ ମୃତ୍ୟୁ ଓ ଜୀବନର ଫରକ ଥାଏ । ସେହି ସମୟରେ ୧୦୮ ଟିମ୍ ଦେଖାଇଥିବା ତତ୍ପରତା ଓ ସେବା ଭାବନା ସତରେ ପ୍ରଶଂସନୀୟ । ଏଇ ଘଟଣା ଆମକୁ ଶିଖାଏ ଯେ ସେବା ହିଁ ସବୁଠୁ ବଡ଼ ଧର୍ମ । ଏହି ମହତ କାର୍ଯ୍ୟରେ ସହଯୋଗୀ ହେମ ସାଗର ଗିଭେଲ ଓ ଚାଳକ ବାବୁଲା ସାହୁ ସହଯୋଗ କରିଥିଲେ ।

### କଟକରେ ଜଳବନ୍ଦୀ ପାଇଁ ଦାୟୀ କିଏ ?

# ମୋକିମ-ସୁବାସ ସିଂହ ମୁହାଁମୁହିଁ

କଟକ,୧୯।୭: କଟକରେ ଜଳବନ୍ଦୀ ସମସ୍ୟାକୁ ନେଇ ଦୁଇ ରାଜନେତା ମୁହାଁମୁହିଁ । କଟକ ମେୟର ସୁବାସ ସିଂହ ଏବଂ ଓଡ଼ିଶା ଜନତା କଂଗ୍ରେସ ପ୍ରତିଷ୍ଠାତା ମହମ୍ମଦ ମୋକିମ୍ ଆରୋପ ଏବଂ ପ୍ରତ୍ୟାରୋପ କରିଛନ୍ତି । ମହମ୍ମଦ ମୋକିମ୍ କଟକର ଦୁଃଖ । ଏଭଳି ଟିପ୍ପଣୀ ଦେଇଛନ୍ତି କଟକ ମେୟର ତଥା ବିଜେଡି ପ୍ରବକ୍ତା ସୁବାସ ସିଂହ । କଟକ ସହରରେ ଥିବା ସଂଖ୍ୟାଧିକ ଜଳାଶୟ ପୋତି ମହମ୍ମଦ ମୋକିମ୍ ଆପାର୍ଟମେଣ୍ଟ ଛିଡା କରିଛନ୍ତି । ଜଳାଶୟ ପୋତି ନିଜର ରିୟଲ ଇଷ୍ଟେଟ ବେପାର ବଢାଇଛନ୍ତି ମହମ୍ମଦ ମୋକିମ୍ । ତେଣୁ ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ମେୟର ସୁବାସ ସିଂହ । ସହରରେ ଜଳାଶୟ ପୋତାଯିବାରୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଲା । ଅଧିକ ବର୍ଷା ଜଳ ବିଭିନ୍ନ ସାହି, ବସ୍ତିରେ ଥିବା ଜଳାଶୟକୁ ଚାଲିଯାଉଥିଲା । ତେଣୁ ସହରରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉନଥିଲା ବୋଲି କହିଛନ୍ତି ମେୟର । ସେପଟେ ସୁବାସ ସିଂହଙ୍କ ଏଭଳି ଅଭିଯୋଗର ଜବାବ ରଖି ଓଡିଶା ଜନତା କଂଗ୍ରେସ ପ୍ରତିଷ୍ଠାତା ମହମ୍ମଦ ମୋକିମ୍ କହିଛନ୍ତି ଯେ, ସୁବାସ ସିଂହଙ୍କ ଦଳ ଶାସନରେ ଥିବା ସମୟରେ ପ୍ରଶାସନ ଅନୁମତିରେ ସହରରେ ନିର୍ମାଣ କାମ କରିଛି ତାଙ୍କ ରିୟଲ ଏଷ୍ଟେଟ କମ୍ପାନୀ । ଏନେଇ ସବୁ ପ୍ରକାର ସରକାରୀ ନିୟମ ମାନି ନିର୍ମାଣ କାର୍ଯ୍ୟ ହୋଇଥିବା ମୋକିମ କହିଛନ୍ତି । ଏହା ସହ ସୁବାସ ସିଂହଙ୍କୁ ଆକ୍ଷେପ କରି ମୋକିମ୍ କହିଛନ୍ତି, ସହରକୁ ଜଳବନ୍ଦୀ କରିବା ନାଁ ରେ ମେୟର କୋଟି କୋଟି ଟଙ୍କା ଚଳୁ କରିଛନ୍ତି । ଏବେ ବର୍ଷା ବେଳେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହେଲେ ଅନ୍ୟ ମୁଣ୍ଡରେ ଦୋଷ ଲଦି ମେୟର ଖସିଯିବାକୁ ଚେଷ୍ଟା କରୁଛନ୍ତି ବୋଲି ମୋକିମ କହିଛନ୍ତି । ସେପଟେ ମେୟର ସୁବାସ ସିଂହ କହିଛନ୍ତି, କଟକ ସହରରେ ଜଳାଶୟ ପୋତି କୋଠା ନିର୍ମାଣ ବିରୋଧରେ ସେ ଅଦାଲତ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ।

### ବେଲଗୁଣ୍ଠା ପାଇଁ ଗୌରବ

# ନିଟ୍‌ରେ କୃତିତ୍ୱ ହାସଲ କଲେ ଜସ୍ମିନ୍ ଓ ଅନୁରାଗ



ବେଲଗୁଣ୍ଠା,୧୯।୭(ନିପ୍ର): ଚଳିତ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ସମଗ୍ର ବେଲଗୁଣ୍ଠା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଦୁଇ ମେଧାବୀ ଜସ୍ମିନ୍ ଓ ଅନୁରାଗ । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏବେ ଖୁସି ଓ ଉତ୍ସାହର ଲହରୀ ଖେଳିଯାଇଛି । ବେଲଗୁଣ୍ଠାର ଏକ ଅତ୍ୟନ୍ତ ଆର୍ଥିକ ଅନଗ୍ରସର ପରିବାରରୁ ଆସିଥିବା ଛାତ୍ରୀ ଜସ୍ମିନ୍ ପାଣିଗ୍ରାହୀଙ୍କ ସଫଳତା ଆଜି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି । ସର୍ବଭାରତୀୟ ସ୍ତରରେ ୫,୨୪୮ ରାଙ୍କ ରଖି ଜସ୍ମିନ୍ ନିଜର ଡାକ୍ତରୀ ପଢ଼ିବା ସ୍ୱପ୍ନକୁ ସାକାର କରିବାକୁ ଯାଉଛନ୍ତି । ସେହିପରି ପରି ବେଲଗୁଣ୍ଠା ବଡ଼ଦାଣ୍ଡ ସାହି ନିବାସୀ ବେଲଗୁଣ୍ଠାର ବିଶିଷ୍ଟ ବ୍ୟବସାୟୀ ରଜତ କୁମାର ସାହୁଙ୍କ ସୁପୁତ୍ର ଅନୁରାଗ ସାହୁ ମଧ୍ୟ ନିଟ୍ ପରୀକ୍ଷାରେ ସଫଳତା ପାଇ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି । ସେ ସର୍ବଭାରତୀୟ ସ୍ତରରେ ୧୩,୭୦୦ ରାଙ୍କ ହାସଲ କରିଛନ୍ତି । ସେମାନେ ଆଗାମୀ ଦିନରେ ଜଣେ ଜଣେ ଭଲ ଡାକ୍ତର ହୋଇ ସମାଜର ଗରିବ ଓ ନିଷ୍ପେସିତ ଲୋକଙ୍କର ସେବା କରନ୍ତୁ ଏବଂ ଦେଶ ଗଠନରେ ନିଜର ଅବଦାନ ରଖନ୍ତୁ ବୋଲି ସ୍ଥାନୀୟଲୋକେ ଆଶା ବ୍ୟକ୍ତ ପୂର୍ବକ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

### ହଷ୍ଟେଲ ଛାତ୍ରଙ୍କ ମୁଣ୍ଡରେ ପୋକ

# ଜୀବନ ସହ ସଂଗ୍ରାମ କରୁଛି ଶିଶୁ: ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଅଭିଭାବକ

ଚମ୍ପୁଆ,୧୯।୭: କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଞ୍ଚାୟତର ବାସୁଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡରେ ହୋଇଥିବା ସାମାନ୍ୟ କ୍ଷତ ଭୟଙ୍କର ସଂକ୍ରମଣର ରୂପ ନେବା ଘଟଣାରେ ପୀଡିତ ଛାତ୍ରଙ୍କ ପିତା ନ୍ୟାୟ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପୁଅର ଏହି ଅବସ୍ଥା ପାଇଁ ସେ ସ୍କୁଲ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ଦାୟୀ କରିଛନ୍ତି । ପୀଡ଼ିତ ଛାତ୍ର କପିଳେଶ୍ୱର ମୁଣ୍ଡାଙ୍କ ପିତା କାଳିଆ ମୁଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ଗ୍ରୀଷ୍ମ ଛୁଟିରେ ପୁଅର ମୁଣ୍ଡରେ ଏକ ବ୍ରଣ ପରି ଘା' ହୋଇଥିଲା । ସେ ପୁଅକୁ ଘରେ ରଖି ଚିକିତ୍ସା କରୁଥିଲେ । ତେବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାରମ୍ବାର ତାଙ୍କୁ ପୁଅକୁ ଆଣି ହଷ୍ଟେଲରେ ଛାଡ଼ିବା ପାଇଁ ଫୋନ କରିବାରୁ ସେ ପୁଅକୁ ଆଣି ହଷ୍ଟେଲରେ ଛାଡ଼ିବା ସହ ପୁଅର ଅବସ୍ଥା ବିଷୟରେ ଅବଗତ କରିଥିଲେ । ସେତେବେଳେ ପ୍ରଧାନଶିକ୍ଷକ ନିଜେ ଦାୟିତ୍ୱ ନେଇ ପିଲାକୁ ହସ୍ପିଟାଲ ନେବା ସହ ଚିକିତ୍ସା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଦୁର୍ଭାଗ୍ୟର ବିଷୟ, ହଷ୍ଟେଲରେ ରହିବାର ୧୫ ଦିନ ବିତି ଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ପିଲାର ଚିକିତ୍ସା କରାଇ ନଥିଲେ । ଚିକିତ୍ସାରେ ଅବହେଳା ଯୋଗୁଁ ଛାତ୍ରଙ୍କ ମୁଣ୍ଡରେ ଥିବା କ୍ଷତ ସଂକ୍ରମିତ ହୋଇ ପୂଜ ବାହାରିବା ସହ ପୋକ ହୋଇଯାଇଛି । ସ୍ଥିତି ଏତେ ଗୁରୁତର ଯେ, ପୋକଗୁଡ଼ିକ ମୁଣ୍ଡର ଖପୁରୀ ଭେଦ କରି ମସ୍ତିଷ୍କ ପର୍ଯ୍ୟନ୍ତ ସଂକ୍ରମଣ କରିଥିବା ଡାକ୍ତର ସୂଚନା ଦେଇଛନ୍ତି । ବର୍ତ୍ତମାନ ପିଲାଟି ମୃତ୍ୟୁ ସହ ସଂଗ୍ରାମ କରୁଛି । ଏଭଳି ଦାୟିତ୍ୱହୀନତା ପାଇଁ ପ୍ରଧାନ ଶିକ୍ଷକ ଓ ହଷ୍ଟେଲ ପରିଚାଳନାରେ ଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୀଡ଼ିତ ପରିବାର କେନ୍ଦୁଝର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜଣେ ଗରିବ ଆଦିବାସୀ ପିଲାର ଜୀବନ ସହ ଖେଳ ଖେଳିଥିବା ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ନୂତନ ରେଳପଥ ପାଇଁ ଆଉ ଏକ ପାଦ ଆଗେଇଛି ପ୍ରଶାସନ

ଜୟପୁର,୧୯।୭: କୋରାପୁଟ ଜିଲ୍ଲା ଜୟପୁର-ନବରଙ୍ଗପୁର ବହୁ ପ୍ରତୀକ୍ଷିତ ନୂତନ ରେଳପଥ ପ୍ରକଳ୍ପକୁ ନେଇ ଆଉ ଏକ ବଡ଼ ପଦକ୍ଷେପ । ଜମି ଅଧିଗ୍ରହଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଂଚିବା ପରେ ବୋରିଗୁମ୍ମା ପ୍ରଶାସନ ପକ୍ଷରୁ ଅଧିଗୃହୀତ ଜମିକୁ ରେଳ ବିଭାଗ ନିକଟରେ ହସ୍ତାନ୍ତର କରିବା କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ବୋରିଗୁମ୍ମା ତହସିଲ ଅନ୍ତର୍ଗତ ୧୩ଟି ଗାଁର ବେସରକାରୀ ଜମି ହସ୍ତାନ୍ତର ପ୍ରକ୍ରିୟା ଚାଲିଥିବାବେଳେ ସେଥିମଧ୍ୟରୁ ଆଉଁଳି ଓ ବରୋଗାଁ ମୌଜାର ଜମିକୁ ଆନୁଷ୍ଠାନିକ ଭାବେ ରେଳ ବିଭାଗର ଅଧିକାରୀଙ୍କ ନିକଟରେ ହସ୍ତାନ୍ତର କରାଯାଇଛି । ସ୍ୱତନ୍ତ୍ର ଭୂର୍ଜନ ଅଧିକାରୀ, ରେଳ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଏହି ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଥିବାବେଳେ ଅବଶିଷ୍ଟ ଜମିକୁ ମଧ୍ୟ ପର୍ଯ୍ୟାୟ କ୍ରମେ ରେଳ ବିଭାଗକୁ ହସ୍ତାନ୍ତର କରାଯିବ । ଏହାପରେ ରେଳପଥ ନିର୍ମାଣ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି ।

# ଲିଫ୍ଟ ଦେବାକୁ କହି ମହିଳାଙ୍କୁ ଅପହରଣ !

ଭୁବନେଶ୍ୱର,୧୯।୭: ନିକଟସ୍ଥ ପିତାପଲ୍ଲୀ ଜଙ୍ଗଲରେ ଜଣେ ମହିଳା ଅପହରଣ ଏବଂ ଯୌନ ନିର୍ଯାତନା ଉଦ୍ୟମରୁ ରକ୍ଷା ପାଇଛନ୍ତି । ଦୁଇଜଣ ବ୍ୟକ୍ତି ତାଙ୍କୁ ଲିଫ୍ଟ ଦେବାକୁ କହି ଜଙ୍ଗଲକୁ ନେଇଥିଲେ । ତେବେ ମହିଳା ଜଣକ ଖସି ପଳାଇ ପୋଲିସ ସହିତ ଯୋଗାଯୋଗ କରିବାରେ ସଫଳ ହେବାପରେ ଅଭିଯୁକ୍ତମାନଙ୍କୁ ଇନଫୋ ଭ୍ୟାଲି ପୋଲିସ ହେପାଜତକୁ ନେଇଛି । ଦୁଇଜଣ ବ୍ୟକ୍ତି ମିଥ୍ୟା ବାହାନାରେ ମହିଳାଙ୍କୁ ଲିଫ୍ଟ ଦେବାକୁ କହିଥିଲେ । ତାଙ୍କୁ ଅନୁରୋଧ କରାଯାଇଥିବା ଗନ୍ତବ୍ୟସ୍ଥଳକୁ ନେବା ପରିବର୍ତ୍ତେ ସେମାନେ ତାଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ନିର୍ଜନ ପିତାପଲ୍ଲୀ-ମେଣ୍ଢାଶାଳ ଜଙ୍ଗଲ ଭିତରକୁ ଗାଡ଼ି ଚଳାଇ ଯାଇଥିଲେ । ବିପଦ ଅନୁଭବ କରି, ମହିଳା ଜଣକ ଚଳନ୍ତା ଗାଡ଼ିରୁ ଡେଇଁ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ ବୋଲି କୁହାଯାଇଛି । ସେ ତୁରନ୍ତ ତାଙ୍କ ମୋବାଇଲ୍ ଫୋନ୍ ଯୋଗେ ପୋଲିସ ସହିତ ଯୋଗାଯୋଗ କରିଥିଲେ । ପୋଲିସ ଟିମ୍ ତାଙ୍କ ସ୍ଥାନ ଟ୍ରାକ୍ କରିଥିଲେ, ଜଙ୍ଗଲରୁ ତାଙ୍କୁ ଉଦ୍ଧାର କରିଥିଲେ ଏବଂ ଅପରାଧୀମାନଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ, ଯାହା ଫଳରେ ସେମାନେ ଗିରଫ ହୋଇଥିଲେ ।

# ମରଣ ଯନ୍ତା ପାଲଟିଛି ୫୭ନଂ ଜାତୀୟ ରାଜପଥ

## ପଥଚାରୀଙ୍କୁ ସଚେତନ କରାଇବାକୁ ପ୍ରୟାସ



ବୋଲଗଡ଼,୧୯।୭(ନିପ୍ର): କେନ୍ଦ୍ର ସରକାର ଜାତୀୟ ରାଜପଥ ନିର୍ମାଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ମରଣ ଯନ୍ତା ପାଲଟିଛି । ବୋଲଗଡ଼ ବ୍ଲକ ଅନ୍ତର୍ଗତ ରାଜସୁନାଖଳା ବସ୍‌ଷ୍ଟାଣ୍ଡ ନିକଟରେ ଜାତୀୟ ରାଜପଥ ରାସ୍ତାର ଅବସ୍ଥା ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି । ଜାତୀୟ ରାଜପଥ ରାସ୍ତା ମଝିରେ ଏକ ସରଳ ରେଖା ଭଳି ଲମ୍ବା ୨ ଫୁଟର ଖାଲ ସୃଷ୍ଟି ହୋଇଛି । ଏହା ଯାତାୟାତ କରୁଥିବା ଗାଡ଼ିଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଏହି ୨ ଫୁଟ ଖାଲ ଯୋଗୁଁ ଅନେକ ବାଇକ୍ ଆରୋହୀ, ଘରୋଇ ବସ, ଭାରୀଯାନ ଓ ଆମ୍ବୁଲାନ୍ସ, ଭାରସାମ୍ୟ ହରାଇ ରାସ୍ତାରେ ପଡି ଭାଙ୍ଗି ଯିବା ସହିତ ଯାତ୍ରୀମାନେ ଗୁରୁତର ଆହତ ହୋଇ ଛୋଟ, ବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ରାଜସୁନାଖଳା ଅଞ୍ଚଳବାସୀଙ୍କ ସୂଚନା ଅନୁଯାୟୀ, ଦୁଇ ମାସ ଧରି ଏହି ରାସ୍ତାଟି ଏପରି ଭାବରେ ରହିଛି । ବିଭାଗୀୟ ଅଧିକାରୀଙ୍କ ଉଦାସୀନତାକୁ ଦେଖି ସ୍ଥାନୀୟ ଲୋକେମାନେ ମାଟି ଆଣି ଏହି ଗାତକୁ ପୋତିଥିଲେ । ମାତ୍ର ଲଘୁଚାପ ବର୍ଷା ଯୋଗୁଁ ସମସ୍ତ ମାଟି ଧୋଇଯାଇ ପୁନର୍ବାର ସେହି ରାସ୍ତାରେ ଗାତଟି ଫୁଟି ବାହାରିଛି । ଫଳରେ ଗାଡ଼ିଗୁଡ଼ିକ ଖସିଯାଇ ଲଗାତାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ନଜର ପଡିନି । ଦୈନିକ ଦୁର୍ଘଟଣାକୁ ରୋକିବା ପାଇଁ ଏବଂ ଯାତ୍ରୀମାନଙ୍କୁ ଦୂରରୁ ସତର୍କ କରାଇବା ପାଇଁ ବାଧ୍ୟ ହୋଇ ସ୍ଥାନୀୟ ଲୋକେ ରାସ୍ତା ମଝିରେ ଏକ ପ୍ଲାଷ୍ଟିକ ବାକ୍ସ ରଖିବା ସହ ସେଥିରେ ଏକ ଛୋଟ ନାଲି ପତାକା ଟାଙ୍ଗି ଦେଇଛନ୍ତି । ଏହି ସୂଚନା ଫଳରେ ଗାଡ଼ି ଚାଳକମାନେ ଦୂରରୁ ବିପଦ ବାରି ସଚେତନ ହୋଇ ଯାଉଥିବାରୁ ଏବେ ଦୁର୍ଘଟଣା କିଛି ମାତ୍ରାରେ କମିଛି । ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ରାସ୍ତା ଦେଇ ବିଭାଗୀୟ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ, ବିଧାୟକ, ମାଜିଷ୍ଟ୍ରେଟ ଓ ମନ୍ତ୍ରୀମାନେ ପ୍ରତିଦିନ ଯାତାୟାତ କରୁଥିଲେ ମଧ୍ୟ ଏହି ବିପଦଜ୍ଜନକ ସ୍ଥାନ ପ୍ରତି କାହାରି ନଜର ପଡୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷ କେଉଁ ବଡ଼ ଦୁର୍ଘଟଣାକୁ ଅପେକ୍ଷା କରିଛନ୍ତି ବୋଲି ରାଜସୁନାଖଳା ବଣିକ ସଙ୍ଘ ସଭାପତି ପ୍ରକାଶ ଚନ୍ଦ୍ର ମାର୍ଥା, ସମ୍ପାଦକ ଘନଶ୍ୟାମ ସାହୁ ପ୍ରମୁଖ ପ୍ରଶ୍ନ କରିଛନ୍ତି । ତୁରନ୍ତ ଏହି ରାସ୍ତା ମରାମତି ନହେଲେ ଆଗାମୀ ଦିନରେ ଏହାକୁ ନେଇ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ରାଜସୁନାଖଳା ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ